୬ ଓଲ୍ଡ ଟ୍ରାଫୋର୍ଡରେ ଭାରତର ଦୁର୍ବଳ ବୋଲିଂ: ଇଂଲଣ୍ଡର ବିଶାଳ ସ୍କୋର



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୧୭୯ ● ୨୭ ଜୁଲାଇ ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-179 ●27th July 2025, Sunday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ୨ ଦିନିଆ ଗରିମା ଜାତୀୟ କର୍ମଶାଳା ଉଦ୍‌ଘାଟିତ

# ପରିମଳ କର୍ମଚାରୀଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ଜୀବନ ବୀମା ସହାୟତା ଘୋଷଣା

ଭୁବନେଶ୍ୱର, ୨୬।୭

ନ୍ୟୁଜ୍ ବ୍ୟୁରୋ

ଶନିବାର ଆୟୋଜିତ ହେଉଥିବା କର୍ମଶାଳା କେବଳ ଏକ ବୈଠକ ନୁହେଁ, ଏହା ଆମ ସହରକୁ ନିରନ୍ତର ଭାବରେ ପରିଚ୍ଛନ୍ନ ରଖୁଥିବା ପରିମଳ କର୍ମଚାରୀଙ୍କ ସୁରକ୍ଷା ଓ ସମ୍ମାନ ପ୍ରତି ଆମର ପ୍ରତିବଦ୍ଧତା। ସେମାନଙ୍କୁ ନ୍ୟାୟ, ସୁରକ୍ଷା ଓ ମର୍ଯ୍ୟାଦା ପ୍ରଦାନ କରିବା ହେଉଛି ଆମର ନୈତିକ ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଫେଇ କର୍ମଚାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଏକ ଜାତୀୟ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି । ଏହି ଦୁଇ ଦିନିଆ କର୍ମଶାଳାର ବିଷୟବସ୍ତୁ ହେଉଛି ପ୍ରମୁଖ ପରିମଳ କାର୍ଯ୍ୟର ରୂପାନ୍ତରୀକରଣ–ସୁରକ୍ଷା, ସମ୍ମାନ ଓ ସମାବେଶନ।

ଭୁବନେଶ୍ୱର ଲୋକସେବା ଭବନର କନ୍‌ଭେନ୍‌ସନ୍ ସେଣ୍ଟରରେ ଆୟୋଜିତ ଏହି ଜାତୀୟ କର୍ମଶାଳାରେ ମୁଖ୍ୟମନ୍ତ୍ରୀ କେତେକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ସେଗୁଡିକ ହେଲା ପରିମଳ କାର୍ଯ୍ୟରେ ନିୟୋଜିତ ଥିବା ପ୍ରମୁଖ ପରିମଳ କର୍ମଚାରୀ



(ସ୍ୱରେଜ ଓ ସେପ୍ଟିକ ଟାଙ୍କି ସଫେଇ କର୍ମଚାରୀ) ଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ଜୀବନ ବୀମା, କର୍ମ କ୍ଷେତ୍ରରେ ଜୀବନହାନୀ ପାଇଁ ୩୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ, ପ୍ରମୁଖ ପରିମଳ କର୍ମୀଙ୍କୁ ମୋବାଇଲ ଫୋନ ପ୍ରଦାନ, ପ୍ରଧାନମନ୍ତ୍ରୀ ଆବାସ (ସହରୀ) ଯୋଜନାରେ ବାସଗୃହ ପ୍ରଦାନ ଏବଂ ପରିମଳ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ପାଇଁ ଅଗଷ୍ଟ ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ୧୫ ଦିନିଆ ରାଜ୍ୟବ୍ୟାପୀ ଆଇଇସି ଆକ୍ଟିଭିଟି କରାଯିବ। ଏହା ସହିତ ପ୍ରତିବର୍ଷ ଓଡିଶାରେ ଏ ସମ୍ପର୍କିତ ଜାତୀୟ କର୍ମଶାଳା ଆୟୋଜନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ୭ଟି ରାଜ୍ୟ ଏବଂ ଓଡିଶାର ବିଭିନ୍ନ (ପୃଷ୍ଠା ୭ରେ)

## ଉତ୍ତର ଓଡ଼ିଶାରେ ବନ୍ୟା ଆଶଙ୍କା

# ସୁବର୍ଣ୍ଣରେଖା, ଜଳକା ଓ ବୈତରଣୀ ନଦୀରେ ଜଳସ୍ତର ବୃଦ୍ଧି

ବାଲେଶ୍ୱର, ୨୬।୭

ନ୍ୟୁଜ୍ ବ୍ୟୁରୋ

ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲାରେ ଅତ୍ୟଧିକ ବର୍ଷା ହୋଇଥିବାରୁ ଉତ୍ତର ଓଡ଼ିଶାର ସୁବର୍ଣ୍ଣରେଖା, ଜଳକା ଏବଂ ବୈତରଣୀ ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଏଥିଯୋଗୁ ତଳିଆ ଅଞ୍ଚଳରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି।

ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ଜଳ ସମ୍ପଦ ବିଭାଗରେ ଚବିଶ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟରତ ରହିଛି ଓ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଉଛି। ଉତ୍ତର ଓଡ଼ିଶାର ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାପାଳମାନଙ୍କୁ ସତର୍କ କରାଯାଇଛି। ଆବଶ୍ୟକତା ଅନୁସାରେ ସ୍ଥାନୀୟ ବନ୍ୟା ସ୍ଥିତିକୁ ଦେଖି ତଳିଆ ଅଞ୍ଚଳର ଲୋକମାନଙ୍କୁ ଶୀଘ୍ର ନିରାପଦ ଉଚ୍ଚସ୍ଥାନକୁ ସ୍ଥାନାନ୍ତରଣ ଓ ରିଲିଫ କାର୍ଯ୍ୟ ପରିଚାଳନା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟ ଯନ୍ତ୍ରୀ ତଥା ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ ବେସିନ ଅବବାହିକା ପରିଚାଳକ, ମହାନଦୀ–ବ୍ରାହ୍ମଣୀ–ବୈତରଣୀ ସିଷ୍ଟମର ଚିଫ ଇଞ୍ଜିନିୟର ତଥା ବେସିନ ମ୍ୟାନେଜର, ମୁଖ୍ୟ ଯନ୍ତ୍ରୀ ଓ ବେସିନ ମ୍ୟାନେଜର, ବୈତରଣୀ ବେସିନ କ୍ଷେତ୍ରସ୍ତରରେ ଜିଲ୍ଲା ପ୍ରଶାସନ ସହିତ ସମନ୍ୱୟ ରଖି ବନ୍ୟାସ୍ଥିତି ତଦାରଖ କରୁଛନ୍ତି । ସୁବର୍ଣ୍ଣରେଖା ଓ ବୈତରଣୀରେ ଜଳସ୍ତର ବୃଦ୍ଧି



ପାଉଥିବାକୁ ଦୃଷ୍ଟିରେ ରଖି ଜଳ ସମ୍ପଦ ବିଭାଗର ଦୁଇଜଣ ସର୍ବୋଚ୍ଚ ଯନ୍ତ୍ରୀ ଭୁବନେଶ୍ୱରରୁ ସୁବର୍ଣ୍ଣରେଖା ବେସିନ ଓ ବୈତରଣୀ ବେସିନକୁ ଯାଇଛନ୍ତି। ସେମାନେ ସଂପୃକ୍ତ ବେସିନ ଗୁଡ଼ିକରେ ବନ୍ୟା ସ୍ଥିତିର ପରିଚାଳନା କରିବାକୁ କୁହାଯାଇଛି।

ମିଳିଥିବା ସୂଚନା ଅନୁସାରେ ବୈତରଣୀ ନଦୀର ଆନନ୍ଦପୁର ଠାରେ ଜଳ ସ୍ତର ୩୮. ୮୨ ମିଟରରେ ପ୍ରବାହିତ ହେଉଛି ଓ ଏହା କ୍ରମାଗତ ବୃଦ୍ଧି ପାଉଛି, ଏହାର ବିପଦ ସଙ୍କେତ ସ୍ତର ୩୮. ୩୬ ମିଟର ସେହିପରି, ଆଖୁଆପଦା ଠାରେ ଜଳସ୍ତର ୧୭. ୯୮ ମିଟର ରହିଛି ଓ ଏହା କ୍ରମାଗତ ବୃଦ୍ଧି ସ୍ଥିତିରେ ଅଛି । ଏହାର ବିପଦ ସଂକେତ ସ୍ତର ୧୮. ୩୩ ମିଟର ।

ଜଳକା ନଦୀରେ ମଥାନୀ ଠାରେ ଜଳସ୍ତର ୭. ୨୦ (ପୃଷ୍ଠା ୭ରେ)

### ବନ୍ୟା ସ୍ଥିତିର ସମୀକ୍ଷା କଲେ ଜିଲ୍ଲାପାଳ

ବାଲେଶ୍ୱର, ୨୬।୭ : ନ୍ୟୁଜ୍

ଜଳକା ନଦୀରେ ଜଳସ୍ତର ବୃଦ୍ଧି ପାଉଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟା ପ୍ରସ୍ତୁତିକୁ ତ୍ୱରାନ୍ୱିତ କରାଯାଇଛି। ଜଳସମ୍ପଦ ବିଭାଗର ପୂର୍ବାନୁମାନ ଅନୁଯାୟୀ, ସୁବର୍ଣ୍ଣରେଖା ନଦୀ ଶନିବାର ରାତି ସୁଦ୍ଧା ବିପଦ ସଙ୍କେତ ଅତିକ୍ରମ କରିବାର ସମ୍ଭାବନା ସୃଷ୍ଟି ହୋଇଛି। ତେଣୁ ଜଳେଶ୍ୱର, ଭୋଗରାଇ, ବାଲିଆପାଳ ଓ ବସ୍ତା ବ୍ଲକର ସମସ୍ତ କ୍ଷେତ୍ର ଅଧିକାରୀଙ୍କୁ ସଜାଗ ତଥା ସତର୍କ ରଖାଯାଇଛି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ବନ୍ୟା ପରିସ୍ଥିତିର (ପୃଷ୍ଠା ୭ରେ)

### ସୁରକ୍ଷାବାହିନୀର ଗୁଳିମାଡ଼ରେ ୪ ମାଓବାଦୀ ନିପାତ

ମାଲକାନଗିରି, ୨୬।୭

ନ୍ୟୁଜ୍ ବ୍ୟୁରୋ

ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ପୁଣି ମାଓବାଦୀ ଏବଂ ସୁରକ୍ଷାବାହିନୀ ମଧ୍ୟରେ ଗୁଳିବିନିମୟ ଘଟିଛି। ଏହି ଗୁଳିବିନିମୟରେ ୪ ଜଣ ନକ୍ସଲ ମୃତ୍ୟୁବରଣ କରିଛନ୍ତି। ବିଶେଷ ସୂତ୍ରରୁ ବିଜାପୁର ପୁଲିସ ଖବର ପାଇ ଦକ୍ଷିଣ ପଶ୍ଚିମ ଅଞ୍ଚଳରେ ନକ୍ସଲ କ୍ୟାମ୍ପ କରି ରହିଥିବା ଜାଣିବା ପରେ ପୁଲିସ ଚଢ଼ଉ କରିଥିଲେ। ଶନିବାର ସନ୍ଧ୍ୟାରେ ସୁରକ୍ଷାବାହିନୀ ଏବଂ ନକ୍ସଲଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଘଟଣାସ୍ଥଳରେ ଯବାନ ସର୍ଚ୍ଚ ଅପେରସନ କରୁଥିବା ବେଳେ ୪ ଜଣ ନକ୍ସଲଙ୍କ ମୃତଦେହ ଜବତ କରିବା ସହ ଏସଏଲଆର, ଇନସାସ ବନ୍ଧୁକ ସହିତ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ କରଯାଇଛି।

## ଅନିଶ୍ଚିତତାରେ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ

# ସବୁ ଟେଣ୍ଡର ବାତିଲ କଲା ଦିଲ୍ଲୀ ମେଟ୍ରୋ

ଭୁବନେଶ୍ୱର, ୨୬।୭

ନ୍ୟୁଜ୍ ବ୍ୟୁରୋ

ପ୍ରକଳ୍ପ କାର୍ଯ୍ୟ ଆରମ୍ଭରେ ବିଳମ୍ବ ଦର୍ଶାଇ ଏହି ଟେଣ୍ଡରଗୁଡିକୁ ବାତିଲ କରାଯାଇଥିବା ବେଳେ ପ୍ରକଳ୍ପ କାର୍ଯ୍ୟ କରୁଥିବା କମ୍ପାନୀ ସୈଗଲ ଇଣ୍ଡିଆ ଓ ରଞ୍ଜିତ ବିଲଡନ ସମେତ ଅନ୍ୟ କମ୍ପାନୀଗୁଡ଼ିକ ମଧ୍ୟ ନିଜର କ୍ଷତି ଭରଣା ପାଇଁ ଆଇନଗତ ପଦକ୍ଷେପ ନେବେ ବୋଲି ସୂଚନା ମିଳିଛି ।

ରାଜ୍ୟରେ ଦୀର୍ଘ ୮ମାସରୁ ଅଧିକ ସମୟ ଧରି ବନ୍ଦ ପଡ଼ିଥିବା ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ କାର୍ଯ୍ୟରେ ଶନିବାର ସମ୍ପୂର୍ଣ୍ଣ ପୂର୍ଣ୍ଣଚ୍ଛେଦ ପଡ଼ିଛି । ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଦାୟିତ୍ୱରେ ଥିବା ଦିଲ୍ଲୀ ମେଟ୍ରୋ



ରେଳ ନିଗମ ଜୁଲାଇ ୨୫ ତାରିଖରେ ସମସ୍ତ ଟେଣ୍ଡରକୁ ବାତିଲ କରିଦେଇଛି ।

ପ୍ରକଳ୍ପ କାର୍ଯ୍ୟ ଆରମ୍ଭରେ ବିଳମ୍ବ ଦର୍ଶାଇ ଏହି ଟେଣ୍ଡରଗୁଡ଼ିକୁ ବାତିଲ କରାଯାଇଥିବା ବେଳେ ପ୍ରକଳ୍ପ କାର୍ଯ୍ୟ କରୁଥିବା କମ୍ପାନୀ ସୈଗଲ ଇଣ୍ଡିଆ ଓ ରଞ୍ଜିତ ବିଲଡନ ସମେତ ଅନ୍ୟ କମ୍ପାନୀଗୁଡ଼ିକ ମଧ୍ୟ ନିଜର କ୍ଷତି ଭରଣା ପାଇଁ ଆଇନଗତ ପଦକ୍ଷେପ ନେବେ ବୋଲି ସୂଚନା ମିଳିଛି । ଏପଟେ ରାଜ୍ୟର ବିଜେପି ସରକାର ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପକୁ ବ୍ୟାପକ କରି କେନ୍ଦ୍ର ସରକାରଙ୍କ ସହଭାଗିତାରେ କାର୍ଯ୍ୟାନ୍ୱୟନ ନିମନ୍ତେ ପଦକ୍ଷେପ ନେଉଥିବା ଜଣାପଡ଼ିଛି ।

ପ୍ରାୟ ୬୨୫୬ କୋଟି ଟଙ୍କାର ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପର ଫେଜ–୧ କାର୍ଯ୍ୟ ସମ୍ପାଦନ ନିମନ୍ତେ ଚୁକ୍ତିବଦ୍ଧ ହୋଇଥିବା ଦିଲ୍ଲୀ ମେଟ୍ରୋ ରେଳ ନିଗମ ଜୁଲାଇ ୨୫ ତାରିଖରେ ସମସ୍ତ ଟେଣ୍ଡର ବାତିଲ କରିଦେଇଥିବା ଜଣାପଡ଼ିଛି। ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ୨୦୨୪ ଜୁନରୁ ଅଗଷ୍ଟ ମାସ ମଧ୍ୟରେ ଟେଣ୍ଡର ହାସଲ କରିଥିବା (ପୃଷ୍ଠା ୭ରେ)

# ସଂସଦ ରତ୍ନ ପୁରସ୍କାରରେ ୧୭ ସାଂସଦ ସମ୍ମାନିତ, ଭର୍ତ୍ତୃହରିଙ୍କୁ ସ୍ୱତନ୍ତ୍ର ପୁରସ୍କାର

ନୂଆଦିଲ୍ଲୀ, ୨୬।୭

ନୂଆଦିଲ୍ଲୀରେ ଶନିବାର ଦିନ ୧୭ ଜଣ ସାଂସଦଙ୍କୁ ସେମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସଂସଦ ରତ୍ନ ପୁରସ୍କାର–୨୦୨୫ ପ୍ରଦାନ କରାଯାଇଛି । ଏହି ସାଂସଦମାନଙ୍କ ମଧ୍ୟରେ ଅଛନ୍ତି ବିଜେପିରୁ ରବି କିଶନ, ନିଶିକାନ୍ତ ଦୁବେ ଏବଂ ଦିନେଶ ଶର୍ମା, କଂଗ୍ରେସରୁ ବର୍ଷା ଗାୟକୱାଡ ଏବଂ ଶିବସେନା–ୟୁବିଟିରୁ ଅରବିନ୍ଦ ସାୱନ୍ତ। ଏହି ପୁରସ୍କାରଗୁଡ଼ିକ ଏକ ବେସରକାରୀ ସଂଗଠନ ଦ୍ୱାରା ପ୍ରଦାନ କରାଯାଇଛି। ଏହି ଅବସରରେ ଗଣମାଧ୍ୟମ ସହିତ ଆଲୋଚନା କରି କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି, ଏହି ପୁରସ୍କାର ହେଉଛି ସାଂସଦଙ୍କ ଉତ୍କୃଷ୍ଟ ପ୍ରଦର୍ଶନର ସ୍ୱୀକୃତି । ସେ ଆଜି ଏହି ପୁରସ୍କାର ପାଇଥିବା ସମସ୍ତ ସାଂସଦଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି।




ଏହି ସମ୍ମାନରେ ଚାରିଟି ସ୍ୱତନ୍ତ୍ର ଜୁରି ପୁରସ୍କାର ମଧ୍ୟ ଅନ୍ତର୍ଭୁକ୍ତ, ଯାହା ଲଗାତାର ତିନି ଥର ସଂସଦୀୟ ଗଣତନ୍ତ୍ରରେ ସେମାନଙ୍କର ନିରନ୍ତର ଅବଦାନକୁ ସ୍ୱୀକୃତି ଦେଇଥାଏ । ଏନସିପି–ଏସପିରୁ ସୁପ୍ରିୟା ସୁଲେ, ବିଜେପିରୁ ସାଂସଦ ଭର୍ତ୍ତୃହରି ମହତାବ, ରିଭାଲୁସନାରି ସୋସାଲିଷ୍ଟ ପାର୍ଟିରୁ ଏନ କେ ପ୍ରେମଚନ୍ଦ୍ରନ ଏବଂ ଶିବସେନାରୁ ଶ୍ରୀରଙ୍ଗ ଆପା ବର୍ଣ୍ଣେଙ୍କୁ ଏହି ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଏମାନେ ସମସ୍ତେ ୧୬ତମ ଲୋକସଭା ପରଠାରୁ ଶ୍ରେଷ୍ଠ ପ୍ରଦର୍ଶନ ବଜାୟ ରଖିଛନ୍ତି। ଅନ୍ୟ ପୁରସ୍କାରପ୍ରାପ୍ତ ସାଂସଦମାନଙ୍କ ମଧ୍ୟରେ ସ୍ମିତା ଉଦୟ ୱାଘ (ବିଜେପି), (ପୃଷ୍ଠା ୭ରେ)

### ଜଳପ୍ରପାତରେ ବୁଡ଼ିଗଲେ ୨ ଡାକ୍ତରୀ ଛାତ୍ରଛାତ୍ରୀ

ଯୁଯୁମୁରା, ୨୬।୭

ନ୍ୟୁଜ୍ ବ୍ୟୁରୋ

ଦେବଝରଣରେ ପୁଣି ଅଘଟଣ ଘଟିଛି। ହର୍ଷୋଲ୍ଲସିତ ହୋଇ ଝରଣା ପାଣିରେ ଗାଧୋଇବା ବେଳେ ଦୁଇ ଜଣ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ଘଟିଛି । ଶନିବାର ଅପରାହ୍ନ ସମୟରେ ସାଙ୍ଗସାଥୀମାନଙ୍କ ସହିତ ଗାଧୋଇବା ବେଳେ ଡାକ୍ତରୀ ଛାତ୍ର ଓ ଛାତ୍ରୀଙ୍କର ମୃତ୍ୟୁ ଘଟିଛି । ମୃତ ଦୁଇ ଛାତ୍ରଛାତ୍ରୀ ବୁର୍ଲା ଭୀମସାରର ସନ୍ଦୀପ ପୁରୀ (୨୪) ଓ ମୋନିକା ମୀନା(ପୃଷ୍ଠା ୭ରେ)

## ନାବାଳିକାଙ୍କୁ ପୋଡି ମାରିବା ଉଦ୍ୟମ ଘଟଣା

# ପୁରୀ ଏସ୍‌ପି–କ୍ରାଇମବ୍ରାଞ୍ଚ ଟିମ୍ ମଧ୍ୟରେ ଆଲୋଚନା

ପୁରୀ, ୨୬।୭ : ନ୍ୟୁଜ୍ ବ୍ୟୁରୋ

ପୁରୀ ଜିଲ୍ଲାର ବଳଙ୍ଗା ଥାନା ଅଞ୍ଚଳରେ ୧୬ ବର୍ଷିୟା ନାବାଳିକାଙ୍କୁ ୩ ଜଣ ଦୁର୍ବୃତ୍ତ ରାସ୍ତାରୁ ଉଠାଇନେଇ ନଦୀପଠାରେ ଜୀବନ୍ତ ଜାଳି ମାରିଦେବାକୁ ଉଦ୍ୟମ ଘଟଣାକୁ ଇତିମଧ୍ୟରେ ୮ ଦିନ ବିତିଛି । ପୋଲିସ ଓ କ୍ରାଇମବ୍ରାଞ୍ଚ ପକ୍ଷରୁ ଏନେଇ ତଦନ୍ତ ଜାରି ରହିଛି । ଶନିବାର ଅପରାହ୍ନରେ ବଳଙ୍ଗା ଥାନାରେ ପହଞ୍ଚିଛନ୍ତି ପୁରୀ ଏସପି ପିନାକ ମିଶ୍ର। ସେ ଦିଲ୍ଲୀରୁ ଫେରିଥିବା କ୍ରାଇମବ୍ରାଞ୍ଚ ଟିମ୍ ସହ ଏନେଇ ଆଲୋଚନା କରିଛନ୍ତି ।

ପ୍ରକାଶ ଥାଉକି, ଶୁକ୍ରବାର ଦିଲ୍ଲୀ ଏମ୍ସରେ ବଳଙ୍ଗା ପୀଡ଼ିତାଙ୍କ ବୟାନ ରେକର୍ଡ଼ ହୋଇଥିଲା। କ୍ରାଇମବ୍ରାଞ୍ଚ, ପୋଲିସ, ମାଜିଷ୍ଟ୍ରେଟ ଓ ଡାକ୍ତରୀ ଦଳଙ୍କ ଉପସ୍ଥିତିରେ ପୀଡ଼ିତାଙ୍କ ବୟାନ୍ ରେକର୍ଡ଼ କରାଯାଇଥିଲା । ଏହି ବୟାନ୍ ରେକର୍ଡ଼ ସମୟରେ ପୀଡ଼ିତାଙ୍କ ପରିବାରର ଜଣେ (ପୃଷ୍ଠା ୭ରେ)

# ଅନଲାଇନରେ ନିଶାଦ୍ରବ୍ୟ ଚାଲାଣ ରାକେଟ ଠାବ: ୧୦୦ କୋଟିର କୋକେନ ଜବତ

ନୂଆଦିଲ୍ଲୀ, ୨୬।୭

ହ୍ୱାଟ୍‌ସଆପ କଲ ସେଣ୍ଟର ଖୋଲି ଅନଲାଇନରେ ହେଉଥିଲା ନିଶାଦ୍ରବ୍ୟ ଚାଲାଣ ଲକ୍ଷେ କି ଦୁଇ ଲକ୍ଷ ନୁହେଁ, କୋଟି କୋଟି ଟଙ୍କାର ନିଶାଦ୍ରବ୍ୟ ଚାଲାଣ କରୁଥିଲେ ବିଦେଶୀ ମାଫିଆ । ଆଉ ଏହାର କିଙ୍ଗପିନ ଥିଲେ ନାଇଜେରୀୟ ଯୁବକ। ଅନଲାଇନରେ ଅର୍ଡର କଲେ ଠିକଣା ଜାଗାରେ ପହଞ୍ଚି ଯାଉଥିଲା କୋକେନ, ଗଞ୍ଜେଇ। ଏଭଳି ଏକ ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଚାଲାଣ ରାକେଟକୁ ଠାବ କରିଛି ଦିଲ୍ଲୀ ପୁଲିସ। ଏହି ଘଟଣାରେ



ନାଇଜେରୀୟ କିଙ୍ଗପିନ କାଲିଷ୍ଟସ ସମେତ ୫ ବିଦେଶୀ ମାଫିଆଙ୍କୁ ପୁଲିସ ଗିରଫ କରିବା ସହିତ ୧୦୦ କୋଟି ଟଙ୍କାର କୋକେନ ଏବଂ ଗଞ୍ଜେଇ ଜବତ କରିଛି । ଅତି ସଂଘଠିତ ଭାବେ ଏମାନେ ଏହି ରାକେଟ ପରିଚାଳନା କରୁଥିଲେ।

ଦିଲ୍ଲୀ ପୁଲିସ ସ୍ପେଶାଲ କମିଶନର(କ୍ରାଇମ) ଦେବେଶ ଶ୍ରୀବାସ୍ତବ କହିଛନ୍ତି, ଏହି ସିଣ୍ଡିକେଟ ମାଲେସିଆ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଜାପାନ ଏବଂ ବ୍ରିଟେନରେ କାର୍ଯ୍ୟ କରୁଛି । ହ୍ୱାଟ୍‌ସଆପ ଜରିଆରେ ଏକ କଲସେଣ୍ଟର ମଡେଲ ବ୍ୟବହାର କରି ଡେଲିଭରି ଆପ୍‌ରେ ଯେପରି ଖାଦ୍ୟ ଦିଆଯାଏ ଠିକ (ପୃଷ୍ଠା ୭ରେ)

### ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୬।୭

ନ୍ୟୁଜ୍ ବ୍ୟୁରୋ

ବଙ୍ଗୋପସାଗରରେ ସକ୍ରିୟ ଥିବା ଲଘୁଚାପ ଅବପାତରେ ପରିଣତ ହେବା ପରେ ଏହା ପଶ୍ଚିମ ଓ ଉତ୍ତର ପଶ୍ଚିମ ଦିଗକୁ ଗତି କରୁଛି। ଏହାର ପ୍ରଭାବରେ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ରହିଛି। ଫଳରେ ବିଭିନ୍ନ ଜିଲାରେ ଜଳବନ୍ଦୀ ସମସ୍ୟା ଦେଖାଦେଇଥିବାବେଳେ ଜନଜୀବନ ପ୍ରଭାବିତ ହୋଇଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁସାରେ, ରାଜ୍ୟରେ ଆସନ୍ତା ୨୮ ତାରିଖ ଯାଏ ପ୍ରବଳ ବର୍ଷା (ପୃଷ୍ଠା ୭ରେ)

### ଏକାଳ ପଖାଳ



ପାକିସ୍ତାନ ପୁଣି ହତାଶ
ଚିନ୍ତାଟା ଏସିଆ କପ
ସେପ୍ଟେମ୍ବର ମାସେ ଖେଳ ଚାଲିବ
ଭେଟ ହେବ ତାର ବାପ
ଚାରିଆଡେ ତାର ଚାପ
ବାଂଲା ବାଲାବି କୁନ୍ଥୁକୁନ୍ଥୁ
ହେଲେ ଢୋକୁଥାଏ ଛେପ।

# ପାଣିପାଗ : ଆଜି ଯାଏଁ ସ୍ୱାଭାବିକ ଠାରୁ ୧୯% ଅଧିକ ବର୍ଷା



ଭୁବନେଶ୍ୱର, ୨୬।୭

ନ୍ୟୁଜ୍ ବ୍ୟୁରୋ

ରାଜ୍ୟର ପାଣିପାଗ ନେଇ ସୂଚନା ଦେଇଛନ୍ତି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶକ ଡକ୍ଟର ମନୋରମା ମହାନ୍ତି। ସେ କହିଛନ୍ତି, ଅବପାତ ଉତ୍ତର ଛତିଶଗଡ଼ ଓ ଝାଡ଼ଖଣ୍ଡ ଆଡ଼େ ଅଛି । ଏହି କାରଣରୁ ଆଗାମୀ ୨୪ ଘଣ୍ଟାରେ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି କାରଣରୁ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ସୋନପୁର ଓ ଅନୁଗୁଳରେ ବର୍ଷା ହେବ। ଠିକ ସେହିପରି ଉପକୂଳରେ ମଧ୍ୟମ ଧରଣର ବର୍ଷା ହେବ। ବିଜୁଳି, ଘଡ଼ଘଡ଼ି ଓ ଝଟକା ପବନ ୩୦ରୁ ୪୦ କିଲୋମିଟର ବେଗରେ ବହିବ। ଆଗାମୀ ଦୁଇ ଦିନ ପାଇଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ବାରଣ କରାଯାଇଛି।

ସେ ଆହୁରି କହିଛନ୍ତି, ରବିବାର ଠାରୁ ରାଜ୍ୟରେ ବର୍ଷା କମିବ। ରବିବାର ଠାରୁ ଓଡ଼ିଶାରୁ ୱାର୍ଣ୍ଣିଂ ହଟିବ। କେବଳ ବିଜୁଳି ଓ ଘଡ଼ଘଡ଼ି ପାଇଁ ୟେଲୋ ୱାର୍ଣ୍ଣିଂ ରହିବ। ୧୮୨ ଏମଏମ ସହ ସବୁଠାରୁ ଅଧିକ ବର୍ଷା ମୟୂରଭଞ୍ଜ ଜିଲ୍ଲା ମୋରଡାରେ ହୋଇଛି । ଜୁନ ୧ ତାରିଖରୁ ଆଜି ଯାଏଁ ସ୍ୱାଭାବିକ ଠାରୁ ୧୯% ଅଧିକ ବର୍ଷା ହୋଇଥିବା ରେକର୍ଡ ହୋଇଛି।

# ଆତଙ୍କବାଦକୁ ସମର୍ଥନ କରୁଥିବା ଲୋକଙ୍କୁ ଛଡାଯିବ ନାହିଁ

ନୂଆଦିଲ୍ଲୀ, ୨୬।୭

ଅପରେସନ ସିନ୍ଦୂର ସମୟରେ କରାଯାଇଥିବା ସର୍ଜିକାଲ ଷ୍ଟ୍ରାଇକ ପାକିସ୍ତାନକୁ ଏକ ସିଧାସଳଖ ବାର୍ତ୍ତା ଦେଇଥିଲା ଯେ ଯେଉଁମାନେ ଆତଙ୍କବାଦକୁ ସମର୍ଥନ କରନ୍ତି ସେମାନଙ୍କୁ ଛଡାଯିବ ନାହିଁ । ଶନିବାର କାରଗିଲ ବିଜୟ ଦିବସ ଅବସରରେ ଲଦାଖର ଦ୍ରାସରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ଏଭଳି କହିଛନ୍ତି ଭାରତୀୟ ସେନାର ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ । ଏହାସହିତ ସେ ଆହୁରି ମଧ୍ୟ କହିଛନ୍ତି ଯେ ପହଲଗାମ ଆତଙ୍କବାଦୀ ଆକ୍ରମଣର ଏକ ଜବାବ ଥିଲା ଅପରେସନ ସିନ୍ଦୂର ଯାହା ଯେଉଁ ଆକ୍ରମଣ



ସମଗ୍ର ଦେଶକୁ ଗଭୀର ଆଘାତ ଦେଇଥିଲା। ଭାରତ ସେହି ଆକ୍ରମଣରେ ଶୋକ ପ୍ରକାଶ କରିବା ସହ ମୁହଁତୋଡ ଜବାବ ମଧ୍ୟ ଦେଇଛି। (ପୃଷ୍ଠା ୭ରେ)

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୭ ଜୁଲାଇ ୨୦୨୫ ରବିବାର






# ନାରୀ ସଶକ୍ତିକରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଟିପିସିଓଡିଏଲ୍‌କୁ ସିଏସ୍ଆର୍ ଟାଇମ୍ସ ପୁରସ୍କାର

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିସିଓଡିଏଲ୍) ଦିଲ୍ଲୀରେ ଆୟୋଜିତ ୧୨ତମ ଜାତୀୟ ସିଏସ୍ଆର ସମ୍ମିଳନୀ ୨୦୨୫ ରେ ଗରିମାମୟ ସିଏସ୍ଆର ଟାଇମ୍ସ ପୁରସ୍କାର ପ୍ରାପ୍ତ କରିଛି। ଏହି ପୁରସ୍କାର 'ଅନୋଖା ଧାଗା' ଅଧୀନରେ ଟିପିସିଓଡିଏଲ୍‌ର ପ୍ରମୁଖ ପଦକ୍ଷେପ 'ସମୃଦ୍ଧି' କୁ ସ୍ୱୀକୃତି ପ୍ରଦାନ କରୁଛି, ଯାହା ଦକ୍ଷତା ବିକାଶ ଏବଂ ପାରମ୍ପରିକ କଳା ଓ ହସ୍ତଶିଳ୍ପ ଉଦ୍ୟୋଗର ପ୍ରସାର ମାଧ୍ୟମରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ କାର୍ଯ୍ୟ କରିଥାଏ। ରୋଶନି କେନ୍ଦ୍ର ମାଧ୍ୟମରେ କାର୍ଯ୍ୟକାରୀ ହୋଇଥିବା ଏହି ପଦକ୍ଷେପ, ମହିଳାମାନଙ୍କୁ ପରିବେଶ ଅନୁକୂଳ ଝୋଟ ଆଧାରିତ ଉତ୍ପାଦ ତିଆରି କରିବାରେ ସହାୟତା କରି, ସେମାନଙ୍କୁ ଦୀର୍ଘସ୍ଥାୟୀ ଜୀବିକା ପ୍ରଦାନ କରୁଛି । ଏହି ପଦକ୍ଷେପ ମାନବ କେନ୍ଦ୍ରିତ ବିକାଶ ଓ ଟିପିସିଓଡିଏଲ୍‌ର ସାମାଜିକ ଦାୟିତ୍ୱବୋଧକୁ ପ୍ରୋତ୍ସାହନ ଦେଉଛି। ସ୍ଥାନୀୟ ଲୋକକଳାକୁ ପୁନର୍ଜୀବିତ କରିବା ଓ ଆୟ ସୃଷ୍ଟିର ଅବସର ଦେଇ ଟିପିସିଓଡିଏଲ୍ ମହିଳାଙ୍କୁ ତାଙ୍କ ପରିବାର ଓ ସମୁଦାୟ ପାଇଁ ଏକ ଦୃଢ଼ ଭୂମିକା ଗ୍ରହଣ କରିବା ପାଇଁ ସମର୍ଥ କରୁଛି। କମ୍ପାନୀ ଏହାର କାର୍ଯ୍ୟକ୍ଷେତ୍ରରେ ଅର୍ଥପୂର୍ଣ୍ଣ ସିଏସ୍ଆର୍ ପଦକ୍ଷେପ ମାଧ୍ୟମରେ ସାମାଜିକ ପ୍ରଭାବକୁ ପ୍ରୋତ୍ସାହିତ କରିବା ପାଇଁ ସମର୍ପିତ ରହିଛି ।

## ପୋଲିସ ବିଭାଗର କୋଟି କୋଟି ଟଙ୍କା ପାଣିରେ ପଡ଼ିଲା

# କିଣାଯାଇଥିବା ବାଇକ୍ ଓ ସ୍କୁଟର ଏବେ ଖତ ଖାଉଛି

**କଟକ, ନ୍ୟୁଜ୍ ବ୍ୟୁରୋ**

ପୋଲିସ ଅଫିସରଙ୍କ ପାଇଁ ସ୍ପିଡ୍ ବାଇକ୍ ଓ ମହିଳା ଅଫିସରଙ୍କ ଲାଗି ସ୍କୁଟି କିଣାଯାଇଛି। ସେହିପରି ଦୁର୍ଗମ ଇଲାକା ଓ ଟ୍ରାଫିକ୍ ପୋଲିସ ପାଟ୍ରୋଲିଂରେ ବ୍ୟବହାର ପାଇଁ ବୁଲେଟ୍ କିଣାଯାଇଛି। ବୁଲେଟ୍, ସ୍ପିଡ୍ ବାଇକ୍ ଓ ସ୍କୁଟର ଚଢ଼ି ପୋଲିସ ଅଫିସରମାନେ ତଦନ୍ତ ପାଇଁ ଘଟଣାସ୍ଥଳକୁ ଯା'ଆସ କରିବେ ବୋଲି ପୋଲିସ ମୁଖ୍ୟାଳୟ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଗାଡ଼ି କିଣିଛି। ଉକ୍ତ ନୂଆ ଗାଡ଼ିଗୁଡ଼ିକ ପୋଲିସ ମୋଟର ପରିବହନ ସଂସ୍ଥା (ପିଏମ୍‌ଟି) ଅଧୀନରେ କିଣାଯାଇ ତାହା କଟକ ଆର୍‌ଟିଓ (ଆଞ୍ଚଳିକ ପରିବହନ ଅଧିକାରୀ)ଙ୍କ କାର୍ଯ୍ୟାଳୟରେ ରେଜିଷ୍ଟ୍ରେସନ୍ କାର୍ଯ୍ୟ ମଧ୍ୟ ସରିଛି। ପୋଲିସ ବିଭାଗ ଶହ ଶହ ସଂଖ୍ୟାରେ ବୁଲେଟ୍, ଆପାଚି ବାଇକ୍ ଓ ସ୍କୁଟି କିଣି ତାହାକୁ ପିଏମ୍‌ଟି ମାର୍ଫତ୍‌ରେ ଥୋଇଦେଇ ଏବେ ଦାୟିତ୍ୱ ସାରିବସିଛି। ଜାଗା ଅଭାବରୁ ପିଏମ୍‌ଟି ସଂସ୍ଥା ନୂଆ ଗାଡ଼ିଗୁଡ଼ିକୁ ଷଷ୍ଠ ବାଟାଲିୟନ୍ ପରିସରରେ ଗଦା କରିଛି। ପ୍ରାୟ ତିନି ମାସ ହେଲା ଦୁଇ କୋଟିରୁ ଅଧିକ ଟଙ୍କାର ଗାଡ଼ି ଷଷ୍ଠ ବାଟାଲିୟନ୍ ପରିସରରେ ଖୋଲା ଆକାଶ ତଳେ ଖରା ଓ ବର୍ଷାରେ ପଡ଼ିଛି। ନୂଆ ଗାଡ଼ିଗୁଡ଼ିକ ବାହାରେ ପଡ଼ିଥିଲେ ହେଁ ଏହାର ରକ୍ଷଣାବେକ୍ଷଣ କରିବାକୁ କେହିନାହାଁନ୍ତି। ଏଣୁ ଏହା ଧୀରେ ଧୀରେ ନଷ୍ଟ ହେବାକୁ ବସିଲାଣି। ରାଜ୍ୟବ୍ୟାପି ବିଭିନ୍ନ ଥାନାର ଏଏସ୍ଆଇଙ୍କ ଠାରୁ ଏସ୍ଆଇ, ଇନ୍‌ସପେକ୍ଟରମାନଙ୍କ ପାଇଁ କିଣାଯାଇଥିବା ନୂଆ ଗାଡ଼ିଗୁଡ଼ିକ ଜିଲ୍ଲାସ୍ତରକୁ ଯୋଗାଣ ପାଇଁ ୨୭ ଶହ ବାଇକ୍, ୨ ଶହ ବୁଲେଟ୍, ୭ ଶହ ସ୍କୁଟି ପ୍ରାୟ ୩ ମାସ ହେଲା କିଣାଯାଇଛି। ପ୍ରତି ଜିଲ୍ଲାକୁ ଯୋଗାଣ ପାଇଁ ବ୍ୟବସ୍ଥା ରହିଥିଲେ ହେଁ ତାହା କାହିଁକି ପଠାଯାଉନାହିଁ ସେ ସମ୍ପର୍କରେ ପିଏମ୍‌ଟି ସଂସ୍ଥାର ଅଧିକାରୀମାନେ ମୁହଁ ଖୋଲୁନାହାନ୍ତି। କଟକ କମିଶନରେଟ୍, ଭୁବନେଶ୍ୱର କମିଶନରେଟ୍, କଟକ ଜିଲ୍ଲା ପୋଲିସର ଅଫିସରମାନଙ୍କ ପାଇଁ ପ୍ରାଥମିକ ପର୍ଯ୍ୟାୟରେ କିଛି ବାଇକ୍ ଓ ସ୍କୁଟି ଯୋଗାଇ ଦିଆଯାଇଥିଲେ ହେଁ ବାକି ଅନେକ ଜିଲ୍ଲାକୁ ବୁଲେଟ୍, ଆପାଚି ବାଇକ୍ ଓ ସ୍କୁଟି ଯୋଗାଣ ନ ହୋଇ ଗଦା ହୋଇଛି। ଅଫିସରମାନଙ୍କ ପାଇଁ ପୋଲିସ ବିଭାଗ ପକ୍ଷରୁ ଟିଭିଏସ୍ ଆପାଚି ସ୍ପିଡ୍ ବାଇକ୍ ରାଜ୍ୟ ବ୍ୟାପୀ ବନ୍ଦୋବସ୍ତ କରାଯାଇଛି। ବାଇକ୍ ପିଛା ମାସକୁ ୨୦ ଲିଟର ପେଟ୍ରୋଲ୍ ମିଳିବ। ଆବଶ୍ୟକସ୍ଥଳେ ତେଲ ପରିମାଣ ବଢ଼ାଇବା ପାଇଁ ମଧ୍ୟ ଏସ୍‌ପି ଏବଂ କମିଶନରେଟ୍ ଡିସିପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଫିସରମାନେ ଘଟଣାସ୍ଥଳକୁ ତଦନ୍ତ କିମ୍ବା ପୋଲିସର ବିଭିନ୍ନ କାମରେ ଏହି ଆପାଚି ବାଇକ୍ ନେଇଯିବା ଲାଗି ସୁବିଧା ରହିଛି। ତେବେ ପ୍ରାଥମିକ ପର୍ଯ୍ୟାୟରେ ପୁରୁଷ ବର୍ଗର ଅଫିସରମାନଙ୍କ ପାଇଁ ଆପାଚି ବାଇକ୍ ଦିଆଯାଇଥିବା ବେଳେ ମହିଳା ଅଫିସରମାନଙ୍କ ସ୍କୁଟି ବନ୍ଦୋବସ୍ତ କରାଯାଉଥିବା ସୂଚନା ମିଳିଛି। ଟେଣ୍ଡର ମାଧ୍ୟମରେ ପୋଲିସ ବିଭାଗ ଗାଡ଼ି ଗୁଡ଼ିକୁ କିଣିଥିଲେ ହେଁ ତାହା ପିଏମ୍‌ଟି ଏସ୍‌ପିଙ୍କ ନାଁରେ ପରିବହନ ବିଭାଗରେ ରେଜିଷ୍ଟ୍ରେସନ୍ ହୋଇଛି। ଉକ୍ତ ଗାଡ଼ିଗୁଡ଼ିକ ଦୀର୍ଘ ଦିନ ହେଲା ଖରା, ବର୍ଷାରେ ବାହାରେ ପଡ଼ି ନଷ୍ଟ ହେଉଥିଲେ ହେଁ ଏହାକୁ ଦେଖାଶୁଣା କରିବାକୁ କେହିନାହାଁନ୍ତି। ଅନ୍ୟପକ୍ଷରେ ପିଏମ୍‌ଟି ବିଭାଗରେ ଏସ୍‌ପି ଏବେ ନାହାନ୍ତି। ଏସ୍‌ପି ନଥିବାରୁ ଗାଡ଼ି ଯୋଗାଣରେ ବିଳମ୍ବ ହେଉଥିବା ଖବର ମିଳିଛି। ଏ ସମ୍ପର୍କରେ ପୋଲିସ ମୁଖ୍ୟାଳୟର ପ୍ରୋଭିଜନିଙ୍ଗ୍ ଡିଆଇଜି ଚରଣ ସିଂ ମୀନାଙ୍କ ପ୍ରତିକ୍ରିୟା ନେବାରୁ ସେ କହିଥିଲେ, ରାଜ୍ୟର ବିଭିନ୍ନ ଜିଲ୍ଲାର ତଦନ୍ତକାରୀ ଅଫିସରମାନଙ୍କ ପାଇଁ ନୂଆ ଦୁଇ ଚକିଆ ଗାଡ଼ି ପଠାଯାଇସାରିଛି। ଆଉ ଯେଉଁ କିଛି ଗାଡ଼ି ରହିଛି ତାହାକୁ ଭୁବନେଶ୍ୱରରେ ଟ୍ରେନିଂ ନେଉଥିବା ନବାଗତ ଅଫିସରଙ୍କୁ ପ୍ରଦାନ କରାଯିବ।

# ପତ୍ନୀ ହତ୍ୟାକାରୀ ସ୍ୱାମୀକୁ ଆଜୀବନ କାରାଦଣ୍ଡାଦେଶ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଶୁକ୍ରବାର ଦିନ କେନ୍ଦୁଝର ଜିଲ୍ଲା ଓ ଦୌରାଜଜ୍ ଗୋପାଳ ଚନ୍ଦ୍ର ବେହେରା ଏକ ପତ୍ନୀ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ସ୍ୱାମୀ ଶୁକ୍ରା ମୁଣ୍ଡାକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦେୟ ଅଧିକ ଏକବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି । ପ୍ରକାଶଯୋଗ୍ୟ ଯେ, ସଦର ଥାନା ମୁଣ୍ଡାସାହିର ଶୁକ୍ରା ମୁଣ୍ଡା (୩୭) ୪ ବର୍ଷ ପୂର୍ବେ ଶୁଭାଗିନୀ ମୁଣ୍ଡା (୨୨)କୁ ବିବାହ କରିଥିଲା । ସେମାନଙ୍କର ଏକ ୩ ବର୍ଷର ସନ୍ତାନ ରହିଛି । ଅନେକ ସମୟରେ ମଦ ପିଇ ଶୁକ୍ରା ମୁଣ୍ଡା ପତ୍ନୀ ଶୁଭାଗିନୀଙ୍କ ସହିତ ଝଗଡା ହୋଇଥାଏ । ୨୦୨୧ ମସିହା ଅକ୍ଟୋବର ୨୨ ତାରିଖରେ ଗ୍ରାମରେ ହେଉଥିବା ଲକ୍ଷ୍ମୀପୂଜା ଭସାଣୀ ଉତ୍ସବରେ ଶୁକ୍ରା ମୁଣ୍ଡା ଯୋଗଦେବାକୁ ପଳାଇଥିଲେ । ସେଠାରୁ ଫେରିବା ପରେ ପତ୍ନୀ ଘରେ ଭିତର ପଟୁ କବାଟ ବନ୍ଦ କରି ଶୋଇପଡିଥିବାରୁ ଶୁକ୍ରା ରାଗି ଯାଇଥିଲା । କବାଟ ଭାଙ୍ଗି ଭିତରକୁ ପଶି ସେ ଏକ ବେଲଚାରେ ପତ୍ନୀର ମୁଣ୍ଡକୁ ପିଟି ଦେଇଥିଲା । ଫଳରେ ପତ୍ନୀ ଶୁଭାଗିନୀର ମୁଣ୍ଡ ଫାଟି ଯାଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା । ଏହି ଘଟଣା ପରେ ରାତି ପ୍ରାୟ ୧୧ଟା ସମୟରେ ଶୁକ୍ରା ମୁଣ୍ଡା ଶ୍ୱଶୁର ଘରକୁ ଯାଇ ପତ୍ନୀ ଅସୁସ୍ଥ ଥିବାରୁ ଡାକ୍ତରଖାନାକୁ ନେବାକୁ ପଡିବ ବୋଲି କହି ଡାକିଥିଲା । ଶ୍ୱଶୁର ପ୍ରଭାକର ମୁଣ୍ଡା ଆସି ଦେଖିବା ବେଳକୁ ତାଙ୍କ ଝିଅ ଶୁଭାଗିନୀ ମରି ପଡିଥିବା ଦେଖିଥିଲେ । ଏନେଇ ସଦର ଥାନାରେ ଅଭିଯୋଗ ହେବାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ୪୩୪/୨୧ରେ ମାମଲା ରୁଜୁ ହୋଇଥିଲା । ତଦନ୍ତକାରୀ ଅଧିକାରୀ ସ୍ୱରୂପ ରଞ୍ଜନ ନାୟକ ଅଭିଯୁକ୍ତ ଶୁକ୍ରା ମୁଣ୍ଡାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଏହି ଘଟଣାରେ ୧୪ ଜଣ ସାକ୍ଷୀ ଉପସ୍ଥିତ ହୋଇ ଜମାନବନ୍ଦୀ ଦେଇଥିଲେ । ସାକ୍ଷୀଙ୍କ ବୟାନକୁ ଭିତ୍ତି କରି କେନ୍ଦୁଝର ଜିଲ୍ଲା ଓ ଦୌରାଜଜ୍ ଗୋପାଳ ଚନ୍ଦ୍ର ବେହେରା ପତ୍ନୀ ହତ୍ୟାକାରୀ ଶୁକ୍ରା ମୁଣ୍ଡାକୁ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ସରକାରଙ୍କ ପକ୍ଷରୁ ପିପି ପ୍ରଦୀପ କୁମାର ଦାସ ମାମଲା ପରିଚାଳନା କରୁଥିଲେ ।

# ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ଦେଶରେ ପ୍ରଥମ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**




ସୁନାମି ସତର୍କତା ଏବଂ ସଚେତନତା ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ରଘୁରାମ ଆର୍ ଆୟାର୍ ଉପସ୍ଥିତ ରହି ଏହି ତାଲିମ୍ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ମୁଖ୍ୟ ସାଧାରଣ ପରିଚାଳକ, ଡିପିଓ ଓଏସ୍‌ଡିଏମ୍ ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଭାରତରେ ଓଡ଼ିଶାର ସ୍ଥାନ ଶ୍ରେଷ୍ଠ । ପ୍ରତିବର୍ଷ ଓଡ଼ିଶାକୁ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିବାକୁ ପଡୁଛି । କେନ୍ଦ୍ରାପଡ଼ା ଜିଲ୍ଲା ସର୍ବଦା ପ୍ରାକୃତିକ ବିପର୍ଯ୍ୟୟ ସଫଳତାର ସାମ୍ନା ମଧ୍ୟ କରୁଛି । ତେଣୁ ଯଦି ଆମେ ସମନ୍ୱୟ ରଖି ଏକଜୁଟ୍ ଭାବେ କାର୍ଯ୍ୟ କରିବା ତେବେ ନିଶ୍ଚିତ ଭାବେ ଆମେ ସଫଳ ହେବା ବୋଲି ଜିଲ୍ଲାପାଳ କହିଛନ୍ତି । ତାଲିମ୍ କାର୍ଯ୍ୟକ୍ରମରେ ସୁନାମି ସତର୍କତା, ସୁନାମି ସମୟରେ ସ୍ୱାସ୍ଥ୍ୟ ଓ ପରିମଳ, ସୁନାମି ସତର୍କତା ସମ୍ବନ୍ଧୀୟ ସ୍କୁଲ୍ ସ୍ତରୀୟ ସଚେତନତା, ଶାନ୍ତି ଓ ଶୃଙ୍ଖଳା ନିୟନ୍ତ୍ରଣ, ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା, ସ୍ଥାନାନ୍ତର ପ୍ରକ୍ରିୟା, କଣ କରିବେ ଓ କଣ କରିବେ ନାହିଁ, ସୁନାମି ପ୍ରସ୍ତୁତି ଓ ବିଭିନ୍ନ ଏନ୍‌ଜିଓ ନିଜର ନିଜର ଅଭିଜ୍ଞତା ଉପସ୍ଥାପନ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡିଏସ୍‌ପି ଡିଆଇବି କେନ୍ଦ୍ରାପଡ଼ା, ବିଡ଼ିଓ, ତହସିଲଦାର ରାଜନଗର ଓ ମହାକାଳପଡ଼ା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜମ୍ବୁ, ତନ୍ତିଆପାଳ ଓ ତଳଚୁଆ ସାମୁଦ୍ରିକ ଥାନାରେ ଥାନାଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ ରାଜନଗର ଓ ମହାକାଳପଡ଼ା, ଅଗ୍ନିଶମ ଅଧିକାରୀ କେନ୍ଦ୍ରାପଡ଼ା, ରାଜନଗର ଓ ମହାକାଳପଡ଼ା, ରାଜନଗର ଓ ମହାକାଳପଡ଼ା ସିଡିପିଓ, ଜମ୍ବୁ, ଲଞ୍ଜୁଡା ଓ ତାଳଚୁଆ ପଞ୍ଚାୟତର ସରପଞ୍ଚ ଏବଂ ବିଭିନ୍ନ ଏନ୍‌ଜିଓର ସମ୍ପାଦକ ମାନେ ଉପସ୍ଥିତ ଥିଲେ ।

# ଶାଶ୍ୱତ ତ୍ରିପାଠୀଙ୍କୁ ଗନ୍ଧର୍ବ କଳା ସମ୍ମାନ ପ୍ରଦାନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର ସ୍ଥିତ ଭଞ୍ଜ କଳାମଣ୍ଡପ ଠାରେ ଗନ୍ଧର୍ବ କଳା ସମ୍ମାନ-୨୦୨୫ରେ ସମ୍ମାନୀତ ହୋଇଛନ୍ତି ସୋନପୁର ମାଟିର କଳାକାର ଶାଶ୍ୱତ କୁମାର ତ୍ରିପାଠୀ । ଏହି ସମ୍ମାନ ଓଡ଼ିଶା କଳାକାର ସ୍ୱର ତରଫରୁ କଳାକାର ଦିବସ ପାଳନ ଅବସରରେ କଳାକାର ଶାଶ୍ୱତଙ୍କୁ ପ୍ରଦାନ କରାଯାଇଥିବା ବେଳେ ଶାଶ୍ୱତ ଦୁଇ ହଜାରରୁ ଉର୍ଦ୍ଧ୍ୱ ମଞ୍ଚରେ ନିଜର କଳା ପରିବେଷଣ କରି ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି । ଜିଲ୍ଲାର ପ୍ରଥମ ସଦଶ୍ୟ ଭାବେ ସେ ଓଡ଼ିଶା ସଂଗୀତ ନାଟକ ଏକାଡେମୀରେ ସ୍ଥାନ ପାଇଥିଲେ । ଏହି ଓଡ଼ିଶା କଳାକାର ସ୍ୱର ଦିବସ ପାଳନ ଅବସରରେ ଅନୁଷ୍ଠାନର ସଭାପତି ଶ୍ରୀଧର ମାର୍ଥାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧିତ ଉତ୍ସବରେ ସଂପାଦକ ମୃତ୍ୟୁଞ୍ଜୟ ପଣ୍ଡା, ବରିଷ୍ଠ ଫିଲ୍ମ ନିର୍ମାତା ପ୍ରଣବ ଦାଶ, ମ୍ୟୁଜିକ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ, ପ୍ରଖ୍ୟାତ ଅଭିନେତା ଦୈତାରୀ ପଣ୍ଡା, ପ୍ରଖ୍ୟାତ ନିର୍ଦ୍ଦେଶକ ହରିଶ ମହାନ୍ତି, ଅଭିନେତା ତଥା ନିର୍ଦ୍ଦେଶକ ଶ୍ରୀତମ ଦାଶ, ସମାଜସେବୀ ବାପୁ ଓଝା ପ୍ରମୁଖ ଉପସ୍ଥିତ ଥିଲେ।



# ବିପୁଳ ବ୍ରାଉନ୍‌ସୁଗାର୍ ଓ ଗଞ୍ଜେଇ ସହ ୨୧ ଦୁଇ ଚକିଆ ଯାନ ଜବତ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲାରେ ଚଳିତ ଆର୍ଥିକ ବର୍ଷରେ ଅବକାରୀ କମିଶନର ଓ ଜିଲ୍ଲାପାଳ ଜେ ସୋନାଲଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଅଧିକ୍ଷୀକା ଅନିତା ପ୍ରଧାନ, ସରକାରଙ୍କ ଚିଠି ସଂଖ୍ୟା ୫୧୦୦, ତା-୧୧.୦୯.୨୦୨୪ ଦ୍ୱାରା ପୂର୍ଣ୍ଣକାଳୀନ ନିୟମିତ ଅବକାରୀ ଅଧିକ୍ଷୀକା ଭାବେ ଯୋଗଦେବା ପରେ, ତାଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସ୍ଥାନରେ ଚଢଉ କରି ବିପୁଳ ପରିମାଣର ବ୍ରାଉନ୍‌ସୁଗାର୍ ଓ ଗଞ୍ଜେଇ ସମେତ ୨୧ ଗୋଟି ଦୁଇଚାକିଆ ଯାନ ଜବତ କରିବାରେ ସକ୍ଷମ ହୋଇପାରିଛନ୍ତି। ଜଗତସିଂହପୁର ସ୍ଥିତ ଯୋଗଧରୀ ନୂଆ ବସ୍‌ଷ୍ଟାଣ୍ଡ ପାଖରୁ ୭୬ ଗ୍ରାମ୍ ବ୍ରାଉନ୍‌ସୁଗାର୍, PPL ଛକ, ପାରାଦୀପ ଠାରେ ୪୫ ଗ୍ରାମ୍ ବ୍ରାଉନ୍‌ସୁଗାର୍, ମାଣିତିରି ଗ୍ରାମର ଉତ୍ତରସାହି ଛକ, ବିରିଡ଼ି ୨.୩ କେଜି ଗଞ୍ଜେଇ, ଚାନ୍ଦୋଳ ଛକ, ଜଗତସିଂହପୁରରୁ ୭୮ ଗ୍ରାମ୍ ବ୍ରାଉନ୍‌ସୁଗାର୍, ବେରହିମ୍ପୁର ଛକ, ଜଗତସିଂହପୁରରୁ ୧୧୦ ଗ୍ରାମ୍ ବ୍ରାଉନ୍‌ସୁଗାର୍, ତାଳପଡା ଛକ, ତିର୍ତ୍ତୋଲ ୧୧.୬୦୦ କେଜି ଗଞ୍ଜେଇ, ବାଉରିଆପଲଣ୍ଡା ଛକ, ପାରାଦୀପରୁ ୧୮୦ ଗ୍ରାମ୍ ବ୍ରାଉନ୍‌ସୁଗାର୍ ସହ ଏକ ଦୁଇ ଚକିଆ ଯାନ,ସାଙ୍ଘଟଲିଆ ଛକ, ବାଲିକୁଦାରୁ ୫୫ ଗ୍ରାମ୍ ବ୍ରାଉନ୍‌ସୁଗାର୍ ସହ ଏକ ଦୁଇ ଚକିଆ ଯାନ, ସାଇ ମନ୍ଦିର ଛକ, ଗୋପାଳସାଗର, ଜଗତସିଂହପୁର ୬୨ ଗ୍ରାମ୍ ବ୍ରାଉନ୍‌ସୁଗାର୍, ପାରାଦୀପଗଡ ବଜାର, ପାରାଦୀପ ୧୨୦ ଗ୍ରାମ୍ ବ୍ରାଉନ୍‌ସୁଗାର୍ ଜବତ କରାଯାଇଛି। ଏହି ପରିପ୍ରେକ୍ଷୀରେ ସର୍ବମୋଟ୍ ୭୨୬ ଗ୍ରାମ୍ ବ୍ରାଉନ୍‌ସୁଗାର୍ ଯାହାର ମୂଲ୍ୟ ପ୍ରାୟ ୭୨୬୦୦୦୦ ଟଙ୍କା, ଯାହା ଜଗତସିଂହପୁର ଜିଲ୍ଲାରେ ରେକର୍ଡ ସୃଷ୍ଟି କରିଛି। ଏହା ବ୍ୟତୀତ ଅବୈଧ ମଦ ଓ ମାଦକ ଦ୍ରବ୍ୟ ବିରୁଦ୍ଧରେ ସଂଘଟିତ ଓ ଯୁଜାରୁ ଅଭିଯାନ ଚଳାଯାଇଛି। ବିଭାଗ ଏକ ସକ୍ରିୟ ଭୂମିକା ଗ୍ରହଣ କରି ଜିଲ୍ଲାର ବିଭିନ୍ନ ସ୍ଥାନରେ ଛାପାମାରି କାର୍ଯ୍ୟ ଓ ଜବତ କାର୍ଯ୍ୟ ସଫଳତାର ସହ କରିଛି। ବିଭାଗର ସଂଘଟିତ ଅଭିଯାନ ଫଳରେ ନିମ୍ନଲିଖିତ ଉଲ୍ଲେଖନୀୟ ଫଳାଫଳ ମଧ୍ୟ ମିଳିଛି- ୨୧ଟି ଦୁଇଚକିଆ ଯାନବାହନ ଅବୈଧ ପରିବହନ ପାଇଁ ଜବତ- ୧୦୭୨.୪୦ ଲିଟର ଦେଶୀ ମଦ (C.S Liquor), ୩୭୭.୨୮ ଲିଟର ବିଦେଶୀ ମଦ ଓ ୨୩୫.୬୦ ଲିଟର ବିୟର ଜବତ,୧୫ ଲିଟର ଅବୈଧ ତିଆରି ID ଲିକ୍ୱର, ୫ ଲିଟର ଶୁଳ୍କ ଦେୟ ନଥିବା ଦେଶୀ ମଦ, ୪୮୦ ଲିଟର ତାଡି (ତାରି) ଜବତ,୧୦ କି.ଗ୍ରାମ୍ ଭାଙ୍ଗ ଜବତ କରି ଜିଲ୍ଲାରେ ସର୍ବମୋଟ୍ ୩୬୨ଟି ଅବକାରୀ କେସ୍ ରୁଜ୍ଜୁ କରାଯାଇଛି । ଅନୁରୂପ ଭାବେ ଗତବର୍ଷ ତୁଳନାରେ ଚଳିତ ବର୍ଷମଧ୍ୟ ରାଜସ୍ୱ ଆୟ ସଂଗ୍ରହରେ ଉନ୍ନତି ଆଣିବାରେ ସକ୍ଷମ ହୋଇଛି ଅବକାରୀ ବିଭାଗ। ଯଥା ଗତବର୍ଷ ବିଭାଗର ରାଜସ୍ୱ ଲକ୍ଷ୍ୟ ୧୬ କୋଟି ଥିଲାବେଳେ ଅବକାରୀ ବିଭାଗ ତାର କାର୍ଯ୍ୟ ଦକ୍ଷତା ବଳରେ ରାଜସ୍ୱ ଆୟ ୧୮ କୋଟି କରିବାରେ ସକ୍ଷମ ହୋଇଥିଲା। ଏହି ସଫଳତା ବିଭାଗର ଅନୁଶାସନ, କଠୋର ଅଭିଯାନ ଓ ନିୟମିତ ତଦନ୍ତକୁ ପ୍ରତିଫଳିତ କରେ। ଆଗାମୀ ଦିନରେ ମଧ୍ୟ ଏହି ପ୍ରକାର ଅଭିଯାନ ଅବ୍ୟାହତ ରହିବ। ତେଣୁ ଅବୈଧ କାର୍ଯ୍ୟ ବିରୋଧରେ ସହଯୋଗ କରିବା ସହ ଯେଉଁଠାରେ ନିଶା କାରବାରର କୌଣସି ତଥ୍ୟ ପାରିବେ ତୁରନ୍ତ ଅବକାରୀ ବିଭାଗକୁ ଅବଗତ କରାଇବାକୁ ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ବ୍ୟବସାୟୀଙ୍କୁ ବଣିକ ସଂଘର ସତର୍କ

# ସମଗ୍ର କନ୍ଧମାଳ ଜିଲ୍ଲାରେ ଘୁରି ବୁଲୁଛି ନକଲି ପାଞ୍ଚଶହ ଟଙ୍କିଆ ନୋଟ୍

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

ସମଗ୍ର କନ୍ଧମାଳ ଜିଲ୍ଲାର ବିଭିନ୍ନ ଟାଉନ୍ ସମେତ ଗ୍ରାମାଞ୍ଚଳରେ ୫ ଶହ ଟଙ୍କିଆ ନକଲି ନୋଟ୍ ଏ ହାତରୁ ସେ ହାତକୁ ଘୂରି ବୁଲୁଥିବା ନେଇ ବ୍ୟବସାୟୀ ଏବଂ ଲୋକଙ୍କ ଭିତରେ ଭୟ ଦେଖାଯାଇଛି। ବିଶେଷକରି ମୂଲିଆ ଶ୍ରେଣୀ ଲୋକଟି ଯଦି ଏଭଳି ନକଲି ନୋଟ୍ ପାଇଯିବେ ତେବେ ତାଙ୍କର ଦୁଇ ଦିନର ରୋଜଗାର ମଧ୍ୟ ହରାଇ ବସିବେ ବୋଲି ଚର୍ଚ୍ଚା ହେଉଛି। ଏଇ କିଛିଦିନ ହେଲା ବ୍ୟବସାୟୀଙ୍କ ପାଖରେ ଜାଲ ପାଞ୍ଚଶହ ଟଙ୍କିଆ ନୋଟ୍ ପହଞ୍ଚିଥିବା ବେଳେ ଉକ୍ତ ଜାଲ୍ ନୋଟ୍‌କୁ ଚିହ୍ନିବା ଏତେ ସହଜ ହେଉନି। ଅସଲି ଭଳି ଅବିକଳ ଏହି ଜାଲ୍ ନୋଟ୍‌କୁ ଦେଖିଲେ କିଛି ଫରକ୍ ଜଣାପଡୁନି। ବ୍ୟାଙ୍କରେ ନକଲି ନୋଟ୍ ପ୍ରତି ସତର୍କ ନଜର ରଖି ଜାଲ୍‌ନୋଟ୍‌କୁ ଚିହ୍ନଟ କରି ତା ଉପରେ ନାଲିଗାର ଟଣାଯାଉଥିବା ବେଳେ ସ୍ଥାନୀୟ ବ୍ୟବସାୟୀ ଜାଲ୍‌ନୋଟ୍‌କୁ ନେଇ ଚିନ୍ତାରେ ପଡିଯାଇଛନ୍ତି। ବ୍ୟବସାୟ ସମୟରେ ଗହଳିର ସୁଯୋଗ ହେଉ କିମ୍ବା ବ୍ୟବସାୟୀଙ୍କ ସରଳତାର ଫାଇଦା ଉଠାଇ ଜାଲ୍ ନୋଟ୍‌କୁ ଦେଇ ଫାଇଦା ନେବାରେ କିଛି ଠକ ଲାଗି ପଡ଼ିଛନ୍ତି। ଏହି ଜାଲ୍ ନୋଟ୍ ବିଷୟରେ ଖବରପାଇବା ପରେ ସ୍ଥାନୀୟ ବ୍ୟବସାୟୀ ସଂଘ ପକ୍ଷରୁ ସମସ୍ତ




ବ୍ୟବସାୟୀଙ୍କୁ ସତର୍କତାର ସହ ବ୍ୟବସାୟ କରିବାକୁ ପରାମର୍ଶ ଦେବା ସହ ନୋଟ୍‌କୁ ରଖିବା ପୂର୍ବରୁ ଭଲଭାବରେ ଯାଞ୍ଚ କରି ରଖିବାକୁ ପରାମର୍ଶ ଦିଆଯାଇଛି। ସନ୍ଦେହ ହେଲେ ପୋଲିସକୁ ସୂଚନା ଦେବାକୁ କୁହାଯାଇଛି। ପ୍ରକାଶ ଯେ, ଦାରିଙ୍ଗବାଡି ଥାନା ଅଞ୍ଚଳ ସିମନବାଡ଼ିର ଜନୈକ ବ୍ୟବସାୟୀଙ୍କ ଠାରୁ ଜଣେ ନାମିଦାମୀ କମ୍ପାନୀର ଡିଷ୍ଟ୍ରିବ୍ୟୁଟର ସାମଗ୍ରୀ ଦେଇ ତାହା ବଦଳରେ ଟଙ୍କା ନେଇଥିଲେ ଓ ସେ ନେବା ସମୟରେ ସିମନବାଡ଼ିର ଜନୈକ ବ୍ୟବସାୟୀ ଉକ୍ତ ସନ୍ଦେହ କରାଯାଉଥିବା ନୋଟ୍‌କୁ ମଧ୍ୟ ସାଥୀରେ ନେବାକୁ କହିବା ସହ ଏହା ବ୍ୟାଙ୍କରେ ନକଲି କି ନାହିଁ ବୁଝିଦେବ କହିଥିଲେ ଏବଂ ଡିଷ୍ଟ୍ରିବ୍ୟୁଟର ଜଣକ ନେଇ ବାଲିଗୁଡ଼ା ବ୍ୟାଙ୍କରେ ଯାଞ୍ଚ କରାଇ ସ୍ପଷ୍ଟ ହୋଇଥିଲେ ଯେ ତାହା ନକଲି ବୋଲି। ସୂଚନାଯୋଗ୍ୟ, ଉକ୍ତ ନକଲି ନୋଟ୍ ବୃଦ୍ଧ ବ୍ୟବସାୟୀଙ୍କୁ କିଏ ଧରାଇଦେଇଛି ସେ ତାକୁ ଚିହ୍ନିବା ସହଜ ହୋଇପାରିନଥିଲା। ତେବେ ବ୍ୟବସାୟ ସାରିବା ପରେ ରାତିରେ ଦୋକାନ ବନ୍ଦ ପୂର୍ବରୁ ଟଙ୍କା ସାଇତି ଗଣିବା ବେଳେ ୨ଟି ୫ ଶହ ଟଙ୍କିଆ ନୋଟ୍ ହାତକୁ ପତଳା ଲାଗିଥିଲା। ଫଳରେ ଜନୈକ ବ୍ୟବସାୟୀ ଜଣକ ଉକ୍ତ ନୋଟ୍‌କୁ ଅଲଗା କରି ରଖିଥିଲେ। ଉକ୍ତ ନକଲି ନୋଟ୍‌ର କ୍ରମିକ ସଂଖ୍ୟା (5NT 339802) ହୋଇଥିବା ଜଣାପଡ଼ିଛି। ଏହି ଖବର ଜଣାପଡ଼ିବା ପରେ ଅଞ୍ଚଳରେ ୫ ଶହ ଟଙ୍କିଆ ନକଲି ନୋଟ୍‌କୁ ନେଇ ଲୋକଙ୍କ ଭିତରେ ଭୟ ସୃଷ୍ଟି ହୋଇଥିବା ବେଳେ କିଏ ଓ ଏହି ରାକେଟ୍ ପଛରେ ସମ୍ପୃକ୍ତ ଅଛି ତାକୁ ଧରିବାକୁ ପୋଲିସ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବିଦ୍ୟୁତ୍ ଆଘାତରେ ଶିଶୁର ମୃତ୍ୟୁ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ଅନ୍ତର୍ଗତ ଜାମଛାପର ଗ୍ରାମରେ ଏକ ଅଭାବନୀୟ ଅଘଟଣ ଘଟିଛି । ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ୫ ବର୍ଷର ଶିଶୁର ମୃତ୍ୟୁ ଘଟିଛି । ମୃତ ଶିଶୁ ଜଣକ ହେଲେ ହିମାଂଶୁ ସନ୍ୟାସୀଙ୍କ ପୁଅ ଶ୍ରେୟାଂଶା ଓରଫ୍ ସୁବ୍ରତ ସନ୍ୟାସୀ ବୋଲି ଜଣାପଡିଛି । ସୂଚନା ଅନୁସାରେ ଶ୍ରେୟାଂଶ କୌଣସି କାରଣରୁ ଘରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିଲା । ଫଳରେ ତାର ମୁହଁ ଏବଂ ହାତର କିଛି ଅଂଶ ପୋଡିଯାଇଥିଲା । ତୁରନ୍ତ ପରିବାର ଲୋକେ ତାଙ୍କୁ ବିନିକା ଡାକ୍ତରଖାନାରେ ଭର୍ତ୍ତିକରିଥିଲେ । ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ମୃତ ଘୋଷଣା କରିଥିଲେ । ତେବେ ପୋଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁକରିଛି । ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି ।



# କାର୍ଗିଲ୍ ଯୁଦ୍ଧରେ ଓଡ଼ିଶାର ପ୍ରଥମ ସହିଦ ଗୋପୀନାଥଙ୍କୁ ଝୁରୁଛି ଜନ୍ମମାଟି

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍**

କାର୍ଗିଲ୍ ବିଜୟ ଦିବସ । କାର୍ଗିଲ୍ ଯୁଦ୍ଧରେ ଓଡ଼ିଶାରୁ ପ୍ରଥମ ସହିଦ ହୋଇଥିଲେ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଜନାର୍ଦ୍ଦନପୁର ଗ୍ରାମର ଗୋପୀନାଥ ମହାରଣା। ଗୋପୀନାଥ ମାତ୍ର ୧୮ ବର୍ଷ ବୟସରେ ୫୨୮ ବାଟାଲିୟନ୍‌ରେ ଯୋଗଦେଇ ଡ୍ରାଇଭର ଭାବରେ କାର୍ଯ୍ୟ କରୁଥିଲେ। କାର୍ଗିଲ୍ ଯୁଧ ସମୟରେ ଅସ୍ତ୍ର, ଶସ୍ତ୍ର ଓ ଗୋଳାବାରୁଦ ନେଇ ଯାଉଥିବାବେଳେ ୧୯୯୯ ମସିହା ମେ ମାସ ୧୯ ତାରିଖରେ ଶତ୍ରୁପକ୍ଷର ଗୁଳିରେ ମାତ୍ର ୨୩ ବର୍ଷ ବୟସରେ ସହିଦ ହୋଇଥିଲେ। ଇତିମଧ୍ୟରେ କାର୍ଗିଲ୍ ଯୁଦ୍ଧକୁ ହୋଇଛି ୨୬ ବର୍ଷ । ପ୍ରଥମ ସହିଦ ହୋଇଥିବା ଗୋପୀନାଥଙ୍କୁ ଝୁରୁଛି ଜନ୍ମମାଟି। ପିତା ଯଦୁମଣି ମହାରଣାଙ୍କର ଇତିମଧ୍ୟର ପରଲୋକ ହୋଇଯାଇଥିବା ବେଳେ, ମାତା ଝୁମୁରୀ ମହାରଣା ପୁଅର ପ୍ରତିମୂର୍ତ୍ତି ନିକଟରେ ଅତୀତକୁ ମନେପକେଇ ଗୁମୁରି ଗୁମୁରି କାନ୍ଦୁଛନ୍ତି। ଆଜିବି ତାଙ୍କର ଜନ୍ମମାଟି ସହିଦ ଗୋପୀନାଥଙ୍କ ଦେଶ ମାତୃକା ପାଇଁ ଦେଇଥିବା ବଳିଦାନର ସ୍ମୃତିକୁ ଉଜାଗର କରୁଛି। ଜୁଲାଇ ୨୬ ତାରିଖ ଦିନଟିକୁ ସାରା ଭାରତ ବର୍ଷ କାର୍ଗିଲ୍ ବିଜୟ ଦିବସ ଭାବେ ପାଳନ କରୁଛି। ଏହି ଦିନରେ ପାକିସ୍ତାନ ବିରୋଧରେ ଭାରତୀୟ ସେନାର ବୃହତ ବିଜୟ ହୋଇଥିଲା। ଏଥିପାଇଁ ପ୍ରତ୍ୟେକ ଭାରତୀୟ ଏହି ଦିବସରେ ଗର୍ବର ସହ ଭାରତ ମାତାର ଜୟଗାନ କରୁଛନ୍ତି । କାର୍ଗିଲ୍ ବିଜୟ ଦିବସରେ ଜନ୍ମ ମାଟିରେ ଥିବା ପ୍ରତିମୂର୍ତ୍ତିରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ଗ୍ରାମବାସୀ, ଜନସାଧାରଣ, ଗଣମାଧ୍ୟମ ବ୍ୟକ୍ତିବିଶେଷଙ୍କ ସହ ବରିଷ୍ଠ ସାମ୍ବାଦିକ ଅଭୟ ଜେନା ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**





**ମେଷ:** ମାନସିକ ଅସ୍ଥିରତା ଭିତରେ ଗତି କରିବେ। ଅନ୍ୟର ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଯାନବାହାନ କ୍ରୟ କରିବାର ସୁଯୋଗ। ଆୟରେ ଉନ୍ନତି ହେବ। ପାରିବାରିକ ଶାନ୍ତି ଅବ୍ୟାହତ ରହିବ ।


**ବୃଷ:** କର୍ମକ୍ଷେତ୍ରରେ ଉଚ୍ଚ କର୍ମକର୍ତ୍ତା ଆପଣଙ୍କର ସାହାଯ୍ୟ ଲୋଡ଼ିବେ। ବାଦବିବାଦ ଜଟିଳ ହେଲେ ମଧ୍ୟ ସଫଳତା ମିଳିବ। ପୁରାତନ ବନ୍ଧୁଙ୍କ ଦର୍ଶନ ମିଳିବ। ଆୟ ଓ ବ୍ୟୟ ସମାନ ରହିବ। ଗୃହରେ ଶାନ୍ତି ଅବ୍ୟାହତ ରହିବ।


**ମିଥୁନ:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ କରିବାର କ୍ଷମତା ଆସିବ। ଭାଗ୍ୟବାନ ହେବେ। ବ୍ୟବସାୟରେ ସମସ୍ୟାର ସମାଧାନ ହେବ। ଆୟ ତୁଳନାରେ ବ୍ୟୟର ପରିମାଣ ବଢ଼ିବ। ଘରେ ଆନନ୍ଦ ଉଲ୍ଲାସ ଲାଗି ରହିବ ।


**କର୍କଟ:** କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ଖୁସି କରିବାକୁ ଯାଇ ଅପଦସ୍ଥ ହେବେ। ଦୟାଳୁ ହେବେ। ରାଜନୀତି କ୍ଷେତ୍ରରେ ନେତୃତ୍ୱ ଗ୍ରହଣ କରି ପ୍ରଶଂସିତ ହେବେ। ରୋଜଗାର ମଧ୍ୟମ ହେବ। ଗୃହରେ ସାମାନ୍ୟ ଦ୍ୱନ୍ଦ୍ୱ।


**ସିଂହ:** ଆଜି ଦିନଟି ଆପଣଙ୍କ ପାଇଁ ଶୁଭ। ଅପରାହ୍ନେ ଶୁଭ ଖବର ମିଳିପାରେ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ଅପଦସ୍ଥ ହେବେ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ରୋଜଗାରରେ ଉନ୍ନତି ହେବ।


**କନ୍ୟା:** ଯାନବାହାନ କ୍ରୟ କରିବେ। ଶ୍ରେଷ୍ଠ ସମ୍ମାନର ଅଧିକାରୀ ହେବେ। ପରର ଉପକାର କରିବେ। ବ୍ୟୟ ଅପେକ୍ଷା ଆୟର ମାତ୍ରା ବଢ଼ିପାରେ। ପାରିବାରିକ ଶାନ୍ତି ଅବ୍ୟାହତ ରହିବ। ଭ୍ରମଣ ଯୋଗ ମଧ୍ୟ ରହୁଛି। ଦେହ ଭଲ ରହିବ।


**ତୁଳା:** ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ। ପ୍ରସନ୍ନତା ଲାଭ କରିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିବେ। ଆଜିର ଯାତ୍ରାରେ ସଫଳତା ପ୍ରାପ୍ତ ହେବ। ଆୟ ଓ ବ୍ୟୟ ସମାନ ରହିବ । ଗୃହେ ଆନନ୍ଦ।


**ବିଛା:** ସମସ୍ତ କାର୍ଯ୍ୟ ସୁରୁଖୁରୁରେ ହୋଇଯିବ। ତଥାପି ଆଜି ଦିନଟା ଜଗିରଖି ଚଳିବେ। ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ବିଜୟୀ ହେବେ। ଆୟ ତୁଳନାରେ ବ୍ୟୟର ପରିମାଣ ବଢ଼ିବ। ଶୁଭ ଖବର ପ୍ରାପ୍ତ ହେବ।


**ଧନୁ:** ଯାତ୍ରା ଓ ବାଣିଜ୍ୟ କ୍ଷେତ୍ରରେ ସଫଳତା ମିଳିବ। କର୍ମକ୍ଷେତ୍ରରେ ଦାୟିତ୍ୱହୀନତା ଅଭାବରୁ ଅସୁବିଧାର ସମ୍ମୁଖୀନ ହେବେ। ଆୟରେ ପରିମାଣ ବଢ଼ିବ। ପରିବାରରେ ଶାନ୍ତି ବଜାୟ ରହିବ। ଦୟାଳୁ ହେବେ।


**ମକର:** ଶତ୍ରୁମାନେ ପରାଜିତ ହେବେ। ଦେହ ଓ ମନ ଭଲ ରହିବ। ପରିବହନ କ୍ଷେତ୍ରରେ ସମସ୍ୟା ଦେଖାଦେବ। ଖର୍ଚ୍ଚର ପରିମାଣ ବଢ଼ିବ। ପାରିବାରିକ ସମସ୍ୟା ଲାଗି ରହିବ। ଶିକ୍ଷାରେ ଶୁଭଫଳ ମିଳିବ। ମହିଳାମାନେ ଗର୍ବୀ ହେବେ।


**କୁମ୍ଭ:** ଅନେକ ଦିନ ଧରି ଅଟକି ରହିଥିବା କାର୍ଯ୍ୟ ଗୁଡ଼ିକ ତ୍ୱରାନ୍ୱିତ ହେବ। ଶାରୀରିକ ଅସୁସ୍ଥତା ଦେଖାଦେବ। ମନ ଅସ୍ଥିର ରହିବ। ରୋଜଗାରର ପରିମାଣ ବଢ଼ିବ। ଗୃହେ ଶାନ୍ତି ଲାଭ ହେବାର ସୂଚନା।


**ମୀନ:** କର୍ମକ୍ଷେତ୍ରରେ ଆଶାନୁରୂପ ଫଳ ମିଳିବ। ଅପରାହ୍ନେ ଟେନ୍‌ସନ୍ ଟିକେ ବଢ଼ିଯିବ। ଆଜିର ଯାତ୍ରାରେ ଲକ୍ଷ୍ୟସ୍ଥଳରେ ପହଞ୍ଚିବେ। କାର୍ଯ୍ୟ ହାସଲ ହେବ। ଆୟ ଓ ବ୍ୟୟ ସମାନ ରହିବ। ଗୃହେ ଆନନ୍ଦ।

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୭।୭।୨୦୨୫, ଶ୍ରାବଣ ଦି୧୨ନ, ରବିବାର**

**ସୂର୍ଯ୍ୟୋଦୟ- ଘ୫।୨୦।୪୦ ଚନ୍ଦ୍ରୋଦୟ- ଦିଘ ୭।୨୯।୫୮**

**ତୃତୀୟା-** ରାଘ ୧୦।୪୩ ପର୍ଯ୍ୟନ୍ତ। **ମଘା ନକ୍ଷତ୍ର-** ଦିଘ ୪।୨୩ ପର୍ଯ୍ୟନ୍ତ । **ସିଂହ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର। **ଘାତ ଚନ୍ଦ୍ର-** କର୍କଟ ଓ ମକର ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ରାଘ ୧୦।୪୩ ପରେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୪ ଗତେ ଘ ୯।୪୩ ମଧ୍ୟେ । ଦିଘ ୧।୩୦ ଗତେ ଘ ୨।୦୩ ମଧ୍ୟେ । **ପର୍ବୋତ୍ସବ-** କଳାମଙ୍କ ତିରୋଧାନ ଦିବସ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୮।୭।୨୦୨୫, ଶ୍ରାବଣ ଦି୧୩ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୨୧।୦୨ ଚନ୍ଦ୍ରୋଦୟ- ଦିଘ ୮।୨୩।୦୭**

**ଚତୁର୍ଥୀ-** ରାଘ ୧୧।୨୫ ପର୍ଯ୍ୟନ୍ତ। **ପୂର୍ବା ଫାଲ୍ଗୁନି ନକ୍ଷତ୍ର-** ସଂଘ ୫।୩୬ ପର୍ଯ୍ୟନ୍ତ । **ସିଂହ ଚନ୍ଦ୍ର-** ରାଘ ୧୨।୦୧ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର। ରାଘ ୧୨।୦୧ ଗତେ ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର। **ଘାତ ଚନ୍ଦ୍ର-** କର୍କଟ ଓ ମକର ରାଶିର। ରାଘ ୧୨।୦୧ ଗତେ ବୃଷ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ରାଘ ୧୧।୨୫ ପରେ ବେଲ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୫ ଗତେ ଘ ୭।୦୧ ମଧ୍ୟେ । ଦିଘ ୧୦।୩୫ ଗତେ ଘ ୧।୧୧ ମଧ୍ୟେ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଜିଡିପି ବଢ଼ିଲା ୮.୪%

ଚଳିତ ଆର୍ଥିକ ବର୍ଷର ସେପ୍ଟେମ୍ବର-ଡିସେମ୍ବର ଅବଧିରେ ଭାରତୀୟ ଅର୍ଥନୀତିର ବିକାଶ ହାର ଭଲ ରହିଛି। ଏହି ସମୟରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ୮.୪ ପ୍ରତିଶତ ବଢ଼ିଛି। ବିନିର୍ମାଣ (ମାନୁଫାକ୍ଚରିଂ) ଏବଂ ଖଣି କ୍ଷେତ୍ରର ପ୍ରଦର୍ଶନ ଅପେକ୍ଷାକୃତ ଭଲ ରହିବା କାରଣରୁ ଜିଡିପିରେ ଏଭଳି ଉନ୍ନତି ସମ୍ଭବ ହୋଇଛି। ମାନୁଫାକ୍ଚରିଂ ୧୧.୬ ପ୍ରତିଶତ, ନିର୍ମାଣ ୯.୫ ପ୍ରତିଶତ; ବାଣିଜ୍ୟ, ହୋଟେଲ ଓ ପରିବହନ ୬.୭ ପ୍ରତିଶତ, ଆର୍ଥିକ କ୍ଷେତ୍ର ସହିତ ରିଅଲ ଇଷ୍ଟେଟ୍ ଅଭିବୃଦ୍ଧି ହାର ୭ ପ୍ରତିଶତ ରହିଛି। ତେବେ ଚିନ୍ତାର ବିଷୟ ହେଲା ସଂଖ୍ୟାଧିକ ଲୋକ କୃଷି ଉପରେ ଏବେ ବି ନିର୍ଭରଶୀଳ ଥିଲେ ମଧ୍ୟ ତୃତୀୟ ତ୍ରୟମାସରେ ଦେଶର କୃଷିକ୍ଷେତ୍ରର ଅଭିବୃଦ୍ଧି ବିଯୁକ୍ତ ୦.୮ ପ୍ରତିଶତ ଅର୍ଥାତ୍ ସଂକୁଚିତ ହୋଇଛି। ଦ୍ୱିତୀୟ ତ୍ରିମାସୀରେ କୃଷିକ୍ଷେତ୍ରର ଅଭିବୃଦ୍ଧି ୧.୬ ପ୍ରତିଶତ ରହିଥିଲା।

ସେହିଭଳି ଗତ ଆର୍ଥିକବର୍ଷର ତୃତୀୟ ତ୍ରୟମାସରେ କୃଷି କ୍ଷେତ୍ର ୫.୨ ପ୍ରତିଶତ ହାରରେ ଆଗକୁ ବଢ଼ିଥିଲା। ରିପୋର୍ଟ ଉପରେ ନଜର ପକାଇଲେ ଜଣାଯାଏ ଯେ ବର୍ତ୍ତମାନ ମୂଲ୍ୟରେ ତୃତୀୟ ତ୍ରୟମାସର ଜିଡିପି ୭୫.୪୯ ଲକ୍ଷ କୋଟି ଟଙ୍କା ରହିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଏହା ୬୮.୫୮ ଲକ୍ଷ କୋଟି ଟଙ୍କା ରହିଥିଲା। ତେଣୁ ବର୍ତ୍ତମାନ ମୂଲ୍ୟରେ ଜିଡିପି ଅଭିବୃଦ୍ଧିରେ ୧୦.୧ ପ୍ରତିଶତ ବୃଦ୍ଧି ଘଟିଛି। କିନ୍ତୁ ୨୦୧୧-୧୨ର ସ୍ଥିର ମୂଲ୍ୟରେ ଚଳିତ ଆର୍ଥିକବର୍ଷର ତୃତୀୟ ତ୍ରୟମାସ ଜିଡିପି ୪୩.୭୨ ଲକ୍ଷ କୋଟି ଟଙ୍କା ରହିଛି। ୨୦୨୨-୨୩ର ତୃତୀୟ ତ୍ରୟମାସରେ ଏହା ୪୦.୩୫ ଲକ୍ଷ କୋଟି ଟଙ୍କା ରହିଥିଲା। ତେଣି ଏହି ସମୟରେ ବାସ୍ତବ ଜିଡିପି ଅଭିବୃଦ୍ଧି ୮.୪ ପ୍ରତିଶତ ବଢ଼ିଥିବା ଆକଳନ ହୋଇଛି।

ଏଥିସହିତ ଆର୍ଥିକ ବର୍ଷର ପ୍ରଥମ ଓ ଦ୍ୱିତୀୟ ତ୍ରୟମାସ ପାଇଁ ମଧ୍ୟ ଜିଡିପି ସଂଖ୍ୟାରେ ସଂଶୋଧନ ଅଣାଯାଇଛି। ପୂର୍ବ ଆକଳନରେ ପ୍ରଥମ ଓ ଦ୍ୱିତୀୟ ତ୍ରୟମାସରେ ଜିଡିପି ଅଭିବୃଦ୍ଧି ଯଥାକ୍ରମେ ୭.୮ ଏବଂ ୭.୬ ପ୍ରତିଶତ ରହିଥିଲା। କିନ୍ତୁ ଆଜି ଉକ୍ତ ସଂଖ୍ୟା ଯଥାକ୍ରମେ ୮.୨ ପ୍ରତିଶତ ଏବଂ ୮.୧ ପ୍ରତିଶତ ରହିଥିବା ଦର୍ଶାଯାଇଛି। ତୃତୀୟ ତ୍ରୟମାସରେ ଅର୍ଥନୀତିର ଅଭିବୃଦ୍ଧି ୬.୫ ପ୍ରତିଶତ ରହିବ ବୋଲି ରିଜର୍ଭ ବ୍ୟାଙ୍କ ପୂର୍ବାନୁମାନ କରିଥିଲା। ତେଣୁ ରିଜର୍ଭ ବ୍ୟାଙ୍କର ପୂର୍ବାନୁମାନ ତୁଳନାରେ ଅଭିବୃଦ୍ଧି ଭଲ ରହିଛି। ଆଜି ପ୍ରକାଶିତ ଦ୍ୱିତୀୟ ଅଗ୍ରିମ ଆକଳନରେ ଚଳିତ ଆର୍ଥିକ ବର୍ଷ ପାଇଁ ଅର୍ଥନୀତିର ଅଭିବୃଦ୍ଧି ୭.୬ ପ୍ରତିଶତ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଚଳିତବର୍ଷ ପୂର୍ବରୁ କରାଯାଇଥିବା ପ୍ରଥମ ଅଗ୍ରିମ ଆକଳନରେ ଆର୍ଥିକବର୍ଷର ଅଭିବୃଦ୍ଧି ୭.୩ ପ୍ରତିଶତ ରହିବ ବୋଲି ପୂର୍ବାନୁମାନ କରାଯାଇଥିଲା। ବର୍ତ୍ତମାନ ମୂଲ୍ୟରେ ଚଳିତ ଆର୍ଥିକ ବର୍ଷ ପାଇଁ ମୋଟ ଘରୋଇ ଉତ୍ପାଦ ୨୯୩.୯୦ ଲକ୍ଷ କୋଟି ଟଙ୍କା ରହିବ ବୋଲି ରିପୋର୍ଟରେ ଦର୍ଶାଯାଇଛି। ୨୦୨୨-୨୩ ଆର୍ଥିକବର୍ଷରେ ଏହା ୨୬୯.୫୦ ଲକ୍ଷ କୋଟି ଟଙ୍କା ରହିଥିଲା। ତେଣୁ ବର୍ତ୍ତମାନ ମୂଲ୍ୟରେ ଜିଡିପି ଅଭିବୃଦ୍ଧି ୯.୧ ପ୍ରତିଶତ ରହିବା ନେଇ ହିସାବ କରାଯାଇଛି। ତେବେ ୨୦୧୧-୧୨ ଆର୍ଥିକ ବର୍ଷର ସ୍ଥିର ମୂଲ୍ୟରେ ୨୦୨୩-୨୪ ଆର୍ଥିକବର୍ଷର ଜିଡିପି ୧୭୨.୯୦ ଲକ୍ଷ କୋଟି ଟଙ୍କା ରହିବା ନେଇ ଆକଳନ କରାଯାଇଛି। ୨୦୨୨-୨୩ ଆର୍ଥିକ ବର୍ଷର ପ୍ରଥମ ସଂଶୋଧିତ ଆକଳନରେ ବାସ୍ତବ ଜିଡିପି ୧୬୦.୭୧ ଲକ୍ଷ କୋଟି ଟଙ୍କା ରହିବ ବୋଲି କୁହାଯାଇଛି। ତେଣୁ ଗତ ଆର୍ଥିକ ବର୍ଷରେ ବାସ୍ତବ ଜିଡିପି ଅଭିବୃଦ୍ଧି ହାର ୭ ପ୍ରତିଶତ ଥିବାବେଳେ ଚଳିତ ଆର୍ଥିକ ବର୍ଷରେ ଏହା ୭.୬ ପ୍ରତିଶତ ରହିବା ନେଇ ଏନ୍‌ଏସ୍‌ଓ (ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ) ପକ୍ଷରୁ କୁହାଯାଇଛି। ଭାରତୀୟ ଅର୍ଥନୀତିର ତୃତୀୟ ତ୍ରୟମାସ ଜିଡିପି ଅଭିବୃଦ୍ଧି ରିପୋର୍ଟ ଆସିବା ପରେ ସାମାଜିକ ଗଣମାଧ୍ୟମ ଏକ୍ସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହା ଉପରେ ମତ ରଖିଛନ୍ତି। ୮.୪ ପ୍ରତିଶତର ଜିଡିପି ଅଭିବୃଦ୍ଧି ଭାରତୀୟ ଅର୍ଥନୀତିର ଶକ୍ତି ଓ ସାମର୍ଥ୍ୟକୁ ଦର୍ଶାଉଛି। ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ହାସପାଇଁ ଆମର ପ୍ରଚେଷ୍ଟା ଜାରି ରହିବ, ଯେପରିକି ୧୪୦ କୋଟି ଭାରତୀୟ ଉତ୍ତମ ଜୀବନ ଜିଇଁ ପାରିବେ ଏବଂ ଏକ ବିକଶିତ ଭାରତ ତିଆରି ହୋଇପାରିବ ବୋଲି ପ୍ରଧାମନ୍ତ୍ରୀ କହିଛନ୍ତି।

# ସାରସ୍ୱତ ସାଧକ ପଣ୍ଡିତ ଗୋଦାବରୀଶ ମିଶ୍ର



ବିଶ୍ୱବିଜୟୀ ଦାଶ
ସମ୍ପାଦକ, ବ୍ରଜବିଳାସ ଇ-ପତ୍ରିକା
ବାଣପୁର, ଖୋର୍ଦ୍ଧା
ପିନ୍ ନଂ - ୭୫୨୦୩୫
ମୋ ନଂ- ୬୩୭୦୨୦୮୪୨୮

ସତ୍ୟବାଦୀ ପଞ୍ଚସଖା ଯୁଗର ଅନ୍ୟତମ ସାଧକ ପଣ୍ଡିତ ଗୋଦାବରୀଶ ମିଶ୍ର ଏକାଧାରାରେ ଜଣେ ଆଦର୍ଶ ଶିକ୍ଷକ, ଶିକ୍ଷାବିଦ୍, ନିଃସ୍ୱାର୍ଥପର ଜନସେବକ, ପ୍ରବୀଣ ରାଜନୀତିଜ୍ଞ ଏବଂ ଓଡ଼ିଆ ଭାଷା ଓ ସାହିତ୍ୟର ଏକନିଷ୍ଠ ପୂଜାରୀ ଭାବରେ ଏକ ଉତ୍ତୁଙ୍ଗ ଶାସନର ଅଧିକାରୀ। ତାଙ୍କର କାନ୍ତ କୋମଳ, ଭାବମୟ ତଥା ମଧୁମୟ ଗାଥା ଓ ଗୀତିକବିତା ମାନ ଯୁଗେ ଯୁଗେ ଆମ ସାହିତ୍ୟର ଅମୂଲ୍ୟ ଓ ଅକ୍ଷୟ ସମ୍ପଦ। କବିପ୍ରାଣର ଅନନ୍ତ ବିସ୍ତୃତି, ଜୀବନର ଉଦାରତା, ମାନବତାର ଐଶ୍ୱର୍ଯ୍ୟ ଓ ଉତ୍ତୁଙ୍ଗ ଜୀବନାଦର୍ଶରେ ସମୁଜ୍ଜଳ ତାଙ୍କର କାବ୍ୟ ସାହିତ୍ୟ ଅନନ୍ୟ ଓ ଅତୁଳନୀୟ। ସେ ୨୬ ଅକ୍ଟୋବର ୧୮୮୬ ମସିହା ପୁରୀ ଜିଲ୍ଲା ବାଣପୁରର ଶ୍ରୀନିବାସପୁର ଶାସନ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିତାଙ୍କ ନାମ ଲିଙ୍ଗରାଜ ମିଶ୍ର ଓ ମାତାଙ୍କ ନାମ ଅପସରା ଦେବୀ। ତାଙ୍କର ପ୍ରାଥମିକ ଶିକ୍ଷା ଗ୍ରାମ ସ୍କୁଲରେ ସମାପ୍ତ ହୋଇଥିଲା, ପରବର୍ତ୍ତୀ ସମୟରେ ପୁରୀ ଜିଲ୍ଲା ସ୍କୁଲରେ ତାଙ୍କର ଉଚ୍ଚଶିକ୍ଷା ସମାପ୍ତ ହୋଇଥିଲା। ସେ ୧୯୧୦ରେ ରେଭେନ୍ସା ମହାବିଦ୍ୟାଳୟରୁ ଦାର୍ଶନିକ ବିଭାଗରେ ସ୍ନାତକ ଡ଼ିଗ୍ରୀ ହାସଲ କଲେ। ୧୯୧୨ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରୁ ଅର୍ଥନୀତି ବିଭାଗରେ ସ୍ନାତକୋତ୍ତର ହାସଲ କଲେ। ୧୯୧୩ ମସିହାରେ ପଣ୍ଡିତ ଗୋଦାବରୀଶ ମିଶ୍ର ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରେରଣାରେ ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷକତାକୁ ଆଦରିନେଇ ତ୍ୟାଗ, ସେବା ଓ ସାଧନାର 'ବେଦି'ରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ବକୁଳ-ଛୁରିଆନାର ସେହି ରମଣୀୟ ପ୍ରାକୃତିକ ପରିବେଶ ତାଙ୍କୁ ସମ୍ମୋହିତ କରିବା ସାଙ୍ଗକୁ ଅମୃତମୟୀ କବିତା ରଚନା ପାଇଁ ଉଦବୁଦ୍ଧ କରିଥିଲା। 'ଆଲେଖିକା' ର ଗାଥା କବିତାମାନ ପଣ୍ଡିତ ଗୋଦାବରୀଶଙ୍କ ଗଭୀର ଜାତୀୟତାବୋଧ, ସ୍ୱଦେଶପ୍ରୀତି, ଐତିହ୍ୟ-ଅନୁରକ୍ତିର ଜୀବନ୍ତ ଆଲେଖ୍ୟ। ଅନୁଭୂତି-ରସାଣିତ ଆବେଗମୟ ପ୍ରାଣପ୍ରାଚୁର୍ଯ୍ୟ ଭରା 'କିଶଳୟ' ଓ 'କଳିକାର' କବିତାବଳୀ ଏକ ଅପୂର୍ବ ଐଶ୍ୱର୍ଯ୍ୟରେ ବିଭବଶାଳୀ। 'ମୁକୁନ୍ଦ ଦେବ' ଓ 'ପୁରୁଷୋତ୍ତମ ଦେବ' ଐତିହାସିକ ନାଟକ ଦ୍ୱୟ ତାଙ୍କ ଉତ୍କଳାନୁରାଗରେ ସୁସ୍ପଷ୍ଟ ନିଦର୍ଶନ। କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପକ୍ଷରୁ ପୁରସ୍କୃତ ତାଙ୍କର ଆତ୍ମଜୀବନୀ ଗ୍ରନ୍ଥ 'ଅର୍ଦ୍ଧଶତାବ୍ଦୀରେ ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ତତ୍କାଳୀନ ଓଡ଼ିଶାର ସାମାଜିକ, ସାଂସ୍କୃତିକ, ରାଜନୈତିକ ତଥା ଆର୍ଥନୈତିକ ଜୀବନଧାରାରେ ଏକ ସତ୍ୟନିଷ୍ଠ ବିବରଣୀ। ଏହାବ୍ୟତୀତ ଚୟନିକା, କବିତାୟନ, ଗୀତାୟନ ଓ କବିତାଗ୍ରନ୍ଥ ଆଦି କେତେକ ପାଠ୍ୟପୁସ୍ତକ ଓ ତତସହିତ ବହୁ ଶିଶୁ-କବିତା ରଚନା କରି ସେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଯାଇଛନ୍ତି। ସେ 'ଘଟାନ୍ତର', 'ଅଭାଗିନୀ', 'ଅଠର ଶହ ସତର'ଓ 'ନିର୍ବାସିତ' ଉପନ୍ୟାସର ସ୍ରଷ୍ଟା। ତାଙ୍କର ଅଭାଗିନୀ ଉପନ୍ୟାସ ୧୯୧୨ ମସିହାରେ ପ୍ରଥମେ ପ୍ରକାଶିତ। ଅନ୍ୟ ଉପନ୍ୟାସଗୁଡିକ ୧୯୪୦ ମସିହାରୁ ୧୯୫୧ ମଧ୍ୟରେ ପ୍ରକାଶିତ। ତାଙ୍କର ଗାଥା କବିତା ଗୁଡ଼ିକ ହେଲା କାଳିଜାଇ, ଅଭିରାମ ସିଂହ, ଧରଣୀଧର ପ୍ରମୁଖ। ୧୯୧୯ ମସିହାରେ ସିଂହଭୂମି ଯାଇ ସେଠାରେ ଓଡ଼ିଆ ଭାଷାର ସୁରକ୍ଷା ଓ ପ୍ରସାର କଳ୍ପେ କେତେକ ଉଚ୍ଚବିଦ୍ୟାଳୟ ସମେତ ବହୁ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିଥିଲେ। ଚକ୍ରଧରପୁର ବିଦ୍ୟାଳୟକୁ ସେ ଏକ ଜାତୀୟ ବିଦ୍ୟାଳୟ ଭାବରେ ପରିଣତ କରି ପ୍ରଧାନଶିକ୍ଷକ ଦାୟିତ୍ୱ ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ବାଣପୁର ନିର୍ବାଚନ ମଣ୍ଡଳୀର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ମନ୍ତ୍ରୀ ମଣ୍ଡଳରେ ଶିକ୍ଷାମନ୍ତ୍ରୀ ହୋଇଥିଲେ। ତାଙ୍କରି ଉଦ୍ୟମରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ପଣ୍ଡିତ ଗୋଦାବରୀଶ ମିଶ୍ର ୨୬ ଜୁଲାଇ ୧୯୫୬ ମସିହାରେ ମୃତ୍ୟୁବରଣ କରିଥିଲେ।

# ବର୍ତ୍ତମାନର ସାହିତ୍ୟ କ'ଣ ସତରେ ଆଧୁନିକ ସାହିତ୍ୟ ?



ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୬୧୩
E-mail : mayadharnayak2014@gmail.com

ବର୍ତ୍ତମାନର ସାହିତ୍ୟ ଆଧୁନିକ ସାହିତ୍ୟ ନ କହି ଏ ସାହିତ୍ୟକୁ ବରଂ ଶାସିତର ସାହିତ୍ୟ କହିଲେ ଅଧିକ ଯଥାର୍ଥ ହେବ। ଶାସିତର ସାହିତ୍ୟ ଏଇଥିପାଇଁ ଯେ ସେଥିରେ ଆଧୁନିକତାର କୌଣସି ଚିହ୍ନବର୍ଣ୍ଣ ନାହିଁ। ଜୀବନ ଆଗେଇ ଚାଲିବ, ପୃଥିବୀ କେତେ ପରିବର୍ତ୍ତନ ସାମ୍ନା କରୁଚି, ସମାଜରେ ନାନା ସଂଶୟ ଓ ସଂଘାତ ଉପୁଜୁଚି, ବ୍ୟକ୍ତିମାନସ କେତେ ଜଟିଳତାରେ ଜର୍ଜରିତ ହେଉଚି, ମଣିଷ ଜାତିର ଭବିଷ୍ୟତକୁ ନେଇ କେତେ କ'ଣ ଖେଳ ଆରମ୍ଭ ହୋଇସାରିଚି – ସବୁଠି ଆଶଙ୍କା, ଆତଙ୍କ, ଆପଦର ଆବର୍ତ୍ତ - ଅଥଚ ଚାରି କାନ୍ଥର ଚୌହଦି ମଧ୍ୟରେ ସାହିତ୍ୟ ନାମରେ ଚାଲିଚି ସୌଖୀନ୍ ସର୍ଜନା ! ବୁଦ୍ଧି ଅଛି, ବିବେକ ନାହିଁ... ମସ୍ତିଷ୍କ ଅଛି, ହୃଦୟ ନାହିଁ... ପ୍ରଚାର ଅଛି, ପ୍ରାଣ ନାହିଁ – ଏମିତି ଏକ ଅନ୍ଧମୁହାଣିରେ ଭାରତର ସାହିତ୍ୟ ଆଜି କେବଳ ଭୁଆଁ ବୁଲୁଛି। ସାହିତ୍ୟ ଲେଖୁଛନ୍ତି ବୋଲି ଧରାଯାଉଥିବା ବହୁ ଧୁରୀଣ ବ୍ୟକ୍ତି ନିଜ ନିଜକୁ ଲେଖକ ରୂପରେ ଚିହ୍ନଟ କରାଉଛନ୍ତି ସିନା, ମାତ୍ର ପ୍ରକୃତରେ ସେମାନେ କ'ଣ ଲେଖକ ପଦବାଚ୍ୟ? ବରଂ ଲେଖକ ନ କହି ସେମାନଙ୍କୁ ଲେଖାଳି କହିଲେ ଠିକ୍ ହେବ। ସେମାନେ ଲେଖାଳି – କାହିଁକିନା ସେମାନଙ୍କର ସାହିତ୍ୟ-ଚିନ୍ତନ ମୌଳିକତାହୀନ, ସାହିତ୍ୟଦୃଷ୍ଟି ମନନଶୂନ୍ୟ। ନିଜ ମାଟି-ପାଣି-ପବନର ରୂପ-ରସ-ଗନ୍ଧ ସେମାନଙ୍କ ସାହିତ୍ୟରେ ନାସ୍ତି। ଏକ ପ୍ରକାର ଔପନିବେଶିକ ଅନୁଶାସନକୁ ଅକ୍ଷରେ ଅକ୍ଷରେ ମାନିନେଇ ସେମାନେ ଆଧୁନିକ ସାହିତ୍ୟ ଲେଖନ୍ତି ବୋଲି ପ୍ରଚାରିତ ହୋଇ ଆସୁଛନ୍ତି ମାତ୍ର। ନ ହେଲେ ମାଟି ଆଉ ମଣିଷର ମର୍ମକଥା, ସମକାଳୀନ ପ୍ରଜନ୍ମର ପ୍ରାଣପୀଡ଼ା, ନିଜ ସମୟର ଅନ୍ତଃସ୍ୱରରୁ ସେମାନଙ୍କ ସାହିତ୍ୟ ବଂଚିତ।

ବର୍ତ୍ତମାନର ସାହିତ୍ୟ କିତାବୀ କୀଟସାହିତ୍ୟ – ଓଡିଆ ଓ ଅନ୍ୟାନ୍ୟ ଭାଷାରେ ଏଇ କୋଡିଏ ତିରିଶ ବର୍ଷ ଧରି ସାହିତ୍ୟ ଆଳରେ କେବଳ ଏକ ଅପରାହ୍‌ଣଧର୍ମୀ ଆହରଣକାମୀ ଅଭ୍ୟାସକୁ ଅକ୍ଷର ରୂପ ଦିଆଯାଇ ଆସୁଛି। ମହାଭାରତରେ କୋକୁଆ ମାତିବା ପରି ଏବର ଏଇ ଦୋ'ନମ୍ବରୀ ସାହିତ୍ୟରେ ସେମିତି ଅବକ୍ଷୟର ଅଣଚାଶ ମାଡ଼ି ଆସିଚି। ଯେଉଁଠି ଦେଖ କେବଳ ଶୂନ୍ୟତାର ସ୍ୱର, ହତାଶାର ହାହାକାର, ବିଚିତ୍ର ବିକଳପଣର ବିଜ୍ଞପ୍ତି। ସାହିତ୍ୟରେ ଦେଖାଦେଇଛି ବିଷୟବସ୍ତୁର ସଂକଟ। ଶୈଳୀସର୍ବସ୍ୱ ଆଭିମୁଖ୍ୟ ଆଜି ସାହିତ୍ୟର ଧ୍ୟେୟ ଓ ଶ୍ରେୟ। ଆମର ଅଧିକାଂଶ ଲେଖକ କେତେଦୂର ଗାଆଁଗହଳର ଗହନ ଚିତ୍ରକୁ ରଙ୍ଗାଇ ପାରନ୍ତି ? ସେମାନେ କ'ଣ ବଂଚିବାର ସଂଗ୍ରାମ ଓ ସଂଘାତରେ ପ୍ରତି ମୁହୂର୍ତ୍ତରେ ଜୀବନ୍ତ ସହିଦ ପାଲଟୁଥିବା ସାଧାରଣ ମଣିଷର କଥା ଓ ବ୍ୟଥାକୁ ନିଜ ସାହିତ୍ୟର ସରହଦକୁ ପାଛୋଟି ଆଣିଛନ୍ତି ? ବର୍ତ୍ତମାନର ସାହିତ୍ୟରେ ବର୍ତ୍ତମାନର ଜୀବନ ନାହିଁ, ସ୍ୱର୍ଶ ନାହିଁ, ସଂଘର୍ଷ ନାହିଁ - ପରିବର୍ତ୍ତନ ଓ ବିବର୍ତ୍ତନର ପ୍ରମାଣପତ୍ର ନାହିଁ। ସୁତରାଂ ସାଂପ୍ରତିକ ସାହିତ୍ୟ ସମାଜ-ଜୀବନଠାରୁ ସୁଦୂରବର୍ତ୍ତୀ ହୋଇ ଉଠିବା ଫଳରେ ହରାଇ ବସୁଛି ପ୍ରବୃଦ୍ଧିଶୀଳ ପାଠକୀୟତା। ହଁ, ଆଜି ସାହିତ୍ୟରେ ଶହଶହ ଲେଖକଙ୍କ ଥାଟପଟାଳି, ମାତ୍ର ପାଠକ ଶହେରେ ସାତଜଣ ବାହାରିବେ କି ନାହିଁ ସନ୍ଦେହ ! ଏପରିକି ଯେଉଁମାନେ ତିରିଶ ଚାଳିଶବର୍ଷ ହେଲା ଲେଖାଲେଖି କରି ଆସୁଛନ୍ତି ସେମାନେ ନିଜ ଲେଖା ଛଡା ଅନ୍ୟ ଲେଖକମାନଙ୍କୁ ପଢିଥାନ୍ତି କି ଆନ୍ତରିକତାର ସହିତ? ବରଂ ବିଭିନ୍ନ ଭାଷାର ଲେଖକ ତା ନିଜ ଭାଷାର ବହି ନ କିଣି କିଣିଥାଏ ବିଦେଶୀ ଭାଷାର ବହି। ସେ ସାରଳାଦାସ, ବଳରାମ ଦାସ, ଜଗନ୍ନାଥ ଦାସ, ଅଭିମନ୍ୟୁ ସାମନ୍ତସିଂହାର, ଗୋପାଳକୃଷ୍ଣ, ବଳଦେବ ରଥ କି ଭୀମ ଭୋଇଙ୍କୁ ପଢି ନ ଥାଏ – କିନ୍ତୁ ସଦ୍ୟ ବିଦେଶୀ ଲେଖକମାନଙ୍କ ସବୁ ଖବର ତା' ନଖଦର୍ପଣରେ ! ମୁଁ କହୁନାହିଁ ଯେ ବିଦେଶୀ ଲେଖକଙ୍କ ବହିକୁ ବର୍ଜନ କରାଯାଉ – କାହିଁକିନା ସାହିତ୍ୟରେ ଏ ପ୍ରକାର ସ୍ୱଦେଶୀ ଆନ୍ଦୋଳନର କୌଣସି ସ୍ଲୋଗାନ୍ ବେଶିଦିନ ଚାଲିପାରେନା। ମାତ୍ର ମୋର କହିବାର କଥା ହେଉଚି – ନିଜ ଭାଷା, ନିଜ ସାହିତ୍ୟ ପ୍ରତି ଆମ ତଥାକଥିତ ଲେଖକମାନଙ୍କର ଏ ଧାରାବାହିକ ହୀନମନ୍ୟତାକୁ ଆମେ ବରଦାସ୍ତ କରି ଚାଲିଥିବା ଆଉ କେତେଦିନ?

ଏବେ ଆଉ ଏକ ଦୁଃଖଦାୟକ ଦିଗ ଉପରେ ଆଲୋକପାତ କରାଯାଉ। ଆଜି ଓଡିଆ ସାହିତ୍ୟ କ୍ଷେତ୍ରରେ ଲେଖକମାନଙ୍କ ଗହଳଚହଳ ଯେତେ ନଜରକୁ ଆସୁଛି, ସେ ଗହଳି ଭିତରେ ଆମେ କୌଣସି ବ୍ୟକ୍ତିତ୍ୱଗତ ବିଶାଳତା କି ବ୍ୟାପକତା ଲକ୍ଷ୍ୟ କରି ପାରୁଛୁ କି? ଏଇ କିଛି ବର୍ଷ ତଳେ ଆମ ଆଖି ଆଗେ ଆଗେ ଆମେ ଦେଖୁଥିଲୁ ମହାନ୍ ସାହିତ୍ୟକର୍ମୀ। ସେଇ ବିରଳ ବ୍ୟକ୍ତିତ୍ୱମାନଙ୍କୁ – ଯେଉଁମାନେ ପ୍ରତିଭାତ ହେଉଥିଲେ ଗୋଟିଏ ଗୋଟିଏ ଅନବଦ୍ୟ ନକ୍ଷତ୍ର ଭଳି। ମୁଁ ନିଜେ ଲକ୍ଷ୍ୟ କରିଚି, ସାହିତ୍ୟଦୃଷ୍ଟି ଓ ଦର୍ଶନକୁ ନେଇ ସେମାନେ ମଂଚରେ ବିତର୍କ ସୃଷ୍ଟି କରିଥାନ୍ତି ସିନା ହେଲେ ବ୍ୟକ୍ତିଗତ ସଂପର୍କରେ ସେମାନେ ବରାବର ବନ୍ଧା ଥିଲେ ପରମ ସୌହାର୍ଦ୍ଦ୍ୟର ସୂତ୍ରରେ। ଆଜିର ସାହିତ୍ୟରେ ବ୍ୟକ୍ତିତ୍ୱର ସଂକଟ ଏକ ଦୁଃଖଦ ସତ୍ୟ। ସେଇଭଳି ବିଶାଳ ବ୍ୟକ୍ତିତ୍ୱ କ'ଣ ଆଜିକାଲି ଦେଖିବାକୁ ମିଳୁଛନ୍ତି ସତରେ? ଇତିହାସରେ ଡାଇନୋସାର୍‌ମାନଙ୍କ ଯୁଗ ସରିଯାଇଥିବା ପରି ସାହିତ୍ୟରେ ମଧ୍ୟ ସଂପ୍ରତି ବ୍ୟକ୍ତିତ୍ୱର ସ୍ୱର ନିଶ୍ଚିହ୍ନ। ପୁରସ୍କାର ନପାଇଥିବା ବହୁ ବ୍ୟକ୍ତିତ୍ୱଶାଳୀ ସାହିତ୍ୟିକଙ୍କ ସିଂହାସନ ଥିଲା ସେତେବେଳେ ପାଠକର ହୃଦୟ! ଏ ସୌଭାଗ୍ୟ କିନ୍ତୁ ଆଜିର ବହୁ ନାମୀଦାମୀ ପୁରସ୍କାରପ୍ରାପ୍ତ ଲେଖକଙ୍କ କପାଳରେ ଜୁଟିପାରିଛି କି?

ଶାସିତର ସାହିତ୍ୟ ଏ ଆଜିର କଲମୀ ସାହିତ୍ୟ। ସାଧାରଣ ମଣିଷର ଅନୁପ୍ରବେଶ ଏ ନକଲକରା ସାହିତ୍ୟରେ କାହିଁ? ଶାସନର ବରାଦୀ ବ୍ୟବସ୍ଥା ଭିତରେ, ପ୍ରଶାସନର ପ୍ରହେଳିକା ମଧ୍ୟରେ ସାହିତ୍ୟ ଦ୍ୱାହିରେ ସୃଷ୍ଟି ହେଉଛି ପ୍ରବଂଚନାର ପ୍ରସାରିତ ପରମ୍ପରା। ସତ୍ୟ ନୁହେଁ, ମିଥ୍ୟା ହିଁ ଆଜି ପାଲଟିଛି ସାହିତ୍ୟର ସୂଚିପତ୍ର। ବିବେକବୋଧ ନୁହେଁ, ବିଚାରବୋଧ ନୁହେଁ – ବିଶ୍ୱାସଘାତକତା ହିଁ ଆଜି ହୋଇପଡିଛି ଓଡିଆ ସାହିତ୍ୟର ମୁଖ୍ୟ ବିଷୟବସ୍ତୁ। ଆଜିର ଛଦ୍ମସାହିତ୍ୟ ପ୍ରକୃତରେ ବିଶ୍ୱାସଘାତକତା କରିଚାଲିଚି ଚାରିପଟର ଛିନ୍ନବିଛିନ୍ନ ସମାଜଜୀବନ ପ୍ରତି ଏବଂ ଆଜିର ଲେଖକ ମଧ୍ୟ ନିଜ ପ୍ରତି।

ଆଜି ସାହିତ୍ୟ ଏଇ ବିଶ୍ୱାସକୁ ଫେରାଇ ଆଣିବା ଦରକାର - ଯାହା ଏ ତଥାକଥିତ ଆଧୁନିକ ସାହିତ୍ୟର ସାମର୍ଥ୍ୟ ବାହାରେ। ଆଧୁନିକ ସାହିତ୍ୟର ମୁଖାପିନ୍ଧା ଏକ ବିଶ୍ୱାସଘାତକ ପରମ୍ପରାର ପୂର୍ଣ୍ଣଚ୍ଛେଦ ନପଡିଲେ, ପ୍ରକୃତ ସାହିତ୍ୟ ପାଇଁ ସମ୍ଭାବନା ସୃଷ୍ଟି ହେବ କିପରି ? ନିଃଶ୍ୱାସରେ ନୁହେଁ, ବିଶ୍ୱାସରେ ହିଁ ବଂଚିବାର ବୀଜମନ୍ତ୍ର ଆମେ ସାହିତ୍ୟଠାରୁ ଆଶା କରୁଛୁ।

# ଭାରତ-ୟୁକେ ମୁକ୍ତ ବାଣିଜ୍ୟ ଚୁକ୍ତି: ଆର୍ଥିକ ସହଯୋଗର ଏକ ନୂତନ ଯୁଗ

ସୁଦିପ୍ତ କୁମାର ବେହେରା
ପୁରୁଷୋତ୍ତମପୁର,
ଗଞ୍ଜାମ, ଓଡ଼ିଶା
ମୋ-୯୧୭୮୭୭୪୦୯୩

ଏକ ଗୁରୁତ୍ୱପୂର୍ଣ୍ଣ ବିକାଶରେ, ଭାରତ ଏବଂ ୟୁକେ ଏକ ଐତିହାସିକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (FTA) ସ୍ୱାକ୍ଷର କରିଛନ୍ତି ଯାହାର ଲକ୍ଷ୍ୟ ହେଉଛି ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ଦ୍ୱିଗୁଣିତ କରି ୧୨୦ ବିଲିୟନ ଡଲାର କରିବା। ୨୪ ଜୁଲାଇ, ୨୦୨୫ରେ ଲଣ୍ଡନରେ ସ୍ୱାକ୍ଷରିତ ଏହି ଚୁକ୍ତିନାମା ଦୁଇ ଦେଶ ମଧ୍ୟରେ ଆର୍ଥିକ ସହଭାଗୀତାର ଏକ ନୂତନ ଅଧ୍ୟାୟ। ଏହି ଚୁକ୍ତିନାମା ଉଭୟ ଦେଶର ବିଭିନ୍ନ ଶିଳ୍ପକୁ ଲାଭଦାୟକ ହେବ ବୋଲି ଆଶା କରାଯାଉଛି, ଯେଉଁଥିରେ ଭାରତରୁ ବୟନଶିଳ୍ପ, ପାଦୁକା, ମଣି ଏବଂ ଅଳଙ୍କାର ଏବଂ ୟୁକେରୁ ହ୍ୱିସ୍କି ଏବଂ ଅଟୋମୋବାଇଲ୍ ଅନ୍ତର୍ଭୁକ୍ତ।

ଭାରତ-ୟୁକେ FTA ୟୁକେକୁ ଭାରତୀୟ ରପ୍ତାନିର ୯୯% ଉପକୃତ କରିବ, ଯାହା ବାଣିଜ୍ୟ ମୂଲ୍ୟର ପ୍ରାୟ ୧୦୦% ଅନ୍ତର୍ଭୁକ୍ତ କରିବ। ଏହି ପଦକ୍ଷେପ ସମସ୍ତ କ୍ଷେତ୍ରରେ ଭାରତୀୟ ସାମଗ୍ରୀ ପାଇଁ ବ୍ୟାପକ ବଜାର ପ୍ରବେଶ ପ୍ରଦାନ କରିବ ବୋଲି ଆଶା କରାଯାଉଛି। ହ୍ୱିସ୍କି ଏବଂ ଅଟୋମୋବାଇଲ୍ ଭଳି ଉତ୍ପାଦ ଉପରେ ଶୁଳ୍କ ହ୍ରାସରୁ ୟୁକେ ଲାଭବାନ ହେବ। ଏହି ଚୁକ୍ତିନାମା ବାର୍ଷିକ ଦ୍ୱିପାକ୍ଷିକ ବାଣିଜ୍ୟକୁ ୩୪ ବିଲିୟନ ଡଲାର ବୃଦ୍ଧି କରିବ ବୋଲି ଆକଳନ କରାଯାଇଛି, ୟୁକେକୁ ଭାରତୀୟ ରପ୍ତାନି ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇବାର ଆଶା କରାଯାଉଛି। ସାମାଜିକ ସୁରକ୍ଷା ଉପରେ ଏକ ପୃଥକ ଚୁକ୍ତିନାମା ଦ୍ୱାରା ୟୁକେରେ କାର୍ଯ୍ୟରତ ଭାରତୀୟ ବୃତ୍ତିଗତମାନେ ସାମାଜିକ ସୁରକ୍ଷା ପାଣ୍ଠିରେ ଦ୍ୱିଗୁଣିତ ଅବଦାନରୁ ବଞ୍ଚିପାରିବେ। ଏହା ୟୁକେରେ କାର୍ଯ୍ୟରତ ହଜାର ହଜାର ଭାରତୀୟ ବୃତ୍ତିଗତଙ୍କୁ ଆଶ୍ୱସ୍ତି ପ୍ରଦାନ କରିବ ଏବଂ ୟୁକେରେ ନିବେଶ କରିବାକୁ ଅଧିକ ଭାରତୀୟ ବ୍ୟବସାୟକୁ ଉତ୍ସାହିତ କରିବ।

ଭାରତ-ୟୁକେ ଏଫ୍‌ଟିଏ ଉଭୟ ଦେଶକୁ ବିଭିନ୍ନ ଉପାୟରେ ଲାଭବାନ କରିବ ବୋଲି ଆଶା କରାଯାଉଛି। ଏହା ଦୁଇ ରାଷ୍ଟ୍ର ମଧ୍ୟରେ ବାଣିଜ୍ୟ ବୃଦ୍ଧି କରିବ, ବ୍ୟବସାୟ ଏବଂ ଗ୍ରାହକଙ୍କ ପାଇଁ ନୂତନ ସୁଯୋଗ ପ୍ରଦାନ କରିବ। ଏହି ଚୁକ୍ତିନାମା ୟୁକେରେ ହଜାର ହଜାର ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି, ବିଶେଷକରି ବୟନଶିଳ୍ପ ଏବଂ ଉତ୍ପାଦନ ଭଳି କ୍ଷେତ୍ରରେ। ଏହା ଉଭୟ ଦେଶର ଆର୍ଥିକ ଅଭିବୃଦ୍ଧିରେ ମଧ୍ୟ ଯୋଗଦାନ ଦେବ, ଦୀର୍ଘକାଳୀନ ଭାବରେ ଭାରତରେ ୟୁକେ ରପ୍ତାନି ପ୍ରାୟ ୬୦% ବୃଦ୍ଧି କରିବାର ସମ୍ଭାବନା ସହିତ।

ଏହି ଚୁକ୍ତିନାମାକୁ ଦୁଇ ରାଷ୍ଟ୍ର ମଧ୍ୟରେ ଆର୍ଥିକ ସମ୍ପର୍କକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ଦେଖାଯାଉଛି। ଚୁକ୍ତିନାମା କାର୍ଯ୍ୟକାରୀ ହେବା ସହିତ, ଏହା ପ୍ରଯୁକ୍ତିବିଦ୍ୟା, ଉତ୍ପାଦନ ଏବଂ ସେବା ଭଳି କ୍ଷେତ୍ରରେ ନୂତନ ନିବେଶକୁ ଆକର୍ଷିତ କରିବ ବୋଲି ଆଶା କରାଯାଉଛି। ଏହା ଫିନଟେକ୍, ସବୁଜ ଶକ୍ତି ଏବଂ ନବସୃଜନ ଭଳି ଉଦୀୟମାନ କ୍ଷେତ୍ରରେ ଅଧିକ ସହଯୋଗକୁ ପ୍ରୋତ୍ସାହିତ କରିବ। ଏହି ଚୁକ୍ତିନାମା ଉଭୟ ଦେଶରେ ସ୍ଥାୟୀ ଅଭିବୃଦ୍ଧି ଏବଂ ବିକାଶକୁ ସମର୍ଥନ କରିବ। ଭାରତ-ୟୁକେ ଏଫ୍‌ଟିଏ ଉଭୟ ଦେଶ ପାଇଁ ଏକ ବିଜୟ-ଜୟ। ଭାରତ ପାଇଁ, ଏହା ଏହାର ରପ୍ତାନି ବୃଦ୍ଧି କରିବା ଏବଂ ୟୁକେରୁ ନିବେଶ ଆକର୍ଷିତ କରିବାର ସୁଯୋଗ ପ୍ରଦାନ କରେ। ୟୁକେ ପାଇଁ, ଏହା ଭାରତରେ ଏକ ବୃହତ ଏବଂ ବୃଦ୍ଧି ପାଉଥିବା ବଜାରକୁ ପ୍ରବେଶ ପ୍ରଦାନ କରେ। ଏହି ଚୁକ୍ତିନାମା ଦୁଇ ରାଷ୍ଟ୍ର ମଧ୍ୟରେ ଲୋକ-ଲୋକ ସମ୍ପର୍କକୁ ମଧ୍ୟ ପ୍ରୋତ୍ସାହିତ କରିବ, ଅନେକ ଭାରତୀୟ ବ୍ୟବସାୟ ଏବଂ ବୃତ୍ତିଗତ ଏହି ଚୁକ୍ତିନାମାରୁ ଉପକୃତ ହେବେ।

ଭାରତ-ୟୁକେ ଏଫ୍‌ଟିଏ ସ୍ୱାକ୍ଷରିତ ହେବା ଉଭୟ ଦେଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା। ଏହା ସେମାନଙ୍କର ଆର୍ଥିକ ସହଭାଗୀତାକୁ ସୁଦୃଢ଼ କରିବା ଏବଂ ବାଣିଜ୍ୟ ଏବଂ ନିବେଶକୁ ପ୍ରୋତ୍ସାହିତ କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରେ। ଏହି ଚୁକ୍ତିନାମା ଉଭୟ ଦେଶର ଅର୍ଥନୀତି ଉପରେ ସକାରାତ୍ମକ ପ୍ରଭାବ ପକାଇବ ଏବଂ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ଚୁକ୍ତିନାମା କାର୍ଯ୍ୟକାରୀ ହେବା ସହିତ, ଏହା ଦୁଇ ରାଷ୍ଟ୍ର ମଧ୍ୟରେ ବାଣିଜ୍ୟ ଏବଂ ନିବେଶ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ଭାରତୀୟ ବ୍ୟବସାୟଗୁଡ଼ିକ ୟୁକେ ବଜାରକୁ ବର୍ଦ୍ଧିତ ପ୍ରବେଶରୁ ଲାଭ ପାଇବେ, ଯେତେବେଳେ ୟୁକେ ବ୍ୟବସାୟଗୁଡ଼ିକ ଭାରତୀୟ ବଜାରକୁ ବର୍ଦ୍ଧିତ ପ୍ରବେଶରୁ ଲାଭ ପାଇବେ। ଏହି ଚୁକ୍ତିନାମା ଉଭୟ ଦେଶରେ ନବସୃଜନ ଏବଂ ଉଦ୍ୟୋଗକୁ ମଧ୍ୟ ପ୍ରୋତ୍ସାହିତ କରିବ, ଅନେକ ଷ୍ଟାର୍ଟଅପ୍ ଏବଂ ଛୋଟ ବ୍ୟବସାୟ ଚୁକ୍ତିନାମାରୁ ଉପକୃତ ହେବେ।

ଭାରତ-ୟୁକେ ଏଫ୍‌ଟିଏ ଉଭୟ ଦେଶ ପାଇଁ ଏକ ଅଧିକ ସମୃଦ୍ଧ ଏବଂ ସ୍ଥାୟୀ ଭବିଷ୍ୟତ ସୃଷ୍ଟି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ଉଭୟ ରାଷ୍ଟ୍ରର ସେମାନଙ୍କର ଆର୍ଥିକ ସହଭାଗୀତାକୁ ସୁଦୃଢ଼ କରିବା ଏବଂ ବାଣିଜ୍ୟ ଏବଂ ନିବେଶକୁ ପ୍ରୋତ୍ସାହିତ କରିବା ପ୍ରତି ପ୍ରତିବଦ୍ଧତାକୁ ପ୍ରଦର୍ଶନ କରେ। ଏହି ଚୁକ୍ତିନାମା କାର୍ଯ୍ୟକାରୀ ହେବା ସହିତ, ଏହା ଉଭୟ ଦେଶର ଅର୍ଥନୀତି ଉପରେ ସକାରାତ୍ମକ ପ୍ରଭାବ ପକାଇବ ଏବଂ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବ ବୋଲି ଆଶା କରାଯାଉଛି।

ଶେଷରେ, ଭାରତ-ୟୁକେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଏକ ଐତିହାସିକ ଚୁକ୍ତିନାମା ଯାହା ଦୁଇ ରାଷ୍ଟ୍ର ମଧ୍ୟରେ ଆର୍ଥିକ ସହଯୋଗର ଏକ ନୂତନ ଯୁଗକୁ ଚିହ୍ନିତ କରେ। ଏହି ଚୁକ୍ତିନାମା ଉଭୟ ଦେଶର ବିଭିନ୍ନ ଶିଳ୍ପକୁ ଲାଭଦାୟକ କରିବ ଏବଂ ସ୍ଥାୟୀ ଅଭିବୃଦ୍ଧି ଏବଂ ବିକାଶକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି। ଏହି ଚୁକ୍ତିନାମା କାର୍ଯ୍ୟକାରୀ ହେବା ସହିତ, ଏହା ଦୁଇ ରାଷ୍ଟ୍ର ମଧ୍ୟରେ ବାଣିଜ୍ୟ ଏବଂ ନିବେଶ ବୃଦ୍ଧି କରିବ, ଯାହା ଉଭୟ ଦେଶରେ ନବସୃଜନ ଏବଂ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବ। ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ଦ୍ୱିଗୁଣିତ କରି ୧୨୦ ବିଲିୟନ କରିବାର ସମ୍ଭାବନା ସହିତ, ଏହି ଚୁକ୍ତିନାମା ଭାରତ ଏବଂ ୟୁକେ ମଧ୍ୟରେ ଆର୍ଥିକ ସହଭାଗୀତା ପାଇଁ ଏକ ଖେଳ ପରିବର୍ତ୍ତନକାରୀ ହେବ।

# ଧର୍ମନିରପେକ୍ଷତାବାଦ ଏକ ଶବ୍ଦ ନୁହେଁ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୭୯୭୮୬୬୬୪୦୩

ଭାରତୀୟ ସମ୍ବିଧାନର ମୁଖବନ୍ଧରୁ 'ଧର୍ମନିରପେକ୍ଷ' ଓ 'ସମାଜବାଦୀ' ଶବ୍ଦ ଦୁଇଟିକୁ ହଟାଇ ଦେବା ଲାଗି ଉପ-ରାଷ୍ଟ୍ରପତି ଏବଂ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆରଏସଏସ) ସମେତ ବିଜେପିର ବହୁ କଠୋରପନ୍ଥୀ ନେତା ଦାବି କରିଛନ୍ତି। ଏହି ଦାବି ପଛରେ ସେମାନଙ୍କ ଯୁକ୍ତି ହେଉଛି ଯେ, ଦେଶରେ ଜରୁରୀକାଳୀନ ପରିସ୍ଥିତି ଜାରି ସମୟରେ ୧୯୭୬ ମସିହାରେ ୪୨ତମ ସମ୍ବିଧାନ ସଂଶୋଧନ ବଳରେ ଏହି ଶବ୍ଦ ଦୁଇଟିକୁ ସମ୍ବିଧାନର 'ମୁଖବନ୍ଧ' ତଥା ପ୍ରସ୍ତାବନାରେ ଯୋଡାଯାଇଥିଲା। ଯାହାକୁ ଦେଶ ସ୍ୱାଧୀନତା ପରେ ସମ୍ବିଧାନ ପ୍ରଣୟନ ବେଳେ କନଷ୍ଟିଚ୍ୟୁଏଣ୍ଟ ଆସେମ୍ବ୍ଲି ଅତ୍ୟନ୍ତ ଜରୁରୀ ବିବେଚନା କରିନଥିଲେ। ଆହୁରି ମଧ୍ୟ ସେମାନେ ଯୁକ୍ତି ଦର୍ଶାଇଛନ୍ତି ଯେ, ୪୨ତମ ସମ୍ବିଧାନ ସଂଶୋଧନ ସମୟରେ ବିରୋଧି ଦଳର ସାଂସଦ ଏବଂ ବିରୋଧି ଦଳ ନେତାମାନେ ଜେଲରେ ଥିବାବେଳେ ମୌଳିକ ସ୍ୱାଧୀନତା, ଅଧିକାର ଏବଂ ଗଣମାଧ୍ୟମର ସ୍ୱାଧୀନତା ଉପରେ କଟକଣା ଜାରି କରାଯାଇଥିଲା। ଅବଶ୍ୟ ସମ୍ବିଧାନର 'ମୁଖବନ୍ଧ'ରୁ ଧର୍ମନିରପେକ୍ଷତା ଏବଂ ସମାଜବାଦୀ ଶବ୍ଦ ଉଠାଇବା ଦାବି ନୂଆ ନୁହେଁ। ୨୦୧୪ ଏବଂ ୨୦୧୯ ସାଧାରଣ ନିର୍ବାଚନରେ ବିଜେପି ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ହାସଲ କରିଥିବା ସମୟରେ ମଧ୍ୟ କେତେକ ନେତା ଏପରି ଦାବି କରିଥିଲେ। ଉପ-ରାଷ୍ଟ୍ରପତି କହିଛନ୍ତି ଯେ, ଧର୍ମନିରପେକ୍ଷତା 'ସନାତନ'ର ପବିତ୍ରତାକୁ ଅପବିତ୍ର କରୁଛି। କହିବା ବାହୁଲ୍ୟ ଯେ, ଜରୁରୀ ପରିସ୍ଥିତି ଉଠିବା ପରେ ଦେଶରେ 'ଜନତା ପାର୍ଟି' ସରକାର କ୍ଷମତାସୀନ ହୋଇଥିଲା। ସେତେବେଳେ ସମ୍ବିଧାନ ଜନତା ପାର୍ଟି ସରକାର ସମ୍ବିଧାନକୁ ପୁନଃ କାର୍ଯ୍ୟକ୍ଷମ କରିଥିବାବେଳେ 'ଧର୍ମନିରପେକ୍ଷତା' ଓ ସମାଜବାଦୀ ଶବ୍ଦକୁ ଅକ୍ଷୁର୍ଣ୍ଣ ରଖିଥିଲେ। ସେହି ସରକାରରେ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ଏବଂ ଲାଲକୃଷ୍ଣ ଆଡଭାନୀଙ୍କ ପରି ପୂର୍ବତନ ଜନସଂଘ ନେତା ସାମିଲ ଥିଲେ ମଧ୍ୟ କେହି ଆପତ୍ତି ଉଠାଇନଥିଲେ। ଏହା ନିସନ୍ଦେହ ଯେ, ଏହି ଶବ୍ଦ ଦୁଇଟି ତଥା 'ଧର୍ମନିରପେକ୍ଷତା' ଏବଂ 'ସମାଜବାଦୀ' ସମ୍ବିଧାନର ମୌଳିକ ଗୁରୁତ୍ୱକୁ ମଜଭୁତ କରିଛି। ୧୯୭୩ ମସିହାରେ ସୁପ୍ରିମକୋର୍ଟ କେଶବାନନ୍ଦ ଭାରତୀ ମାମଲାରେ 'ଧର୍ମନିରପେକ୍ଷତାବାଦ ସମ୍ବିଧାନ ମୌଳିକ ଢାଂଚାର ଅଂଶବିଶେଷ ବୋଲି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ଗତବର୍ଷ ଏହି ଶବ୍ଦ ଦ୍ୱୟକୁ ସମ୍ବିଧାନରୁ ହଟାଇବା ପାଇଁ ହୋଇଥିବା ଆବେଦନର ଶୁଣାଣୀ କରି ସୁପ୍ରିମକୋର୍ଟ କହିଥିଲେ ଯେ, ଶବ୍ଦ ଦୁଇଟିକୁ ହଟାଇବା ପାଇଁ କୌଣସି କାରଣ ପାଉନାହାଁନ୍ତି। ଭାରତ ଏହାର ଧର୍ମନିରପେକ୍ଷତାବାଦର ନିଜସ୍ୱ ବ୍ୟାଖ୍ୟାକରଣକୁ ବିକଶିତ କରିସାରିଛି ବୋଲି ମନ୍ତବ୍ୟ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ୪୨ତମ ସମ୍ବିଧାନ ସଂଶୋଧନ ବଳରେ 'ଧର୍ମନିରପେକ୍ଷତା' ଶବ୍ଦକୁ ଆନୁଷ୍ଠାନିକ ଭାବେ ସମ୍ବିଧାନର ଯୋଡାଯାଇପାରେ କିନ୍ତୁ ଭାରତ ପରି ଏକ ବିବିଧ ଦେଶରେ ଧର୍ମନିରପେକ୍ଷବାଦ ସମ୍ବିଧାନରେ ବହୁ ପୂର୍ବରୁ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିସାରିଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୨୫ ଦେଶର ସମସ୍ତ ନାଗରିକଙ୍କ ବିଚାର, ମତ, ପେଷା ବା ଜୀବିକା, ଅଭ୍ୟାସ ଏବଂ ଧର୍ମର ପ୍ରଚାର ପାଇଁ ପୂର୍ଣ୍ଣ ସ୍ୱାଧୀନତାର ଗ୍ୟାରେଣ୍ଟି ଦେଇଛି। ସେହିପରି ସମ୍ବିଧାନର ମୁଖବନ୍ଧ ତଥା ପ୍ରସ୍ତାବନା ବହୁ ଧର୍ମ କ୍ଷେତ୍ରରେ ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭାତୃତ୍ୱର ମୂଲ୍ୟବୋଧ ଉପରେ ଗୁରୁତ୍ୱ ପ୍ରଦାନ କରିବା ସହ ସମାନ ଅଧିକାର ପ୍ରଦାନ କରିଛି। ଧର୍ମନିରପେକ୍ଷତାବାଦର ଅଙ୍ଗୀକାରବଦ୍ଧତା ବିନା ଏହି ମୂଲ୍ୟବୋଧଗୁଡିକ ଅସମ୍ପୂର୍ଣ୍ଣ। ଭାରତର ଧର୍ମନିରପେକ୍ଷବାଦର ବ୍ୟାପକ ବିତର୍କ କିମ୍ବା ଏହା ଉପରେ ଆଲୋଚନା ଜାରି ରହିବା ସମ୍ବିଧାନ ଚାହେଁ ନାହିଁ। ଏକ ବୃହତ ଗଣତାନ୍ତ୍ରୀକ ରାଷ୍ଟ୍ରରେ ଯେଉଁଠାରେ ଧର୍ମନିରପେକ୍ଷତାବାଦ ଭାରତୀୟଙ୍କ ବିଶେଷତ୍ୱର ସ୍ୱାଧୀନତାରେ ପରିଣତ ହୋଇଛି। ରାଷ୍ଟ୍ର ଓ ଧର୍ମ ମଧ୍ୟରେ କୌଣସି କଠୋର ରେଖା ଟଣାଯାଇପାରିବ ନାହିଁ। ଧର୍ମଗତ ଦେଶାନ୍ତରୀକରଣ ବା ନିର୍ବାଚନର ସ୍ଥାନ ମଧ୍ୟ ନାହିଁ। ଧର୍ମଗତ ଦୃଷ୍ଟିରୁ କୌଣସି ଧର୍ମର ବ୍ୟକ୍ତିଙ୍କୁ ଦେଶରୁ ନିର୍ବାସିତ କରାଯାଇପାରିବ ନାହିଁ। ସମସ୍ତ ଧର୍ମକୁ ସମାନ ସମ୍ମାନ ହେଉଛି ରାଷ୍ଟ୍ରର ନୀତି, ଆଦର୍ଶ। ଯେଉଁଠି ରାଷ୍ଟ୍ର ଓ ଧର୍ମ ମଧ୍ୟରେ କୌଣସି ବିଭାଜନ ନାହିଁ। କିନ୍ତୁ ୨୦୧୪ରେ ବିଜେପି କ୍ଷମତାସୀନ ହେବା ପରଠାରୁ 'ଧର୍ମ'କୁ ନେଇ ବିତର୍କ ତୀବ୍ରତର ହୋଇଛି। କେତେକ ବିଜେପି ଶାସିତ ରାଜ୍ୟ ସରକାର ଧର୍ମାନ୍ତରଣ ବିରୋଧ ଆଇନ ପ୍ରଣୟନ କରିବା ସହ ଆନ୍ତଃ-ଧର୍ମ ବିବାହ ନେଇ ସରକାରଙ୍କ ଅନୁମୋଦନକୁ ବାଧ୍ୟତାମୂଳକ କରିଛନ୍ତି। ନିଜେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଯୋଧ୍ୟା ରାମମନ୍ଦିର ପ୍ରତିଷ୍ଠାର ନେତୃତ୍ୱ ମଧ୍ୟ ନେଇଥିଲେ। ଯାହାକି ରାଷ୍ଟ୍ର ଓ ଧର୍ମର ମିଶ୍ରଣ ଉଦ୍ୟମ ଥିଲା ବୋଲି କୁହାଯାଇପାରେ। ଅବଶ୍ୟ ବିଜେପି ସରକାର 'ସବ୍ କା ସାଥ, ସବ୍ କା ବିଶ୍ୱାସ' ଏବଂ ବସୁଧୈବ କୁଟୁମ୍ବକମ' ଭଳି ଲୋକପ୍ରିୟ ସ୍ଲୋଗାନ ଦେଇଛନ୍ତି, ଯାହାକି ବହୁଳବାଦୀ ଅଧିକାର, ସମ୍ମାନ ଏବଂ ସମଷ୍ଟିଗତ ଗଣତନ୍ତ୍ର ପାଇଁ ଆଶା ସଂଚାର କରିଛି, ଏଥିରେ ସନ୍ଦେହ ନାହିଁ। ଏହା ନିସନ୍ଦେହ ଯେ, ଦେଶରେ 'ଧର୍ମନିରପେକ୍ଷତା' ଏକ ଅନନ୍ୟ ରୂପ ଗ୍ରହଣ କରିଛି। ଯେଉଁଠି ଧର୍ମ ମଧ୍ୟରେ କଠୋର ବିଭାଜନ ନାହିଁ, ବିଭେଦ ନାହିଁ, ବାଛବିଚାର ନାହିଁ ଯାହା ହେଉଛି ସମ୍ବିଧାନର ବୈଶିଷ୍ଟ। କୌଣସି ସରକାର ଏହାକୁ ପରିବର୍ତ୍ତନ କରିପାରିବ ନାହିଁ। ଏହା ହିଁ ହେଉଛି ରାଷ୍ଟ୍ରର ଧର୍ମ। ଭାରତ ଧର୍ମନିରପେକ୍ଷ ରହିଛି, ରହିବ। ଧର୍ମନିରପେକ୍ଷ ହେଉଛି ସମାଜବାଦ, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏକ ଧର୍ମନିରପେକ୍ଷ ରାଷ୍ଟ୍ରରେ ଧର୍ମନିରପେକ୍ଷବାଦ ସାମାଜିକ ନ୍ୟାୟ କାର୍ଯ୍ୟ କରିବାରେ ମୁଖ୍ୟ ଆଧାର। ସମାଜବାଦ ଗଣତନ୍ତ୍ରରେ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ସମସ୍ତ ପ୍ରକାର ଶୋଷଣକୁ ଅବସାନ ଘଟାଇଥାଏ। ସମ୍ବିଧାନର ମୁଖବନ୍ଧରେ ଧର୍ମନିରପେକ୍ଷବାଦତା ଏକ ଶବ୍ଦ ନୁହେଁ ଏହା ହେଉଛି ଏକ ସମ୍ବିଧାନର ବିଶ୍ୱାସ, ଅତ୍ମା। ତେଣୁ ଧର୍ମନିରପେକ୍ଷତାବାଦକୁ ନେଇ ବିତର୍କ ବନ୍ଦ ହେଉ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy**
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : **ଜୟାଶୀଷ ରାୟ**









# ଡେଙ୍ଗୁ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ସ୍ୱାସ୍ଥ୍ୟବିଭାଗ ଟିମ୍

**ଅନୁଗୁଳ, ନ୍ୟୁଜ୍ ବ୍ୟୁରୋ**

ଶିଳ୍ପ ଜିଲ୍ଲା ଅନୁଗୁଳରେ ଡେଙ୍ଗୁ ଆତଙ୍କ। ନାଲ୍‌କୋ ସିପିପିରେ ଡେଙ୍ଗୁ ସ୍ଥିତି ଗମ୍ଭୀର ରୂପ ନେଉଥିବା ବେଳେ ତାଳଚେର ଏଫ୍‌ସିଆଇ ମୁଣ୍ଡା ହଟିଂରେ ବେକାବୁ ସ୍ଥିତି। ହୁ ହୁ ହୋଇ ବଢ଼ିଚାଲିଛି ସଂକ୍ରମିତଙ୍କ ସଂଖ୍ୟା। ଦିନକୁ ଦିନ ସ୍ଥିତି ଗମ୍ଭୀର ଆଡ଼କୁ ଯାଉଥିବା ବେଳେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଚିନ୍ତା ପ୍ରକଟ କରିଛି। ଶୁକ୍ରବାର ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଦୁଇ ଜଣିଆ ଟିମ୍ ଏଫ୍‌ସିଆଇ ମୁଣ୍ଡା ହଟିଂର ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ସର୍ବେକ୍ଷଣ କରିଛନ୍ତି। ରାଜ୍ୟ ମ୍ୟାଲେରିଆ ନୋଡାଲ୍ ଅଧିକାରୀ ଡାକ୍ତର ମଦନ ମୋହନ ପ୍ରଧାନ ଓ ରାଜ୍ୟ କୀଟ ବିଜ୍ଞାନୀ ଡାକ୍ତର ଦୀପ୍ତିରଞ୍ଜନ ମହାପାତ୍ର ଏଫ୍‌ସିଆଇ ମୁଣ୍ଡା ହଟିଂ ଡେଙ୍ଗୁ ସ୍ଥିତି ପରଖିଛନ୍ତି। ଡେଙ୍ଗୁ ମଶା ପ୍ରଜନନ ସ୍ଥଳ ଯାଞ୍ଚ କରିଥିଲେ। ପ୍ରଭାବିତ ଅଞ୍ଚଳରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଡେଙ୍ଗୁ ମୁକାବିଲା ପାଇଁ ତ୍ୱରିତ ପଦକ୍ଷେପ ସ୍ୱରୂପ ପ୍ରଜନନ ସ୍ଥଳକୁ ନିୟମିତ ନଷ୍ଟ କରିବା, ସ୍ୱାସ୍ଥ୍ୟକର୍ମୀ ଓ ଆଶାକର୍ମୀଙ୍କ ଦ୍ୱାରା ଘରକୁ ଘର ଯାଞ୍ଚ କାର୍ଯ୍ୟକ୍ରମ, ଜନ ସଚେତନତା କାର୍ଯ୍ୟକ୍ରମ ଉପରେ ଲୋକଙ୍କୁ ପଚାରି ସମୀକ୍ଷା କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡେଙ୍ଗୁ ମଶା ପ୍ରଜନନ ସ୍ଥଳରେ ଚାଲୁଥିବା ଟମୋଫସ୍ ରାସାୟନିକ ସିଞ୍ଚନ କାର୍ଯ୍ୟ ଦେଖି ଟିମ୍ ସନ୍ତୋଷବ୍ୟକ୍ତ କରିଥିଲେ। ପ୍ରଭାବିତ ଅଞ୍ଚଳରୁ ଲାର୍ଭା ସଂଗ୍ରହ କରି ଜିଲ୍ଲା ପରୀକ୍ଷାଗାରକୁ ପଠାଯାଇଥିଲା। ମଣ୍ଡାପାଳ ଡାକ୍ତରଖାନା ଲ୍ୟାବ୍‌କୁ ଯାଇ ନିୟମିତ ଚାଲୁଥିବା ଟ୍ରାକିଂ, ଟେଷ୍ଟିଂ ଟିମ୍ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମ୍ୟାଲେରିଆ ଅଧିକାରୀ ଡାକ୍ତର ପୂର୍ଣ୍ଣିମା ଉଦ୍‌ଗାତା, ଜିଲ୍ଲା କୀଟ ବିଜ୍ଞାନୀ ପ୍ରୋମାଞ୍ଜନ ପ୍ରଣ୍ଡା, ସର୍ବମୟୀ ପାତ୍ର, ଜଗଦୀଶ ପ୍ରସାଦ, ମ୍ୟାଲେରିଆ ବୈଷୟିକ ପରିଦର୍ଶକ ଅନୀଲ କୁମାର ସାମଲ ଉପସ୍ଥିତ ଥିଲେ।

# ବିନିକା ଉପ ନିବନ୍ଧକ କାର୍ଯ୍ୟାଳୟରେ ଆଣ୍ଠୁଏ ପାଣି

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବିନିକା ସହର ଉପନିବନ୍ଧକ କାର୍ଯ୍ୟାଳୟ ପରିସରରେ ବର୍ଷା ଯୋଗୁ ଆଣ୍ଠୁଏ ପାଣି ଜମି ରହିଛି । ଏହି କାର୍ଯ୍ୟାଳୟ ନିକଟରେ ରାଜସ୍ୱ କର୍ମଚାରୀ ମାନଙ୍କ ସରକାରୀ କ୍ୱାଟର ଅର୍ଥାତ୍ କଲୋନୀ ରହିଛି । ଡ୍ରେନେଜ୍ ବ୍ୟବସ୍ଥା ଆଦୌ ନଥିବାରୁ ବର୍ଷା ପାଣିରେ କାର୍ଯ୍ୟାଳୟ ପରିସର ପୋଖରୀ ସଦୃଶ୍ୟ ଦେଖାଯାଉଛି । ରାଜସ୍ୱ କର୍ମଚାରୀ ଓ କାର୍ଯ୍ୟାଳୟକୁ କାମ ପାଇଁ ଆସୁଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ଷା ଦିନରେ ପ୍ରତିବର୍ଷ ଏଭଳି ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି । ଏନ୍‌ଏସି ପ୍ରଶାସନ ଠାରେ ବାରମ୍ବାର ଅଭିଯୋଗ କରିଥିଲେ ହେଁ କିଛି ପଦକ୍ଷେପ ଗ୍ରହଣ କରୁନଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଉଛି । ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେଇ ତୁରନ୍ତ ଯୁଦ୍ଧକାଳୀନ ଭିତ୍ତିରେ ଡ୍ରେନେଜ୍ ବ୍ୟବସ୍ଥା କରିବାକୁ ଜନସାଧାରଣରେ ଦାବି ହେଉଛି ।



# ସମସ୍ୟା ଘେରରେ ହଷ୍ଟେଲ୍:ପାଣି କାଦୁଅରେ ଓଦା ହୋଇ ସ୍କୁଲ୍ ଯାଉଛନ୍ତି ଛାତ୍ରଛାତ୍ରୀ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**



ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ତଥା ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ବିଦ୍ୟାଳୟ ସମୂହ ଆନୁକୂଲ୍ୟରେ ପରିଚାଳିତ ନରଣପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଥିବା ହଷ୍ଟେଲ୍‌ରେ କିଛି ଛାତ୍ରଛାତ୍ରୀ ରହି ନିକଟସ୍ଥ ନରଣପୁର ଉଚ୍ଚ ବିଦ୍ୟାଳୟକୁ ପଢିବା ପାଇଁ ଯାଇଥାନ୍ତି। ପ୍ରତିଦିନ ଏହି ଛାତ୍ରମାନଙ୍କୁ ନେଇ ଜଣେ ବିଦ୍ୟାଳୟର କର୍ମଚାରୀ ନିକଟସ୍ଥ ବିଦ୍ୟାଳୟରେ ଛାଡିବା ଓ ଆଣିବା କାର୍ଯ୍ୟରେ ବିଦ୍ୟାଳୟ ପକ୍ଷରୁ ନିୟୋଜିତ କରାଯାଇଛି। ହେଲେ ସେମାନେ କେନ୍ଦୁଝର ମୁଖ୍ୟ ରାସ୍ତାରେ ଚାଲିଚାଲି ବିଦ୍ୟାଳୟକୁ ଯିବା ଏବେ ବିପଦପୂର୍ଣ୍ଣ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ବର୍ଷାଦିନ ହୋଇଥିବାରୁ ହଷ୍ଟେଲ୍ ପରିସରରୁ ବାହାରି ଦୀର୍ଘ ଏକ କିଲୋମିଟର ଦୂରରେ ଥିବା ବିଦ୍ୟାଳୟକୁ ଯାତାୟାତ କରୁଥିବା ରାସ୍ତାରେ ଦ୍ରୁତଗତିରେ ଗାଡିମୋଟର ଚଳାଚଳ ଏକ ସମସ୍ୟା ହୋଇଥିବା ବେଳେ ନରଣପୁର ସରକାରୀ ଏସ୍‌ଏସ୍‌ଡ଼ି ହାଇସ୍କୁଲ ପରିସରରୁ ମୁଖ୍ୟ ରାସ୍ତା ଉପରେ ବଡ଼ ବଡ଼ ଗାଡ଼ ହୋଇ ସେଥିରେ ପାଣି ଜମା ହୋଇ ରହୁଥିବାରୁ ପିଲାମାନେ ପାଣି କାଦୁଅରେ ସ୍କୁଲ ଯିବା ପାଇଁ ବାଧ ହେଉଛନ୍ତି। ବିଦ୍ୟାଳୟକୁ ଯାଇଥିବା ଏହି ରାସ୍ତା ଦୀର୍ଘ ବର୍ଷ ହେବ ରହିଥିବା ବେଳେ ଏବେ କିଛି ସ୍ଥାନୀୟ ଲୋକ ଏହାକୁ ତାଙ୍କର ଜାଗା ଦାବି କରି ରାସ୍ତାରେ କୌଣସି ଉନ୍ନତିମୂଳକ କାର୍ଯ୍ୟ କରାଇଦେଉନଥିବା ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର ନାଥ ନାଏକ କହିଛନ୍ତି । ଏହାକୁ ଗୁରୁତ୍ୱର ସହ ବିଚାର କରି ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କଲେ କେନ୍ଦୁଝରର ଏହି ହଷ୍ଟେଲ୍‌ରେ ରହୁଥିବା ଅନେକ ଅନ୍ତେବାସୀ ବହୁଳ ଭାବରେ ଉପକୃତ ହୁଅନ୍ତେ।

# ପ୍ରହସନ ପାଲଟିଛି ସର୍ବଶିକ୍ଷା ଅଭିଯାନ, ପୁଅର ନାମ ଲେଖାଇବାକୁ ଚାରି ମାସ ଧରି ଅଭିଭାବକ ହନ୍ତସନ୍ତ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ସରକାର ଶିକ୍ଷାକୁ ପ୍ରାଧାନ୍ୟ ଦେଇ ୬ରୁ ୧୪ ବର୍ଷ ବୟସର ସମସ୍ତ ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକାରୀ କଲେ। ଏହି ଯୋଜନାରେ ନିଃଶୁଳ୍କରେ ଶିକ୍ଷା ଯୋଗାଇବାର ପ୍ରାବଧାନ ଥିବାବେଳେ ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକରେ ଏହି ଯୋଜନା ବାଟବଣା ହୋଇପଡିଛି। ସୂଚନା ଅନୁଯାଇ ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ସର୍ଡା ପଞ୍ଚାୟତ ପଥୁରିଆ ଗ୍ରାମର ବଳରାମ ଦେହୁରୀ ନିଜ ପୁଅ ରଞ୍ଜନ ଦେହୁରୀଙ୍କୁ ପାଠ ପଢ଼ାଇବା ପାଇଁ ବିଦ୍ୟାଳୟରୁ ଆରମ୍ଭ କରି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିଅଣ୍ଟ ହୋଇଥିବାବେଳେ ଆଜିକୁ ପ୍ରାୟ ଚାରି ମାସ ହେବାକୁ ଯାଉଥିବାବେଳେ ଶିଶୁଟିର ନାମ ଲେଖିବାରେ ବିଫଳ ହୋଇଛି ଜମନକିରା ହାଇସ୍କୁଲ ଏବଂ ଜମନକିରା ଶିକ୍ଷା ବିଭାଗ କାର୍ଯ୍ୟାଳୟ। ବିଗତ ଚାରିମାସରୁ ବାରମ୍ବାର ପୁଅର ନାମ ଲେଖାଇବାକୁ ଜମନକିରା ହାଇସ୍କୁଲକୁ ଆସୁଥିବା ସତ୍ତ୍ୱେ ତାଙ୍କ ନାମ ଲେଖିପାରୁନାହାନ୍ତି ଏହି ବିଦ୍ୟାଳୟର ଶିକ୍ଷକମାନେ। ପୁଅକୁ ୧୪ ବର୍ଷ ନହେଲେ ଜମନକିରା ହାଇସ୍କୁଲରେ ନାମ ଲେଖିପାରିବେ ନାହିଁ ବୋଲି ଉତ୍ତର ଦେଇ ଫେରାଇ ଦେଇଛନ୍ତି ବିଦ୍ୟାଳୟ ଶିକ୍ଷକ। ସର୍ଡା ହାଇସ୍କୁଲରେ ପଠା ପଢୁଥିବା ସମୟରେ ଅଷ୍ଟମ ଶ୍ରେଣୀ ପାସ୍ କରିବା ପରେ ନବମ ଶ୍ରେଣୀରେ ପାଠ ନ ପଢି ଗୋଟିଏ ବର୍ଷ ଡ୍ରପ୍ ଆଉଟ୍ ହୋଇରହିଥିବା ବେଳେ ବର୍ତ୍ତମାନ ପୁଣି ବିଦ୍ୟାଳୟ ଯିବାକୁ ଚାହୁଁଥିବା ସତ୍ତ୍ୱେ ବିଦ୍ୟାଳୟରେ ନାମ ଲେଖାଯାଇପାରୁନାହିଁ। ଏପରିକି ଜମନକିରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଭେଟି ନିଜ ଅସୁବିଧା ସମ୍ପର୍କରେ ଜଣାଇଥିବା ସତ୍ତ୍ୱେ ତାଙ୍କ ନାମ ଲେଖାଯାଇପାରୁନାହିଁ। ଏପରିକି ଏ ସମ୍ପର୍କରେ ପୂର୍ବତନ ଶିକ୍ଷକ ତଥା ବରିଷ୍ଠ ସମାଜସେବୀ ରବୀନ୍ଦ୍ର ପାଣିଗ୍ରାହୀ ଜମନକିରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଏ ସମ୍ପର୍କରେ ଆଲୋଚନା କରିଥିବା ସତ୍ତ୍ୱେ ଶିଶୁଟିର ନାମ ଲେଖାଯାଇପାରୁନାହିଁ । ଏଣୁକରି ସମ୍ବଲପୁର ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ଜମନକିରା ବ୍ଲକ ଶିକ୍ଷା ଅଧିକାରୀ ରୁକ୍ମଣ ପଟେଲଙ୍କୁ ପଚାରିବାରୁ ଉକ୍ତ ବାପ ପୁଅ ମୋ ପାଖକୁ ଆସିଥିଲେ ମୁଁ ଜମନକିରା ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ତାଙ୍କ ନାମ ଲେଖିବାକୁ କହିଥିଲି ହେଲେ ପରେ ଜାଣିବାକୁ ପାଇଲି ତାଙ୍କ ନାମ ଲେଖାଯାଇ ପାରିନାହିଁ। ମୁଁ ଏହାର ସମାଧାନ କରି ଶିଶୁଟିର ନାମ ଲେଖାଇବାକୁ ଚେଷ୍ଟା କରିବି ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି ହେଲେ ବିଡମ୍ବନାର ବିଷୟ ଶିକ୍ଷା ଅଧିକାରୀଙ୍କ ଆଦେଶ ପରେ ମଧ୍ୟ ଜମନକିରା ହାଇସ୍କୁଲର ପ୍ରଧାନ ଶିକ୍ଷକ କାହିଁକି ତାଙ୍କ ନାମ ଲେଖିଲେ ନାହିଁ ତାହା ତଦନ୍ତ ସାପେକ୍ଷ।

## ବିଜେଡ଼ି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଭାବ ପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

# ଓଡ଼ିଆ ଭାଷାର ସୁରକ୍ଷା ଦିଗରେ ନୀଳମଣି ଓ ଗୋଦାବରୀଶ ଥିଲେ ଦୁଇ ସେନାଧ୍ୟକ୍ଷ




**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଓ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପୁଣ୍ୟ ତିଥି ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ରାଜଧାନୀରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ପାଳନ କରାଯାଇଥିଲା। ଓଡ଼ିଆ ଭାଷା ଓ ସାହିତ୍ୟ ଯେତେବେଳେ ଘୋର ସଙ୍କଟ ଦେଇ ଗତି କରୁଥିଲା ସେତେବେଳେ ନୀଳମଣି ବିଦ୍ୟାରତ୍ନଙ୍କ ସମୟପୋଯୋଗୀ ପଦକ୍ଷେପ ଓଡ଼ିଆ ଭାଷାକୁ ସୁରକ୍ଷା ଦେବା ସଙ୍ଗେ ସଙ୍ଗେ ପ୍ରତିଷ୍ଠାର ରାହା ଦେଖାଇଥିଲା। ଅନ୍ୟପକ୍ଷରେ ପଣ୍ଡିତ ଗୋଦାବରୀଶ ମିଶ୍ର ଥିଲେ ଜଣେ ସୁସାହିତ୍ୟିକ, ସମାଜସେବୀ, ସଂସ୍କାରକ, ସମ୍ପାଦକ ତଥା ରାଜନୀତିଜ୍ଞ। ତାଙ୍କର ଅନେକ ବଳିଷ୍ଠ ପଦକ୍ଷେପ ଆଜି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ବିପୁଳ ଭାବରେ ପୁଷ୍ଟ କରିଛି ବୋଲି ଏହି ବରପୁତ୍ରଙ୍କର ବିଭିନ୍ନ ଗୁଣାବଳୀ ଉପରେ ଆଲୋଚନା କରି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲାବେଳେ ଶିକ୍ଷାବିତ୍ କାମଦେବ ମହାପାତ୍ର ବରପୁତ୍ରଙ୍କ ଜୀବନୀ ଉପରେ ଆଧାରିତ ସ୍ୱରଚିତ କବିତା ପାଠ କରିଥିଲେ। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପ୍ରାଧ୍ୟାପକ କବି ମଙ୍ଗଳା ପ୍ରସାଦ ପ୍ରଧାନ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ସମାଜସେବୀ ମନୋରଞ୍ଜନ ମହାନ୍ତି, ଦିଲ୍ଲୀପ କୁମାର ମଲ୍ଲିକ, ବିଜୟ ସାହୁ, ଅଶ୍ୱିନୀ ପଟ୍ଟନାୟକ, ଡକ୍ଟର ବିଜୟ କୁମାର ରଥ, ସତ୍ୟବ୍ରତ ଜେନା, ଅମିତ୍ ପାତାଳ ସିଂ ପ୍ରମୁଖ ଯୋଗଦାନ କରି ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପଣ୍ଡିତ ଶଙ୍କର ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବିଶିଷ୍ଟ ଆଧାତ୍ମିକ ପ୍ରବଚକ ପଣ୍ଡିତ ନୀଳକଣ୍ଠ ରାଉତଙ୍କ ଦେହାନ୍ତ

**କଟକ, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ପ୍ରମୁଖ ଆଧାତ୍ମିକ ପ୍ରବଚକ ପଣ୍ଡିତ ନୀଳକଣ୍ଠ ରାଉତଙ୍କ ଅକାଳ ବିୟୋଗରେ ସିଡିଏ ବରିଷ୍ଠ ନାଗରିକ ମହାସଂଘ (ସିବନାମ)ର ମହାସଚିବ ବରିଷ୍ଠ ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ, ସଭାପତି ନିତ୍ୟାନନ୍ଦ ମିଶ୍ର, ମୁଖ୍ୟ ଉପଦେଷ୍ଟା ଧରଣୀ ପଟ୍ଟନାୟକ, ଉପସଭାପତି ବିଜୟ କୁମାର ପାତ୍ର, ଚିତ୍ର ଶିଳ୍ପୀ ନକୁଳ ଚନ୍ଦ୍ର ମହାରଣା, ସାହିତ୍ୟିକ ବିଚିତ୍ରାନନ୍ଦ ପ୍ରଧାନ, ସମାଜସେବୀ ଅଶୋକ କୁମାର ଚୌଧୁରୀ ପ୍ରମୁଖ ଏକ ପ୍ରେସ୍ ଇସ୍ତାହାରରେ ଗଭୀର ଦୁଃଖ ପ୍ରକାଶ କରିବା ସହ ସ୍ୱର୍ଗତ ରାଉତଙ୍କ ଆତ୍ମାର ସଦ୍‌ଗତି କାମନା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଦୁଃଖ ପ୍ରକାଶ କରିବା ସହ ସ୍ୱର୍ଗତ ରାଉତଙ୍କ ଆତ୍ମାର ସଦ୍‌ଗତି କାମନା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

# ଡିଏସ୍‌ପି ସରୋଜକାନ୍ତ ସାହୁଙ୍କୁ ସଂସ୍କୃତି ବନ୍ଧୁ ସମ୍ମାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାର ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଡିଏସ୍‌ପି ସରୋଜକାନ୍ତ ସାହୁଙ୍କୁ 'ସଂସ୍କୃତି ବନ୍ଧୁ' ସମ୍ମାନରେ ସମ୍ମାନୀତ କରାଯାଇଛି। ସାଧାରଣ ଜନତାଙ୍କ ପାଇଁ ବିଭିନ୍ନ ଥାନାରେ ବସିବା ସ୍ଥାନ ବନାଇବା, ପାନୀୟ ଜଳ ବ୍ୟବସ୍ଥା, ପାଇଖାନା ନିର୍ମାଣ କରାଇବା ଓ ବୃକ୍ଷ ରୋପଣ କରି ସେ ଜନମାନସରେ ପରିଚିତ। ଏହି ମର୍ମରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଡିଏସ୍‌ପି ସରୋଜକାନ୍ତ ସାହୁଙ୍କୁ 'ସଂସ୍କୃତି ବନ୍ଧୁ' ସମ୍ମାନରେ ସମ୍ମାନୀତ କରାଯାଇଛି । ତାଙ୍କୁ ଉତ୍ତରୀୟ ସହ ଏକ ଜାମୁଡଳ ବୃକ୍ଷ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ରବିନାରାୟଣ ମହାପାତ୍ର, ଶ୍ରୀ ଜଗନ୍ନାଥ ଚାରିଟେବୁଲ୍ ଟ୍ରଷ୍ଟର ସଭପତି ଦମନ ମହାନ୍ତି ଓ ଟ୍ରଷ୍ଟର ମୁଖ୍ୟ ସହଯୋଗୀ ତପନ କୁମାର ନାଥ ଉପସ୍ଥିତ ଥିଲେ।

# ଧାମନଗର ପ୍ରେସ୍ କ୍ଲବର ନୂତନ କର୍ମକର୍ତ୍ତା:କିସାନ ସଭାପତି, ସରୋଜ ସମ୍ପାଦକ





**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ପ୍ରେସ୍ କ୍ଲବର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଛି। ପ୍ରେସ୍ କ୍ଲବର ସଭାପତି ଭାବେ କିଷାନ କୁମାର ରାଉତ, ସାଧାରଣ ସମ୍ପାଦକ ସରୋଜ କୁମାର ସେଠୀ, ଉପସଭାପତି ବିଭୂତି ଭୂଷଣ ମଲ୍ଲିକ, ଦେବେନ୍ଦ୍ର ଆଦିଆ, ସମ୍ପାଦକ ଜଗନ୍ନାଥ ବେହେରା, ଗୌରାଙ୍ଗ ଦାଶ, କୋଷାଧ୍ୟକ୍ଷ ପ୍ରଶାନ୍ତ ଦ୍ୱିବେଦୀ, ଶୃଙ୍ଖଳା କମିଟି ଅଧ୍ୟକ୍ଷ ବାସୁଦେବ ତ୍ରିପାଠୀ ଏବଂ କାର୍ଯ୍ୟକାରିଣୀ କମିଟି ସଦସ୍ୟ ଭାବରେ ସନ୍ତୋଷ ମହାପାତ୍ର, ପ୍ରଶାନ୍ତ କୁମାର ସାହୁ, ତାପସ ରଞ୍ଜନ ସାହୁ ଏବଂ ସେକ ହମିଦ ମନୋନୀତ ହୋଇଛନ୍ତି। ପ୍ରେସ୍ କ୍ଲବ କାର୍ଯ୍ୟାଳୟ ଠାରେ ବିଦାୟୀ ସଭାପତି ବୈକୁଣ୍ଠ ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ନୂତନ କର୍ମକର୍ତ୍ତା ମାନଙ୍କୁ ସମ୍ବର୍ଦ୍ଧନା ସହିତ କାର୍ଯ୍ୟଭାର ପ୍ରଦାନ କରାଯାଇଥିଲା। ପୂର୍ବତନ କୋଷାଧ୍ୟକ୍ଷ ଅନନ୍ତ ନାରାୟଣ ଜେନା, ବରିଷ୍ଠ ସଭ୍ୟ ଦୀନବନ୍ଧୁ ଦାଶ, ସୁଧାକର ଦାଶ, ପ୍ରଦୀପ ମହାପାତ୍ର, କୈଳାସ ଗୁପ୍ତା, ଅଭିମନ୍ୟୁ ମଲ୍ଲିକ, ସଞ୍ଜୀବ ମହାନ୍ତି, ସୁଦୀପ୍ତ ଖଟୁଆ, କୁଳମଣି ବେହେରା, ଲୋକନାଥ ବେହେରା, ମାନଗୋବିନ୍ଦ ଜେନା, ଜ୍ଞାନେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଦାୟୀ ସାଧାରଣ ସମ୍ପାଦକ ରଜତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ରାଉରକେଲାରେ କେନ୍ଦ୍ର ଇସ୍ପାତ ଯୁଗ୍ମ ସଚିବ

# ଆର୍‌ଏସ୍‌ପି ସଂପ୍ରସାରଣକୁ ନେଇ ଉଚ୍ଚସ୍ତରୀୟ ବୈଠକ

**ରାଉରକେଲା, ନ୍ୟୁଜ୍**




ରାଉରକେଲା ଇସ୍ପାତ କାରଖାନା ସଂପ୍ରସାରଣ, ନିଯୁକ୍ତି, ବିସ୍ଥାପିତଙ୍କ ଥଇଥାନ, ବିମାନ ବନ୍ଦରର ଉନ୍ନତିକରଣକୁ ନେଇ କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଅଭିଜିତ ନରେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚ ସ୍ତରୀୟ ବୈଠକ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଧବ, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ରାଉରକେଲା ମହାନଗର ନିଗମର ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀ, ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ, ରାଉରକେଲା ଇସ୍ପାତ କାରଖାନାର ଡିଆଇସି ଆଲୋକ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ପ୍ରଶାସନ ଓ ଆର୍‌ଏସ୍‌ପି ପକ୍ଷରୁ ରାଉରକେଲା ଇସ୍ପାତ କାରଖାନାର ସଂପ୍ରସାରଣ ପାଇଁ ଆବଶ୍ୟକ ହେଉଥିବା ଜମି ଅଧିଗ୍ରହଣ, ବିସ୍ଥାପିତଙ୍କ ଥଇଥାନ ଶାନ୍ତି ଶୃଙ୍ଖଳାର ସହିତ କରାଯାଇପାରିବ ସେ ଦିଗରେ ଆଲୋଚନା କରାଯାଇଥିଲା। ସୂଚନା ଯୋଗ୍ୟ ଯେ ଆର୍‌ଏସ୍‌ପିର ଉତ୍ପାଦନ କ୍ଷମତା ବାର୍ଷିକ ୪.୫ ମିଲିୟନ ଟନ୍‌ରୁ ୯.୩ ମିଲିୟନ ଟନ୍‌କୁ ବୃଦ୍ଧି କରାଯିବ। ଏହାପାଇଁ ୧୨୦୦ ଏକର ଜମି ବ୍ୟବହାର କରାଯିବ। ଏହି ଅବସରରେ ଯୁଗ୍ମ ସଚିବ ଅଭିଜିତ ନରେନ୍ଦ୍ର ରାଉରକେଲା ଇସ୍ପାତ କାରଖାନା ନିର୍ମାଣ ସମୟରେ ବିସ୍ଥାପିତ ହୋଇଥିବା କିଛି ଗ୍ରାମବାସୀ ଓ ବିଭିନ୍ନ ବିସ୍ଥାପିତ ସଙ୍ଗଠନର ପ୍ରତିନିଧି ମାନଙ୍କ ସହିତ ମଧ୍ୟ ସିଧାସଳଖ କଥାବାର୍ତ୍ତା କରିଥିଲେ ଓ ସେମାନଙ୍କର ସମସ୍ୟା ଓ ଦାବି ବିଷୟରେ ପଚାରିବୁଝିଥିଲେ। ସେମାନଙ୍କୁ ମିଳିତ ସହଯୋଗରେ ଏହାର ସମାଧାନର ବାଟ ବାହାର କରାଯିବ ବୋଲି ଆଶ୍ୱାସନା ଦେଇଥିଲେ। ବୈଠକ ପରେ ପରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଧବ ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତ୍ତର ଦେଇ କହିଥିଲେ ଯେ ରାଉରକେଲା ଇସ୍ପାତ କାରଖାନାର ବର୍ତ୍ତମାନ ଉତ୍ପାଦନ କ୍ଷମତା ୪.୫ ଏମ୍‌ଟିଏରୁ ୯.୩ (MTA) କରିବ। ଏଥିପାଇଁ ୩୦ହଜାର କୋଟି ଟଙ୍କାର ବିନିଯୋଗ କରାଯିବ। ଏହାଦ୍ୱାରା ନୂଆ ନିଯୁକ୍ତିର ସୁଯୋଗ ବଢ଼ିବ। ରାଉରକେଲା ସହରର ମଧ୍ୟ ବିକାଶ ହେବ। ରାଉରକେଲା ସହିତ ରାଞ୍ଚି, କୋଲକତା ସହର ଓ କେନ୍ଦୁଝର ସଂଯୋଗ ରହିଛି । ବର୍ତ୍ତମାନ ସହରର ବିକାଶ ନିତାନ୍ତ ଆବଶ୍ୟକ ରହିଛି । ସଂପ୍ରସାରଣରେ ବିସ୍ଥାପିତ ଲୋକମାନଙ୍କୁ ଥଇଥାନ କରାଯିବ । ବିସ୍ଥାପିତଙ୍କ ବହୁ ବର୍ଷର ଦାବି ରହିଛି ସେଗୁଡାକ ମଧ୍ୟ ଆଇନ୍ ଅନୁସାରେ ସମାଧାନ କରାଯିବ । ଏହି ବୈଠକରେ ଡେପୁଟି କଲେକ୍ଟର ନିବେଦିତା ପ୍ରଧାନ, ଆଇଏଏସ୍ ଶିକ୍ଷାନବିସ ଫାବୀ ରସିଦ, ଆର୍‌ଏସ୍‌ପିର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।




# ତିନିଲକ୍ଷ ଟଙ୍କା ଲୁଟିନେଲେ ମୁଖାପିନ୍ଧା ଦୁର୍ବୃତ୍ତ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ବ୍ୟାଙ୍କରୁ ଗ୍ରୁପ୍ ଟଙ୍କା ଉଠାଇ ଫେରୁଥିବା ବେଳେ ଆସିକା ନିକଟସ୍ଥ କେ ନୂଆପଲ୍ଲୀ ଛକ ନିକଟରେ ତିନି ଜଣ ମୁଖାପିନ୍ଧା ଦୁର୍ବୃତ୍ତ ସେମାନଙ୍କ ଠାରୁ ଟଙ୍କା ଲୁଟ୍ କରିନେଇଥିବା ଅଭିଯୋଗ ହୋଇଛି । ପୋଲିସ ଘଟଣାର ତଦନ୍ତ କରୁଛି ।

# ଅଗଷ୍ଟ ଶେଷ ସୁଦ୍ଧା ସରିବ ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ମଧ୍ୟଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ କର୍ଯ୍ୟ ଆଜକୁ ୭ ବର୍ଷ ହେବ ଚାଲିଥିଲେ ହେଁ ତାହା ଏଯାବତ୍ ଶେଷ ହୋଇପାରିନାହିଁ। ୧୬ ନମ୍ବର ଓ ୫୫ ନମ୍ବର ଜାତୀୟ ରାଜପଥର ସଂଯୋଗସ୍ଥଳ ମଙ୍ଗୁଳି ଠାରୁ ଧୁମାବତୀ ପର୍ଯ୍ୟନ୍ତ ରାସ୍ତା ସଂପ୍ରସାରଣ କାର୍ଯ୍ୟ ବହୁ ମନ୍ଥର ଗତିରେ ଚାଲୁଥିବାରୁ ଏହା କେବେ ସରିବ ଏବଂ ଜନସାଧାରଣ ଉକ୍ତ ରାସ୍ତାରେ ନିର୍ଭୟରେ ଯାତାୟାତ କରିବେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେବେ ଆସନ୍ତା ଅଗଷ୍ଟ ମାସ ଶେଷ ସୁଦ୍ଧା ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ଜାତୀୟ ରାଜପଥ କାର୍ଯ୍ୟାଳୟର ରିଜିଓନାଲ ଅଫିସର ବୀରେନ୍ଦ୍ର ସିଂ ଚୌଦ୍ୱାରବାସୀଙ୍କୁ ପୁଣିଥରେ ପ୍ରତିଶ୍ରୁତି ଦେଇଛନ୍ତି । ରାସ୍ତା କାମରେ ଅହେତୁକ ବିଳମ୍ବ, ରାସ୍ତାପାର୍ଶ୍ୱ ଡ୍ରେନ୍ ନିର୍ମାଣ, ରାସ୍ତା କଡ ଆଲୋକିକରଣ ଆଦି କାର୍ଯ୍ୟ ତ୍ୱରାନ୍ୱିତ କରିବା ଦାବିରେ ତଥା ଠିକାସଂସ୍ଥା ଏମ୍‌ଏସ୍‌ଆଇଏଲ୍ ତରଫରୁ ବାରମ୍ବାର ଦିଆଯାଉଥିବା ମିଥ୍ୟା ପ୍ରତିଶ୍ରୁତି ବିରୁଦ୍ଧରେ ଗୁରୁବାର ଚୌଦ୍ୱାର ଜାଗରଣ ମଞ୍ଚର ସଦସ୍ୟ, ସ୍ଥାନୀୟ ବୁଦ୍ଧିଜୀବୀ, ବ୍ୟବସାୟୀ ସଂଘର କର୍ମକର୍ତ୍ତା ମାନେ ଭୁବନେଶ୍ୱର ସ୍ଥିତ ଜାତୀୟ ରାଜପଥ ଆଞ୍ଚଳିକ କାର୍ଯ୍ୟାଳୟ ଘେରାଉ କରିଥିଲେ । ଏନ୍‌ଏଚ୍‌ଆଇ ଅଧିକାରୀଙ୍କ ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଘେରାଉରେ ଜାଗରଣ ମଞ୍ଚର ଶ୍ରୀକାନ୍ତ ପାକଳ, ପ୍ରତାପ ଜେନା, ବୁଲବୁଲ ସାହୁ, ଭୀମସେନ ବିଶ୍ୱାଳ, ବିରାଟ ବଜାର ସଭାପତି ପ୍ରଶାନ୍ତ ବରାଳ, ହରିହର ବେଉରା, ସୁବାସ ସିଂ, ସଞ୍ଜୟ ସିଂ, ମାନସ ଷଡଙ୍ଗୀ, ସନ୍ତୋଷ ଖଟୁଆ, ଅବଦୁଲ ରସିଦ୍, ବର୍ଷାରାଣି ପଲେଇ, ଦୀପିକା ମୁଦୁଲି, ମିଲି ବେହେରା, ଅଞ୍ଜନା ସୁବୁଦ୍ଧି, ସୁଜାତା ମହାନ୍ତି, ଦୀପିକା ସ୍ୱାଇଁ ପ୍ରମୁଖ ସାମିଲ୍ ହୋଇଥିଲେ ।

# ସାକ୍ଷରତା ହାର ବଢ଼ାଇବେ ସରକାର:ଲକ୍ଷେ ୧୦ ହଜାରଙ୍କୁ ପଢ଼ାଇବେ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସାକ୍ଷରତା ହାର ବଢ଼ାଇବାକୁ ବିଭିନ୍ନ ଯୋଜନା ହାତକୁ ନିଆଯାଇଛି । କେନ୍ଦ୍ର ଓ ରାଜ୍ୟ ସରକାର ଏଥିଲାଗି ପାଣି ଭଳି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ନୂଆ ପିଢ଼ୀ ତୁଳନାରେ ପୌଢ଼ ଶିକ୍ଷା ଆଶାଜନକ ହୋଇପାରୁନି । ତେଣୁ ନୂତନ ଶିକ୍ଷାନୀତିରେ ପ୍ରାକ୍ ଓ ପୌଢ଼ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଛି । ୧୫ ବର୍ଷ ବୟସରୁ ଅଧିକ ବୟସଙ୍କୁ ପାଠ ପଢ଼ାଇବା ଲାଗି ନୂତନ ଶିକ୍ଷାନୀତିରେ ବ୍ୟବସ୍ଥା କରାଯାଇଛି । ଏହି ପ୍ରକ୍ରିୟାରେ ଗଞ୍ଜାମ ଜିଲ୍ଲାର ୧ ଲକ୍ଷ ୧୦ ହଜାର ଲୋକଙ୍କୁ ପାଠ ପଢ଼ାଇବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି । ୧୫ ବର୍ଷରୁ ଅଧିକ ବୟସ ଯେଉଁମାନେ ଅଧାରୁ ପାଠ ଛାଡ଼ିଛନ୍ତି କିମ୍ବା ଆଦୌ ସ୍କୁଲ ମାଟି ମାଡ଼ି ନାହାନ୍ତି । ସେମାନେ ଏହି ଯୋଜନାରେ ସାମିଲ୍ ହେବେ । ଗାଁ କିମ୍ବା ପଢ଼ାରେ ଥିବା ସ୍କୁଲ ଗୃହକୁ ଏଥିଲାଗି ବ୍ୟବହାର କରାଯିବ । ସେଠାରେ ରବିବାର ପାଠ ପଢ଼ାଯିବ । ସ୍ୱେଚ୍ଛାକୃତ ଶିକ୍ଷକମାନେ ଏହି ପାଠ ପଢ଼ାଇବେ । ଜିଲ୍ଲା, ବ୍ଲକ୍ ଓ

**ଗଞ୍ଜାମରେ ୮ ଲକ୍ଷରୁ ଅଧିକ ନିରକ୍ଷର ଚିହ୍ନଟ**
**ରବିବାର ପଢ଼ାଇବେ ସ୍ୱେଚ୍ଛାକୃତ ଶିକ୍ଷକ**

ପଞ୍ଚାୟତ ସ୍ତରରେ ଏଥିଲାଗି ବ୍ୟବସ୍ଥା କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଏଲିମେଣ୍ଟାରୀ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଏଥିନେଇ ସମସ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଯୁଦ୍ଧକାଳୀନ ଭିତିରେ ଯିଏ ପଢ଼ିବେ ଓ ପଢ଼ାଇବେ ଉଭୟଙ୍କୁ ଚୟନ ଲାଗି କୁହାଯାଇଛି । ନିର୍ଦ୍ଦେଶ ମିଳିବା ପରେ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କୁ କାର୍ଯ୍ୟାଳୟରୁ ସମଗ୍ର ବିଇଓଙ୍କୁ ଏହି କାମରେ ଲଗାଇ ଦିଆଯାଇଛି । ଗାଗଣ୍ଡା ବୁଲି ସର୍ଭେ ସହ ପାଠପଢ଼ା ଆରମ୍ଭ କରିବା ଲାଗି ପଦକ୍ଷେପ ନେବାକୁ ଜିଲ୍ଲା ଶିକ୍ଷାଧିକାରୀ ନିର୍ଦ୍ଦେଶ ଦେଇଛନ୍ତି । ୨୦୧୧ ଜନଗଣନା ଅନୁସାରେ ରାଜ୍ୟରେ ୯୧ ଲକ୍ଷ ୫୨ ହଜାର ୨୦୯ ନିରକ୍ଷର ଚିହ୍ନଟ ହୋଇଥିଲା । ସେହି କ୍ରମରେ ଗଞ୍ଜାମରେ ୮ ଲକ୍ଷ ୩୨ ହଜାର ୩୯ ଜଣ ଚିହ୍ନଟ ହୋଇଥିଲେ । ୨୦୨୫-୨୬ ଶିକ୍ଷାବର୍ଷରେ ସେମାନଙ୍କ ମଧ୍ୟରୁ ୧ ଲକ୍ଷ ୧୦ ହଜାର ଲୋକଙ୍କୁ ସାକ୍ଷର କରିବାକୁ ସରକାର ଟାର୍ଗେଟ୍ ଦେଇଛନ୍ତି । ତେବେ ମହିଳାଙ୍କ କ୍ଷେତ୍ରରେ ସାକ୍ଷରତା ହାର ବଢ଼ାଇବାକୁ ସରକାର ଅଧିକ ଗୁରୁତ୍ୱ ଦେଇଛନ୍ତି । ତେଣୁ ୩୫,୧୩୨ ଜଣ ପୁରୁଷଙ୍କୁ ପାଠ ପଢ଼ାଯିବାକୁ ଟାର୍ଗେଟ୍ ଥିଲାବେଳେ ୭୪,୮୬୮ ଜଣ ମହିଳାଙ୍କ ସ୍କୁଲ୍ ମୁହାଁ କରିବାକୁ ଯୋଜନା କରାଯାଇଛି । ଏଥିପାଇଁ ୧୧ ହଜାର ସିଟି ନିୟୋଜିତ ହେବେ । ୩୫୧୩ ପୁରୁଷ ଓ ୭୪୮୭ ଜଣ ମହିଳା ସିଟି ପାଠ ପଢ଼ାଇବେ । ଗ୍ରାମାଞ୍ଚଳରେ ସାକ୍ଷରତା ହାର ବଢ଼ାଇବାକୁ ସରକାର ଏହି ନୂଆ ଯୋଜନା ହାତକୁ ନେଇଛନ୍ତି । ଏହାଦ୍ୱାରା ସମସ୍ତଙ୍କ ପାଖରେ ଶିକ୍ଷା ପହଞ୍ଚିପାରିବ । ଅତି କମ୍‌ରେ ଜଣେ ବ୍ୟକ୍ତି ଅକ୍ଷର ଚିହ୍ନିବା, ବାକ୍ୟ ଗଠନ ଓ ହିସାବ କରିପାରିବ ।



# ନର୍ସିଂ ଛାତ୍ରୀଙ୍କ ଫଟୋ ଭାଇରାଲ୍ ଘଟଣାରେ ଜେଲ୍ ଗଲେ ଦୁଇ ଅଭିଯୁକ୍ତ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ନର୍ସିଂ ଛାତ୍ରୀଙ୍କୁ ସଂକଟାପନ୍ନ ଅବସ୍ଥାରେ ସନ୍ଧ୍ୟାରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା । ଭୋର୍‌ରେ ଏମ୍ସରେ ପହଞ୍ଚିବା ପରେ ସ୍ୱତନ୍ତ୍ର ଡାକ୍ତରୀ ଦଳ ଚିକିତ୍ସା ଆରମ୍ଭ କରିଥିବା ସୂଚନା ମିଳିଛି। ଅପରପକ୍ଷରେ ଏହି ମାମଲାରେ ଏକତରଫା ପ୍ରେମ କରି ଭିଡିଓ ଭାଇରାଲ୍ କରିଥିବା ଅଭିଯୁକ୍ତ ସତ୍ୟଜିତ ସରକାରଙ୍କୁ ପୋଲିସ ଦଶପଲ୍ଲୀରୁ ଗିରଫ କରି ରାଇଘର ଆଣିଛି। ସେହିପରି ଜୟପୁର ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ସୁରକ୍ଷାକର୍ମୀ ଭାବେ କାମ କରୁଥିବା ଉଦ୍ଧବ ନାୟକଙ୍କୁ ବି ରାଇଘର ଆଣି ପଚରାଉଚରା ଆରମ୍ଭ କରିଛି ପୋଲିସ କିଭଳି ଉଭୟଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ଅଭିଯୁକ୍ତଙ୍କୁ ମିଳିଲା ସେନେଇ ଉଭୟଙ୍କୁ ଜେରା କରି ଗିରଫକରି କୋର୍ଟ ଚଲାଣ କରିଥିବାର ସୂଚନା ଦେଲେ ରାଇଘର ଥାନା ଅଧିକାରୀ ରଘୁନାଥ ମାଝୀ । ଅପରପକ୍ଷରେ ପୀଡ଼ିତା ଛାତ୍ରୀଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ଭୁବନେଶ୍ୱର ଏମ୍ସରୁ ଏୟାର ଲିଫ୍ଟ କରି ନୂଆଦିଲ୍ଲୀ ଏମ୍ସ ନେବାକୁ ଏକ ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି ମାତୃ ଆଶ୍ରୟ ଆଶ୍ରମର ଅଧ୍ୟକ୍ଷା କାଦମ୍ବିନୀ ତ୍ରିପାଠୀ।

# ରାଉରକେଲା ସ୍କୁଲ ଚେସ୍ ଚମ୍ପିୟାନସିପ-୨୦୨୫

**ରାଉରକେଲା, ନ୍ୟୁଜ୍**

ଆନ୍ତର୍ଜାତିକ ଚେସ୍ ଦିବସ ଉପଲକ୍ଷେ ଛେଣ୍ଡ ଠାରେ ପ୍ରଥମ ସିଏସ୍ ଚେସ୍ ସେଣ୍ଟର୍ ତରଫରୁ ଦ୍ୱିଦିବସୀୟ ରାଉରକେଲା ଷ୍ଟିଲ ସିଟି ସ୍କୁଲ୍ ଚେସ୍ ଚମ୍ପିୟାନସିପ ୨୦୨୫ ଅନୁଷ୍ଠିତ ହୋଇଯାଇଛି । ଅନ୍ତର୍ଜାତିକ ରେଟେଡ ଚେସ୍ ଖେଳାଳୀ, କୋଚ୍, ସଂଗଠକ ତଥା ବିଚାରକ ଅନୁଷ୍ଠାନର ଏସଏନଏ ଚନ୍ଦ୍ରଶେଖର ପଣ୍ଡା ଙ୍କ ଆବାହକତ୍ୱ ରେ ଆୟୋଜିତ ଏହି ଚମ୍ପିୟାନସିପରେ ରାଉରକେଲା ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳର ୨୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବା ପାଇଁ ଆବେଦନ କରିଥିଲେ । ସେଥିମଧ୍ୟରୁ ୧୫୧ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବା ପାଇଁ ସଫଳ ହୋଇଥିଲେ । ପ୍ରତ୍ୟେକ ଖେଳାଳୀ ୭ ରାଉଣ୍ଡ ଚେସ୍ ଖେଳିଥିଲେ । ଏହି ଚମ୍ପିୟାନସିପରେ ଯୋଗ୍ୟତା ଓ ଫଳାଫଳ ଭିତ୍ତିରେ ୧୫ ଜଣ ଖେଳାଳିଙ୍କୁ ଶ୍ରେଷ୍ଠ ବିବେଚିତ କରାଯାଇ ଟ୍ରଫି ପ୍ରଦାନ କରାଯାଇଥିଲା । ସେହିପରି ୧୦୮ ଜଣ ଖେଳାଳିଙ୍କୁ ସ୍ୱୀକୃତି ସ୍ୱରୁପ ଟ୍ରଫି ପ୍ରଦାନ କରାଯାଇଥିଲା । ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ୍‌ର ସହଭାଗିତା ଓ ଡିଏସଓ୍ୱାଇଏସର ସହଯୋଗରେ ହୋଇଥିବା ଏହି ଦ୍ୱିଦିବସୀୟ ପ୍ରତିଯୋଗିତାରେ ଅତିଥି ଭାବେ ଏନ୍‌ଆଇଟିର ପ୍ରଫେସର ବି ବି ଭି ଏଲ୍, ଶିକ୍ଷୟିତ୍ରୀ ଦୀପିକା ଦେ, ଡାକ୍ତର ଅନ୍ୱେଷ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ଅନୁଷ୍ଠାନର ଏଭଳି କାର୍ଯ୍ୟକ୍ରମ ପାଇଁ ସାଧୁବାଦ୍ ଦେବା ସହ ଚେସ୍ ଖେଳପ୍ରତି ପ୍ରତିଯୋଗୀଙ୍କୁ ମନଯୋଗୀ କରିବା ପାଇଁ ଶ୍ରେଷ୍ଠ ଉଦ୍ୟମ ବୋଲି ମତ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମମତାରାଣୀ ପଣ୍ଡା, ଏଫଏ ଅଭିଷେକ ଆଚାର୍ଯ୍ୟ, ଏସଏନଏ ସର୍ବଶ୍ରୀ ସତ୍ୟଜିତ ବାରିକ, ଦୀନେଶ ବେହେରା, ମୈ ।ନାବତୀ ତନ୍ତୀ, ଏନଏ ସର୍ବଶ୍ରୀ ଗୁରୁନାଥ ପ୍ରଧାନ ଓ ଲିଲି ମାକ୍ସିମା ମିଞ୍ଜି ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ । ରାଉରକେଲା ରେ ଏପରି ଏକ ରାଜ୍ୟସ୍ତରୀୟ ଚେସ୍ ଚମ୍ପିୟାନସିପକୁ ନେଇ ଚେସ୍ ଖେଳାଳୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା । କାର୍ଯ୍ୟକ୍ରମ ଶେଷରେ ଆୟୋଜକ ଶ୍ରୀ ପଣ୍ଡା ଚମ୍ପିୟାନସିପର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଥିଲେ ।

# ସେପ୍ଟେମ୍ବର ୯ରୁ ୨୮ ପର୍ଯ୍ୟନ୍ତ ୟୁଏଇରେ ଖେଳାଯିବ ଏସିଆ କପ

**ମୁମ୍ବାଇ**

ସେପ୍ଟେମ୍ବର ୯ରୁ ୨୮ ପର୍ଯ୍ୟନ୍ତ ୟୁଏଇରେ ଖେଳାଯିବ ଏସିଆ କପ । ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟ ଭାରତରେ ଖେଳାଯିବାକୁ ଥିଲା, କିନ୍ତୁ ପାକିସ୍ତାନର ଆପତ୍ତିକୁ ଦୃଷ୍ଟିରେ ରଖି ଏହାକୁ ୟୁଏଇରେ କରାଯିବାକୁ ଏସୀୟ କ୍ରିକେଟ ପରିଷଦ (ଏସିସି) ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ତେବେ ୟୁଏଇରେ ଖେଳ ହେଉଥିଲେ ବି ଭାରତ ଏହାର ଆୟୋଜକ ଦେଶ ରହିବ ।



ଟୁର୍ଣ୍ଣାମେଣ୍ଟର ସବିଶେଷ ଖେଳସୂଚୀ ଜାରି ହୋଇନଥିଲେ ବି ସୂଚନା ଅନୁସାରେ ଗୋଟିଏ ଗ୍ରୁପରେ ଦୁଇ ଚିରାଚରିତ ପ୍ରତିଦ୍ୱନ୍ଦୀ ଭାରତ ଓ ପାକିସ୍ତାନ ରହିଥିବାର ସୂଚନା ମିଳିଛି ।

ଏ ସଂପର୍କରେ ଘୋଷଣା କରି ଏସିସିର ସଭାପତି ମହସିନ ନକଭୀ କହିଛନ୍ତି । ୨୦୨୫ର ଏସିଆ କପ ୟୁଏଇରେ ଖେଳାଯିବ । ଏହା ସେପ୍ଟେମ୍ବର ୯ରୁ ୨୮ ତାରିଖ ପର୍ଯ୍ୟନ୍ତ ଖେଳାଯିବ । ଭଲ କ୍ରିକେଟ ଦେଖିବାକୁ ମିଳିବ ବୋଲି ମୁଁ ନିଶ୍ଚିତ । ସବିଶେଷ କ୍ରୀଡ଼ାସୂଚୀ ଖୁବଶୀଘ୍ର ପ୍ରକାଶ ପାଇବ ।

ଏସିଆ କପରେ ମୋଟ ୮ଟି ଦେଶ- ଭାରତ, ଶ୍ରୀଲଙ୍କା, ପାକିସ୍ତାନ, ଆଫଗାନିସ୍ତାନ, ବାଂଲାଦେଶ, ହଂକଂ, ୟୁଏଇ ଏବଂ ଓମାନ ଅଂଶଗ୍ରହଣ କରିବେ । ମ୍ୟାଚଗୁଡ଼ିକ ଟି-୨୦ ଫର୍ମାଟରେ ଖେଳାଯିବ । ମୋଟ ୧୯ଟି ମ୍ୟାଚ ଖେଳାଯିବ ।

# ଓଲ୍ଡ ଟ୍ରାଫୋର୍ଡରେ ଭାରତର ଦୁର୍ବଳ ବୋଲିଂ: ଇଂଲଣ୍ଡର ବିଶାଳ ସ୍କୋର




**ମାଞ୍ଚେଷ୍ଟର:**

ତେନ୍ଦୁଲକର -ଆଣ୍ଡରସନ ଟ୍ରଫି ଟେଷ୍ଟ ଶୃଙ୍ଖଳାର ଓଲ୍ଡ ଟ୍ରାଫୋର୍ଡରେ ଚାଲିଥିବା ଚତୁର୍ଥ ଟେଷ୍ଟର ତୃତୀୟ ଦିନରେ ଇଂଲଣ୍ଡର ପ୍ରାଧାନ୍ୟ ଦେଖିବାକୁ ମିଳିଥିଲା । ଭାରତୀୟ ବୋଲରଙ୍କ ପ୍ରଭାବହୀନ ବୋଲିଂର ଫାଇଦା ଉଠାଇ ଇଂଲଣ୍ଡ ବଡ଼ ସ୍କୋର ଅଭିମୁଖେ ଅଗ୍ରସର ହେଉଛି । ଭାରତର ପ୍ରଥମ ଇନିଂସ ସ୍କୋର ୩୫୮ରନ ଜବାବରେ ଇଂଲଣ୍ଡ ପ୍ରଥମ ଇନିଂସରେ ଜୋ ରୁଟ୍‌ଙ୍କ ୧୫୦ରନ ବଳରେ ୭ ୱିକେଟ ହରାଇ ୫୪୪ରନ କରିଛି । ହାତରେ ଆଉ ୩ ୱିକେଟ ସୁରକ୍ଷିତ ରହିଥିବାବେଳେ ଦଳ ୧୮୬ରନରେ ଆଗୁଆ ରହିଛି । ତୃତୀୟ ଦିନରେ ଭାରତୀୟ ବୋଲରମାନେ ୫ଟି ୱିକେଟ ପାଇଥିବାବେଳେ ଇଂଲଣ୍ଡ ୩୧୯ରନ କରିଥିଲା ।

ଇଂଲଣ୍ଡ ଦ୍ୱିତୀୟ ଦିନର ଅସମାପ୍ତ ୨/୨୨୫ରୁ ଖେଳ ଆରମ୍ଭ କରିଥିଲା । ଦୁଇ ଅପରାଜିତ ବ୍ୟାଟ୍‌ସମ୍ୟାନ ଜୋ ରୁଟ୍ ୧୧ ଓ ଓଲି ପୋପ ୨୦ରନରୁ ଖେଳ ଆରମ୍ଭ କରିଥିଲେ । ଉଭୟେ ଭାରତୀୟ ବୋଲରଙ୍କୁ ସହଜରେ ଖେଳି ରନ ସ୍କୋରକୁ ବଢାଇ ଚାଲିଥିଲେ । ମଧ୍ୟାହ୍ନଭୋଜନ ବିରତି ପର୍ଯ୍ୟନ୍ତ ଇଂଲଣ୍ଡ ଆଉ କୌଣସି ୱିକେଟ ହରାଇନଥିଲା । ଉଭୟେ ୩ୟ ୱିକେଟ ପାଇଁ ୧୪୪ରନ ଭାଗିଦାରୀ କରିଥିଲେ । ସ୍କୋର ୩୪୧ରନ ଥିବାବେଳେ ପୋପ୍ ୭୧ରନ କରି ୱାଶିଂଟନ ସୁନ୍ଦରଙ୍କ ବଲରେ ଆଉଟ୍ ହୋଇଥିଲେ । ଇଂଲଣ୍ଡ ୩୪୯ରନରେ ଚତୁର୍ଥ ୱିକେଟ ହରାଇଥିଲା । ହ୍ୟାରୀ ବ୍ରୁକ୍ ମାତ୍ର ୩ରନ କରି ୱାଶିଂଟନଙ୍କ ବଲରେ ଷ୍ଟମ୍ପିଂ ହୋଇଥିଲେ । ୮ରନ ମଧ୍ୟରେ ଦୁଇଟି ୱିକେଟ ନେଇ ଭାରତ ମ୍ୟାଚକୁ ଫେରିବାକୁ ଉଦ୍ୟମ କରିଥିଲେ ମଧ୍ୟ ରୁଟ୍ ଓ ଅଧିନାୟକ ବେନ୍ ଷ୍ଟୋକସ କୌଣସି ସୁଯୋଗ ଦେଇନଥିଲେ । ରୁଟ୍ ୧୭୮ଟି ବଲରୁ ଶତକ ପୂରଣ କରିଥିଲେ । ଟେଷ୍ଟ କ୍ରିକେଟରେ ରୁଟ୍‌ଙ୍କ ଏହା ୩୮ତମ ଶତକ । ପଞ୍ଚମ ୱିକେଟରେ ରୁଟ୍ ଓ ଷ୍ଟୋକ୍ସ ବଡ ଭାଗିଦାରୀ କରି ଭାରତକୁ ପୁଣି ନିରାଶ କରିଥିଲେ । ଉଭୟେ ୧୪୨ରନ ଭାଗିଦାରୀ କରିଥିଲେ । ସ୍କୋର ୪୯୧ରନ ଥିବାବେଳେ ଷ୍ଟୋକ୍ସ ରିଟାୟାର୍ଡ ହର୍ଟ ହୋଇଥିଲେ । ଷ୍ଟୋକ୍ସ ୬୬ରନ କରିଥିବାବେଳେ ମାଂଶପେଶୀରେ ଆଘାତ ଲାଗି ରିଟାୟାର୍ଡ ହଟ ହୋଇଥିଲେ । ରୁଟଙ୍କ ସହ ଜେମି ସ୍ମିଥ୍ ମାତ୍ର ୮ରନ ଭାଗିଦାରୀ କରିଥିଲେ । ୪୯୯ରନ ସ୍କୋର ଥିବାବେଳେ ରୁଟ୍ ୧୫୦ରନ କରି ଆଉଟ୍ ହୋଇଥିଲେ । ଇଂଲଣ୍ଡ ୫୧୫ରନରେ ଷଷ୍ଠ ୱିକେଟ ହରାଇଥିଲା । ସ୍ମିଥ୍ ୯ରନ କରି ଆଉଟ୍ ହୋଇଥିଲେ । ସପ୍ତମ ୱିକେଟରେ ଲିୟାମ ଡାଓସନ ଓ କ୍ରିସ ୱକ୍ସ ୧୩ରନ ସଂଗ୍ରହ କରିଥିଲେ । ୫୨୮ରନ ସ୍କୋର ଥିବାବେଳେ ୱକ୍ସ ୪ରନ କରି ଆଉଟ୍ ହୋଇଥିଲେ । ରିଟାୟାର୍ଡ ହଟ୍ ହୋଇଥିବା ରୁଟ୍ ପୂନର୍ବାର ବ୍ୟାଟିଂ କରିବାକୁ ଆସିଥିଲେ । ଅଷ୍ଟମ ୱିକେଟରେ ରୁଟ୍ ଓ ଡାଓସନ ଅବିଭାଜିତ ୧୬ରନ କରିଛନ୍ତି । ଷ୍ଟମ୍ପ ଅପସାରଣ ବେଳକୁ ଷ୍ଟୋକ୍ସ ୭୭ ଓ ଡାଓସନ ୨୧ରନ କରି ଅପରାଜିତ ରହିଛନ୍ତି । ଭାରତ ପକ୍ଷରୁ ୱାଶିଂଟନ ସୁନ୍ଦର ଓ ରବୀନ୍ଦ୍ର ଜାଡେଜା ଦୁଇଟି ଲେଖାଏଁ, ଅଂଶୁଲ କାମ୍ବୋଜ, ଯଶପ୍ରୀତ ବୁମ୍ରା ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏଁ ୱିକେଟ ନେଇଛନ୍ତି ।

# ଅବସର ନେଲେ ବେଦା କୃଷ୍ଣମୂର୍ତ୍ତି



**ନୂଆଦିଲ୍ଲୀ:**

ଭାରତୀୟ ବ୍ୟାଟର୍ ବେଦା କୃଷ୍ଣମୂର୍ତ୍ତି ଶୁକ୍ରବାର ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଇଛନ୍ତି । ୩୨ ବର୍ଷୀୟା ବେଦା ୧୦ ବର୍ଷର ଖେଳ ଜୀବନରେ ବିରାମ ଲଗାଇଥିଲା ବେଳେ କ୍ରିକେଟ୍ ସହିତ ଜଡ଼ିତ ରହିବେ ବୋଲି କହିଛନ୍ତି । ସାମାଜିକ ଗଣମାଧ୍ୟମରେ ଏକ ହୃଦୟସ୍ପର୍ଶୀ ବାର୍ତ୍ତା ପୋଷ୍ଟ କରି ସେ ନିଜ ଅବସର ବିଷୟରେ ସୂଚନା ଦେଇଛନ୍ତି । ଏକ ଛୋଟ ସହରର ଝିଅର ସ୍ୱପ୍ନ ଥିଲା ଭାରତୀୟ ଜର୍ସି ପିନ୍ଧିବା ଏହା ପୂରଣ ହୋଇଥିବାରୁ ଗର୍ବିତ କ୍ରିକେଟ୍ ମୋତେ ସବୁକିଛି ଦେଇଛି ।

ଏବେ ଖେଳାଳି ଜୀବନକୁ ଗୁଡ୍‌ବାଏ କରୁଛି, ହେଲେ ଖେଳକୁ ନୁହେଁ ସର୍ବଦା ଭାରତ ଓ ଦଳ ପାଇଁ ରହିଛି ବୋଲି କୃଷ୍ଣମୂର୍ତ୍ତି ଲେଖିଛନ୍ତି । ଭାରତ ପକ୍ଷରୁ ମିଡିଲ୍‌ଅର୍ଡର ବ୍ୟାଟର୍ ବେଦା ୪୮ ଦିନିକିଆ ଓ ୭୬ ଟ୍ୱେଣ୍ଟି-୨୦ ଖେଳି ଯଥାକ୍ରମେ ୮୨୯ ଓ ୮୭୫ ରନ୍ କରିଛନ୍ତି । ଶେଷ ଥର ଲାଗି ୨୦୨୦ରେ ମେଲ୍‌ବର୍ଣ୍ଣରେ ଅଷ୍ଟ୍ରେଲିଆ ବିପକ୍ଷରେ ଟ୍ୱେଣ୍ଟି-୨୦ ଏବଂ ୨୦୧୮ରେ ଦିନିକିଆ ଖେଳିଥିଲେ । ୨୦୨୩ ଡବ୍ଲ୍ୟୁପିଏଲ୍‌ରେ ଗୁଜରାଟ ଜାଏଣ୍ଟସ୍ ପକ୍ଷରୁ ରୟାଲ ଚ୍ୟାଲେଞ୍ଜର୍ସ ବିପକ୍ଷରେ ଖେଳିବା ଶେଷ ଘରୋଇ ମ୍ୟାଚ୍ ଥିଲା । ବେଦା ପୂର୍ବତନ କର୍ଣ୍ଣାଟକ କ୍ରିକେଟର୍ ଅର୍ଜୁନ ହୟଶାଳଙ୍କୁ ବିବାହ କରିଛନ୍ତି ।

# ବଡ଼ବିଲ ଆଇଟିଆଇ ସମ୍ମାନିତ




**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ବଡ଼ବିଲସ୍ଥିତ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପୂର୍ବ ଭାରତର ସର୍ବୋତ୍ତମ ପ୍ରଦର୍ଶନକାରୀ ଭାବରେ ସମ୍ମାନିତ ହୋଇଛି । ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମରେ ଆୟୋଜିତ ସ୍କିଲ ଇଣ୍ଡିଆ ମିଶନର ୧୦ ବାର୍ଷିକୀ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠିତ ହେଉଥିବା ଭାରତ ସ୍କିଲନେକ୍ସଟ୍ -୨୦୨୫ର ଉଦ୍‌ଘାଟନୀ ଉତ୍ସବରେ କେନ୍ଦ୍ର ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟର ମନ୍ତ୍ରୀ ଜୟନ୍ତ ଚୌଧୁରୀଙ୍କଠାରୁ ଡିଟିଇଟି ନିର୍ଦ୍ଦେଶକ ସମର୍ଥ ବର୍ମା ଓ ଆଇଟିଆଇ ବଡ଼ବିଲର ଅଧ୍ୟକ୍ଷ ଏହି ସମ୍ମାନ ଗ୍ରହଣ କରିଛନ୍ତି । ଏହି ସମ୍ମାନ ଦକ୍ଷତା ବିକାଶ ଅଭିଯାନକୁ ସାର୍ଥକ କରିବା ଓ ଭାରତର କାର୍ମିକ ଶକ୍ତିକୁ ସଶକ୍ତ କରିବା ଦିଗରେ ବଡ଼ବିଲ ଶିଳ୍ପ ତାଲିମ କେନ୍ଦ୍ର ଓ ସର୍ବୋପରି ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି । ଏହି ସମ୍ମାନ କେନ୍ଦୁଝର ଜିଲ୍ଲା ଓ ଓଡ଼ିଶା ପାଇଁ ଗର୍ବ ଆଣିଦେଇଛି ।

# ଦୁଷ୍କର୍ମ ଅଭିଯୋଗକୁ ବିତିଲାଣି ୨ ବର୍ଷ ବାନ୍ଧାହେଲେନି କଣ୍ଠଶିଳ୍ପୀ ସୌରିନ ଭଟ୍ଟ

**କଟକ, ନ୍ୟୁଜ୍‌ବ୍ୟୁରୋ**

ବଲିଉଡ ତଥା ଓଡ଼ିଆ କଣ୍ଠଶିଳ୍ପୀ ସୌରିନ ଭଟ୍ଟଙ୍କ ବିରୋଧରେ ଆସିଥିବା ଦୁଷ୍କର୍ମ ଅଭିଯୋଗକୁ ବିତିଲାଣି ୨ ବର୍ଷ । ପୁଲିସ ସୌରିନଙ୍କ ବିରୋଧରେ ଚାର୍ଜସିଟ ଦଖଲ କରି ସାରିଥିବାବେଳେ ଏଯାଏଁତାଙ୍କୁ ଗିରଫ କରିନାହିଁ । ଇତି ମଧ୍ୟରେ କଟକରେ ପାଞ୍ଚ ପାଞ୍ଚ ଜଣ ଡିସିପି ବଦଳି ସାରିଲେଣି, କିନ୍ତୁ ଧରାପଡ଼ିଲେନି ସୌରିନ । ଦୁଇ ବର୍ଷରେ କଟକ ସହରରେ ବଦଳିଲେଣି ପାଞ୍ଚ ପାଞ୍ଚ ଜଣ ଡିସିପି । ହେଲେ ଦୁଷ୍କର୍ମ ଅଭିଯୋଗରେ ଫେରାର କଣ୍ଠଶିଳ୍ପୀ ସୌରିନଙ୍କୁ ଗିରଫ କରିବାରେ ଫେଲ୍ କମିଶନରେଟ ପୁଲିସ । ତେବେ ପ୍ରଶ୍ନ ଉଠୁଛି କାହିଁକି କଣ୍ଠଶିଳ୍ପୀ ସୌରିନଙ୍କୁ ଗିରଫ କରିନାହିଁ କମିଶନରେଟ ପୁଲିସ । ଏ ଘଟଣାରେ କୋର୍ଟରେ ଚାର୍ଜସିଟ ଦାଖଲ କରିବାପରେ ମଧ୍ୟ ଅଭିଯୁକ୍ତ ପାଖରେ ପହଞ୍ଚି ପାରିନାହିଁ ପୁଲିସ । ୨୦୨୩ ମସିହା ଜୁନ ୧୨ରେ ସୌରିନଙ୍କ ବିରୋଧରେ କଟକ ମହିଳା ଥାନାରେ ଅଭିଯୋଗ କରିଥିଲେ ଯୁବତୀ । ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ପୁଲିସ । ୨୩ ଜୁନ, ୨୦୨୩ରେ ସୌରିନଙ୍କ କଲକାତା ଘରେ ଚଢାଉ କରିଥିଲା ପୁଲିସ । ସୌରିନ ଘରେ ନଥାଇ ଫେରାର ଥିବାରୁ ପୁଲିସ ଫେରି ଆସିଥିଲା । କିନ୍ତୁ ଗିରଫଦାରୀକୁ ଏଡ଼ାଇବା ପାଇଁ ସୌରିନ ଆଗୁଆ ଜାମିନ ପାଇଁ ହାଇକୋର୍ଟରେ ନିବେଦନ କରିଥିଲେ । ୧୧ ସେପଟେମ୍ବର ୨୦୨୩ରେ ସୌରିନଙ୍କ ବିରୋଧରେ ଲୁକ୍ ଆଉଟ୍ ସର୍କୁଲାର ଜାରି ହୋଇଥିଲା । ସୌରିନଙ୍କ ୨ଟି ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ ? କରାଯାଇଥିଲା । ୫ ଅକ୍ଟୋବର ୨୦୨୩ରେ ଜାମିନ ବିହୀନ ଗିରଫ ପରଓ୍ୱାନା ଜାରି ହୋଇଥିଲା ।

# ବାଙ୍କୀ ବିଧାନସଭା ନିର୍ବାଚନ ମଣ୍ଡଳୀର ବିକାଶ କାର୍ଯ୍ୟ ସମୀକ୍ଷା

**କଟକ, ନ୍ୟୁଜ୍‌ବ୍ୟୁରୋ**




ଶୁକ୍ରବାର ପୂର୍ବାହ୍ନରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ବାଙ୍କୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଜଳସେଚନ, ଡ୍ରେନେଜ ଆଦି ବିଭାଗୀୟ ବରିଷ୍ଠ ଯନ୍ତ୍ରୀ, ବିଭିନ୍ନ ବିଭାଗୀୟ ଅଧିକାରୀ ଓ ନିର୍ବାଚିତ ସ୍ଥାନୀୟ ବ୍ଲକ ଓ ଜିଲ୍ଲା ପରିଷଦର ଜନ ପ୍ରତିନିଧିଙ୍କ ଉପସ୍ଥିତିରେ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ପ୍ରସ୍ତାବିତ ପ୍ରକଳ୍ପ ଗୁଡ଼ିକର ସମୀକ୍ଷା କରାଯାଇଥିଲା । ଉପଖଣ୍ଡ ଅଞ୍ଚଳର ପୂର୍ତ୍ତ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣଧିନ ଅବସ୍ଥାରେ ଚାଲୁ ରହିଥିବା ରାସ୍ତା କାର୍ଯ୍ୟକୁ ଆସନ୍ତା ୨୦୨୬ମାର୍ଚ୍ଚ ମାସ ସୁଦ୍ଧା ଶେଷ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ରାସ୍ତା ମରାମତି ଉପରେ ମଧ୍ୟ ବିଧାୟକ ଗୁରୁତ୍ୱାରୋପ କରିଥିଲେ । ନିର୍ମାଣଧିନ କଇମୁଣ୍ଡି, ରାମଚନ୍ଦ୍ରପୁର ସେତୁ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେବା ସହ ଜଳମଗ୍ନ ହୁଲୁହୁଲା ପ୍ରକଳ୍ପ ସମ୍ବନ୍ଧରେ ଆଲୋଚନା କରିଥଲେ । ବସ୍ତିଆ- ସୁବର୍ଣ୍ଣପୁର ରାସ୍ତାର ବିକଳ୍ପ ରାସ୍ତା, ପୂର୍ତ୍ତ ବିଭାଗ ଦ୍ୱାରା ଚାଲୁରହିଥିବା ତ୍ରିଶୁଳିଆ-ବାରଙ୍ଗ, ଡମପଡା-ତାଳବସ୍ତ ଚୌଡା ରାସ୍ତା ନିର୍ମାଣ କାର୍ଯ୍ୟର ସମୀକ୍ଷା କରି ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ତ୍ରିଶୁଳିଆ-ନରାଜ ରାସ୍ତା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମଧ୍ୟ ଅବଗତ ହୋଇଥିଲେ । ସାଧାରଣ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉପଖଣ୍ଡ ଅଧିନସ୍ଥ ବିଜ୍ଞାପିତ ଅଞ୍ଚଳରେ ଚାଷଜମି ଉନ୍ନତି କରାଯିବା ନିମନ୍ତେ ଏକ ବିବରଣୀ ପ୍ରସ୍ତୁତି କରାଯିବା ସମ୍ପର୍କରେ ଏହି ସମୀକ୍ଷା ବୈଠକରେ ଆଲୋଚନା କରିଥିଲେ । ସମଗ୍ର ଅଞ୍ଚଳରେ ପ୍ରସ୍ତାବିତ ଡ୍ରେନେଜ ନିର୍ମାଣ କାର୍ଯ୍ୟ ଏବଂ ମେଗା ଜଳ ସେଚନ ପ୍ରକଳ୍ପ ନିମନ୍ତେ ଆବଶ୍ୟକ ହେଉଥିବା ଜମି ଅଧିଗ୍ରହଣ ସମ୍ବନ୍ଧରେ ତଥା ସାଧାରଣ ଚାଷୀଙ୍କ ନିମନ୍ତେ ମେଗା ଜଳସେଚନ ବ୍ୟବସ୍ଥା କରାଯିବା ଉପରେ ଆଲୋଚନା ମାଧ୍ୟମରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ । ସମୀକ୍ଷା ପୂର୍ବକ ଏହି ବୈଠକରେ ବିଧାୟକ ମା ଚର୍ଚ୍ଚିକା ମନ୍ଦିର ଉନ୍ନତିକରଣ, ବାଙ୍କୀ ବିଦ୍ୟାଳୟର ମୁଖ୍ୟଦ୍ୱାର ନିର୍ମାଣ, ଜନଗହଳି ଟୁଇନ-ସିଟି ରାସ୍ତାକୁ କୁଆଖିଆ-ପ୍ରତାପ ନଗରୀ ପଟୁ ସଂଯୋଗ ଆଦି ବିଷୟରେ ଆଲୋଚନା କରାଯାଇଥିଲା । ପରିଶେଷରେ ସାମାଜିକ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରକୃତ ହିତାଧିକାରୀଙ୍କୁ ଯଥା ସମୟରେ ଭତ୍ତା ପ୍ରଦାନ କରାଯିବା ଏବଂ ନୂତନ ହିତାଧିକାରୀ ଚୟନ କରାଯିବା ଉପରେ ଗୁରୁତ୍ୱ ଦେଇ ବାଙ୍କୀ ଉପଖଣ୍ଡର ଅନ୍ୟାନ୍ୟ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା ପୂର୍ବକ ନିର୍ଦ୍ଧାରିତ ସମୟ ମଧ୍ୟରେ ସେଗୁଡିକ ଶେଷ କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶିବ ଟପୋ ବୈଠକ ସଂଚାଳନ କରିଥିବା ବେଳେ ବାଙ୍କୀ- ଡମପଡା ବ୍ଲକ ଅଧ୍ୟକ୍ଷ ଶ୍ରୀ ପ୍ରଣବ କିଶୋର ପଟେଲ, ବାଙ୍କୀ ବ୍ଲକ ଅଧ୍ୟକ୍ଷା ଶ୍ରୀମତି ପୁଷ୍ପଲତା ସାମନ୍ତ, ବାରଙ୍ଗ ବ୍ଲକ ଅଧ୍ୟକ୍ଷା ଶ୍ରୀମତି ସାବିତ୍ରୀ ଦଳାଇ, ବାଙ୍କୀ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ଶ୍ରୀମତି ମାଣିକ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ପ୍ରଶାନ୍ତ କୁମାର ନାୟକ, ବାଙ୍କୀ ଉପଜିଲ୍ଲାପାଳ ଶ୍ରୀ ପ୍ରଣବ କୁମାର ବେହେରା, ଜିଲ୍ଲା ପରିଷଦ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଶ୍ରୀ ଆଶିଷ କୁମାର ସାହୁଙ୍କ ସମେତ ଜିଲ୍ଲା ପରିଷଦ ବିଭିନ୍ନ ଜୋନର ସଦସ୍ୟ ସଦସ୍ୟା, ବାଙ୍କୀ ଓ ଡମପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ସମୀକ୍ଷା ପୂର୍ବକ ଆଲୋଚନା ବୈଠକରେ ଉପସ୍ଥିତ ରହି ସମସ୍ତ ସ୍ଥିତି ସଂମ୍ପର୍କରେ ଅବଗତ ହୋଇଥିଲେ । ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସହକାରୀ ନିର୍ଦ୍ଦେଶକ ଶ୍ରୀ ରାମଚନ୍ଦ୍ର ମଲ୍ଲିକ ଏବଂ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଆଜି ଯାଜପୁର ଜିଲ୍ଲା ସ୍ତରୀୟ ଲୋକ ଅଦାଲତ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ୨୭ ତାରିଖ ରବିବାର ଦିନ ଜିଲ୍ଲା ଓ ଦୌରାଜଜ୍‌ଙ୍କ ଅଦାଲତ ଯାଜପୁର ସମେତ ଜିଲ୍ଲାର ସମସ୍ତ ଅଦାଲତ ପରିସରରେ ଜିଲ୍ଲା ସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଉଥିବା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଯାଜପୁର ସଚିବ ଲିପା ମହାନ୍ତି ପ୍ରକାଶ କରିଛନ୍ତି । ଉକ୍ତ ଲୋକ ଅଦାଲତରେ କେବଳ ଚେକ୍ ବାଉନ୍ସ ସମ୍ବନ୍ଧୀୟ ବିବାଦର ଆପୋଷ ସହମତିରେ ସମାଧାନ କରାଯିବ । ଅଯଥା ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଲୋକ ଅଦାଲତରେ ଉପସ୍ଥିତ ରହି ଆପଣଙ୍କ ମକଦ୍ଦମା/ ବିବାଦର ସମାଧାନ କରାଇ ନିଅନ୍ତୁ । ଦୀର୍ଘ ଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହା ଏକ ସୁଯୋଗ । ଏ ସଂକ୍ରାନ୍ତରେ ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଯାଜପୁର ଓ ତାଲୁକ ଆଇନସେବା କମିଟି ସହିତ ଯୋଗାଯୋଗ କରିବାକୁ ସୂଚନା ଦିଆଯାଇଛି ।

# ସାହିତ୍ୟ ସମ୍ପର୍କିତ ପ୍ରତିଯୋଗିତାରେ ଜଗତସିଂହପୁର ଜିଲ୍ଲାରେ କୃତିତ୍ୱ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ସାହିତ୍ୟ ଏକାଡ଼େମୀର ୬୮ ତମ ସ୍ୱନକ୍ଷତ୍ର ଦିବସ ଭୁବନେଶ୍ୱର ସ୍ଥିତ ରବୀନ୍ଦ୍ର ମଣ୍ଡପ ଠାରେ ପାଳିତ ହୋଇଯାଇଛି । ଏହି ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ରାଜ୍ୟ ସ୍ତରୀୟ ସାହିତ୍ୟ ସମ୍ପର୍କିତ ପ୍ରତିଯୋଗିତାରେ ଜଗତସିଂହପୁର ଜିଲ୍ଲାର ୨ଜଣ ଛାତ୍ରୀ ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର ଏବଂ ଓଡିଆ ଭାଷା ,ସାହିତ୍ୟ ଓ ସଂସ୍କୃତି ବିଭାଗ, ସୂର୍ଯ୍ୟବଂଶୀ ସୂରଜଙ୍କ ଦ୍ୱାରା ପୁରସ୍କୃତ ହୋଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ସେମାନେ ହେଲେ, ବରିଷ୍ଠ ବର୍ଗ କବିତା ଆବୃତ୍ତି ରେ କେନ୍ଦ୍ରୀୟ ବିଦ୍ୟାଳୟ ଜଗତସିଂହପୁରର ଦଶମ ଶ୍ରେଣୀ ଛାତ୍ରୀ ଦୀପଶିଖା ମିଶ୍ର ଦ୍ୱିତୀୟ ଏବଂ ବରିଷ୍ଠ ବର୍ଗ ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ସରକାରୀ ଉଚ୍ଚ ବିଦ୍ୟାଳୟ, ନାଉଗାଁ ହାଟର ଦଶମ ଶ୍ରେଣୀ ଛାତ୍ରୀ ଗାୟତ୍ରୀ ପୋଲାଇ, ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ପ୍ରକାଶ ଥାଉକି, ଗତ ଜୁଲାଇ ୯ ତାରିଖ ଦିନ ଜିଲ୍ଲାର ଶ୍ରୀକୃଷ୍ଣ ଏକାଡେମୀ ଠାରେ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ କନିଷ୍ଠ ବର୍ଗ ୧୩.୦୭.୨୫ ଓ ବରିଷ୍ଠ ବର୍ଗ ୨୦.୦୭.୨୫ ଦିନ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଠାରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ ।

# ଆଦର୍ଶ ଜଳ ପରିଚାଳନାରେ ଟାଟା ଷ୍ଟିଲର ଅଭିନବ ପଦକ୍ଷେପ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାର ଯାଜପୁର ଜିଲ୍ଲାରେ ଅବସ୍ଥିତ ଟାଟା ଷ୍ଟିଲ କଳିଙ୍ଗନଗର ପ୍ଲାଣ୍ଟ ଜଳ ସଂରକ୍ଷଣ ଓ ପରିବେଶ ସୁରକ୍ଷା ଦିଗରେ ଷ୍ଟିଲ ଉଦ୍ୟୋଗରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି । ଉନ୍ନତ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଏହି ପ୍ଲାଣ୍ଟ ମଧୁର ଜଳ ବ୍ୟବହାରରେ ୪୦% ରୁ ଅଧିକ ହ୍ରାସ ଆଣିବା ସହିତ ଏହାର ପରିବେଶଗତ ପ୍ରଭାବ କମାଇବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି । ପ୍ଲାଣ୍ଟରେ ବିଭିନ୍ନ ପ୍ରକାର ବୈଜ୍ଞାନିକ ପଦ୍ଧତି ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳ ସହାୟତାରେ ଅନେକ ପଦକ୍ଷେପ ନିଆଯାଇଛି, ଯାହା ପ୍ଲାଣ୍ଟର କାର୍ଯ୍ୟରେ ମଧୁର ଜଳର ବ୍ୟବହାରକୁ ଧୀରେ ଧୀରେ ହ୍ରାସ କରିଚାଲିଛି । ପ୍ଲାଣ୍ଟରେ ଗତ ସାତ ବର୍ଷ ଧରି ସେଣ୍ଟ୍ରାଲ୍ ଇଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ (ସିଇଟିପି), ହାଇ-ଏଫିସିଏନ୍ସି ରିଭର୍ସ ଅସ୍ମୋସିସ୍ ଟେକ୍ନୋଲୋଜି, ମେକାନିକାଲ୍ ଭେପର ରିକମ୍ପ୍ରେସନ୍ (ଏମଭିଆର), ବାୟୋଲୋଜିକାଲ୍ ଅକ୍ସିଡ଼ାଏସନ ଏଣ୍ଡ ଡିଫେନଲାଇଜେସନ୍ (ବିଓଡି) ପ୍ଲାଣ୍ଟ ଉଚ୍ଚ ସ୍ତରୀୟ ଟ୍ରିଟମେଣ୍ଟ ଆଦି ପ୍ରଯୁକ୍ତି ବ୍ୟବହାର କରି ପ୍ଲାଣ୍ଟ ମଧୁର ଜଳ ଉପରେ ନିର୍ଭରତାରେ ୪୦% ପର୍ଯ୍ୟନ୍ତ ହ୍ରାସ ଆଣିପାରିଛି, ଯାହା ପରିବେଶ ଉପଯୋଗୀ ପଦକ୍ଷେପରେ ଷ୍ଟିଲ ଉଦ୍ୟୋଗ ପାଇଁ ଏକ ଅଭିନବ ଦିଗଦର୍ଶନ ସ୍ଥାପନ କରିଛି । ଜଳ ସଂରକ୍ଷଣ ଦିଗରେ ପ୍ରତିବଦ୍ଧତା ଦର୍ଶାଇ, ପ୍ଲାଣ୍ଟ କଳିଙ୍ଗନଗରରେ ବର୍ଷାଜଳ ଅମଳ ପାଇଁ ଏକ 'ରେନଓ୍ୱାଟର ହାର୍ଭେଷ୍ଟିଂ-କମ୍ ?-ପର୍କୋଲେସନ୍ ପଣ୍ଡ' ବିକଶିତ କରିଛି । ୧୦,୫୦୦ ବର୍ଗମିଟର କ୍ଷେତ୍ରରେ ବ୍ୟାପ୍ତ ଏହି ପୋଖରୀର ଜଳ ସଂରକ୍ଷଣ କ୍ଷମତା ୪୬,୦୦୦ କ୍ୟୁବିକ ମିଟର ଏବଂ ଏଥିରେ ୧୦,୦୦୦ ବର୍ଗମିଟରରେ ସବୁଜ ବଳୟର ଆବରଣ ରହିଛି । ଏହି ବର୍ଷା ଜଳ ସଂରକ୍ଷଣ ଢାଞ୍ଚା ମାଧ୍ୟମରେ ମୂଲ୍ୟବାନ ବର୍ଷା ଜଳ ଭୂଗର୍ଭସ୍ଥ ଜଳସ୍ତର ବୃଦ୍ଧି ପାଇଁ ବ୍ୟବହାର କରାଯାଉଛି । ଏହା ସହିତ, ପ୍ଲାଣ୍ଟ 'ଜିରୋ ଇଫ୍ଲୁଏଣ୍ଟ ଡିସ୍ଚାର୍ଜ ପ୍ଲାଣ୍ଟ' ଭାବରେ କାର୍ଯ୍ୟ କରୁଛି । ପ୍ଲାଣ୍ଟରେ ବ୍ୟବହୃତ ସମସ୍ତ ଜଳ ଉନ୍ନତ ଇଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟରେ ଶୁଦ୍ଧ କରାଯାଇ ପୁନର୍ବ୍ୟବହାର କରାଯାଏ ଏବଂ କୌଣସି ଅଶୁଦ୍ଧ ଜଳ ପ୍ଲାଣ୍ଟରୁ ବାହାରକୁ ନିଷ୍କାସିତ ହୁଏ ନାହିଁ । ଅନ୍ୟାନ୍ୟ ଦୀର୍ଘସ୍ଥାୟୀ ପଦକ୍ଷେପ ମାଧ୍ୟମରେ ଟାଟା ଷ୍ଟିଲ କଳିଙ୍ଗନଗର ପ୍ଲାଣ୍ଟ ଅକ୍ଷୟ ଶକ୍ତିର ବ୍ୟବହାର ପାଇଁ ସୌର ଶକ୍ତିକୁ ମଧ୍ୟ ସାମିଲ କରିଛି । ଏଥିପାଇଁ ୧୦.୧ ମେଗାଓ୍ୱାଟ୍ କ୍ଷମତା ବିଶିଷ୍ଟ ଫ୍ଲୋଟିଂ ସୌର ଶକ୍ତି ପ୍ରକଳ୍ପ ଜଳାଶୟ ଉପରେ ସ୍ଥାପନ କରାଯାଇଛି ଯାହା ଦ୍ରୁତ ବାଷ୍ପିକରଣ ପ୍ରକ୍ରିୟାକୁ ଅନେକ ମାତ୍ରାରେ ପ୍ରତିହତ କରୁଛି ।

## ଏତଲା ଦେବାର ୨ ମାସ ବିତିଲା

# ନିଖୋଜ ମହିଳାଙ୍କ ଟେର୍ ପାଉନି ପୋଲିସ୍

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ତିର୍ତ୍ତୋଲ ଥାନା ଅଧୀନ ପୋରଗଦେଇ ପଞ୍ଚାୟତ ଯୋଗାଣିଆ ଗ୍ରାମର ପ୍ରତାପ ଚନ୍ଦ୍ର ସାହୁଙ୍କ ଧର୍ମ ପତ୍ନୀ ପ୍ରତିଭା ସାହୁ (୪୨) ନିଖୋଜ ହୋଇଥିବା ନେଇ ତିର୍ତ୍ତୋଲ ଥାନାରେ ମାମଲା ଦାୟର ହୋଇଛି । ମାମଲାକୁ ଦୁଇମାସ ବିତିଯାଇଥିଲେ ମଧ୍ୟ ପୋଲିସ ମହିଳାଙ୍କର ଟେର ପାଉନଥିବାବେଳେ ଅଦ୍ୟାବଧି ହାତ ଖାଲି । ଅଭିଯୋଗ ମୁତାବକ ପ୍ରତିଭା ସାହୁ ଗତ ମେ ମାସ ୫ ତାରିଖ ଦିନ ୪ ଘଟିକା ସମୟରେ ରାହାମା ବଜାରକୁ ଜିନିଷ କିଣିବା ପାଇଁ ଯାଉଛି କହି ଘରକୁ ଫେରିନଥିଲେ । ବହୁତ ବିଳମ୍ବ ହେବାରୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି ପରେ ମିଳି ନଥିଲେ । ଯାହାକୁ ନେଇ ପ୍ରତାପ ତିର୍ତ୍ତୋଲ ଥାନାରେ ତାଙ୍କ ସ୍ତ୍ରୀ ନିଖୋଜ ହୋଇଥିବା ନେଇ ଅଭିଯୋଗ କରିଥିଲେ । ତାଙ୍କ ଘରୁ ବାହାରି ଗଲାବେଳେ ଏକ ବ୍ଲୁ ରଙ୍ଗର ଶାଢ଼ୀ ପିନ୍ଧିଥିଲେ ଏବଂ ତାଙ୍କର ଉଚ୍ଚତା ୫ ଫୁଟ ୧ ଇଞ୍ଚି ବୋଲି ଦର୍ଶାଇଛନ୍ତି । ତାଙ୍କର ଦୁଇଟି ସାବଳକ ପୁଅ ଓ ଝିଅ ମଧ୍ୟ ଅଛନ୍ତି । ଅଭିଯୋଗକୁ ଦୀର୍ଘ ଦୁଇମାସ ବିତିଯାଇଥିଲେ ମଧ୍ୟ ତିର୍ତ୍ତୋଲ ପୋଲିସ ହାତ ଖାଲି । ପ୍ରତାପ ଙ୍କ ସ୍ତ୍ରୀ କୁଆଡେ ଚାଲିଯିବାଦ୍ୱାରା ଦୁଇଟି ପିଲାଙ୍କ ସମେତ ଭାଙ୍ଗିପଡିଛନ୍ତି । ପୋଲିସ ପ୍ରଶାସନ ପଦକ୍ଷେପ ନେବପାଇଁ ପରିବାର ପକ୍ଷରୁ ନିବେଦନ କରିଛନ୍ତି ।

# ସମସ୍ୟା ଘେରରେ ସୋନପୁର ମହାବିଦ୍ୟାଳୟ : ପ୍ରତିବାଦରେ ବିକ୍ଷୋଭ ଓ ଧାରଣା ଜାରି

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୋନପୁର କଲେଜ ବ୍ୟାପକ ସମସ୍ୟା ଦେଇ ଗତି କରୁଛି ତା ସହ କଲେଜ ରେ ବ୍ୟାପକ କୋଟି କୋଟି ଟଙ୍କା ଦୁର୍ନୀତି ଚାଲିଥିବା ନେଇ ଏବିଭିପି ପକ୍ଷରୁ ଧାରଣା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ଛାତ୍ରନେତା । କଲେଜରେ ଛାତ୍ରୀନିବାସ ନିର୍ମାଣ, ଲାଇବ୍ରେରିକୁ ନୂତନ ବହି ଯୋଗାଣ, ଆବଶ୍ୟକ ସୁରକ୍ଷାକର୍ମୀ ନିଯୋଜନ ସହ ବ୍ୟାପକ ଦୁର୍ନୀତି ବିରୁଦ୍ଧରେ ସୋନପୁର କଲେଜରେ ଏବିଭିପି ପକ୍ଷରୁ ପ୍ରାୟ ୬ ମାସ ପୂର୍ବରୁ ମଧ୍ୟ ବିକ୍ଷୋଭ ସହ ଅଧ୍ୟକ୍ଷଙ୍କୁ ଅବଗତ କରାଯାଇଥିଲା । ଏହାର ସମାଧାନ ନହେବାରୁ ଗୁରୁବାର ଦିନ ପୁଣି ଏବିଭିପି ପକ୍ଷରୁ କଲେଜ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । କଲେଜ ଅଧ୍ୟକ୍ଷ ଆସି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନନେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି କହିଛନ୍ତି ଏବିଭିପି ଛାତ୍ରନେତା ଯଦି ଅଧ୍ୟକ୍ଷ ସମାଧାନ ନ କରିପାରିବେ ତା ହେଲେ ସେ ଅଧ୍ୟକ୍ଷ ପଦରୁ ଓହୋରି ଯାଆନ୍ତୁ ବୋଲି କହିଛନ୍ତି । ସେପଟେ ଅତିରିକ୍ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀଙ୍କ ସହ ଅଧ୍ୟକ୍ଷ ଘଟଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ । କିନ୍ତୁ ଅଧ୍ୟକ୍ଷ ସନ୍ତୋଷ ଜନକ ଉତ୍ତର ଦେଇ ପାରି ନ ଥିଲେ କାରଣ ଆଗରୁ ମଧ୍ୟ ଏହି ସମସ୍ୟାକୁ ନେଇ ଲିଖିତ ପ୍ରତିଶ୍ରୁତି ଅଧ୍ୟକ୍ଷ ଦେଇ ସାରିଛନ୍ତି ତେଣୁ ଏବିଭିପି କର୍ମକର୍ତ୍ତା ଜିଦ୍‌ରେ ଅଟଳ ରହି ଆନ୍ଦୋଳନ ଜାରି ରଖିଛନ୍ତି । ଏହି ଆନ୍ଦୋଳନରେ ସୋନପୁର କଲେଜ ର ଛାତ୍ର ତଥା ଏବିଭିପି ଓଡିଶା ପଶ୍ଚିମ ର ରାଜ୍ୟ ସହ ସଂପାଦକ ଶୁଭମ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁମନ୍ତ ଜଗଦଲା, ଜିଲ୍ଲା ସଂଯୋଜକ ମିଲନ ସେଠୀ, ପୀତାମ୍ବର ପ୍ରଧାନ, ରାଜେଶ ଛତ୍ରିଆ, ବାବୁଲୁ ବେହେରା, ସୌମ୍ୟ ପ୍ରଧାନ, ବାବୁଲୁ ବାଘ, ପ୍ରଦୀପ ଦୀପ, ପୃଥ୍ୱୀରାଜ ଓରାମ, ଧୀରେନ ସା, ଶୁଭାଶିଷ ଘିବଲା, ଚିନ୍ମୟ ପ୍ରଧାନଙ୍କ ସହ ଛାତ୍ର ପ୍ରମୁଖ ସାମିଲ ଅଛନ୍ତି ।

ଭୁବନେଶ୍ୱର
୨୭ ଜୁଲାଇ,
ରବିବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଅଗଷ୍ଟ ୧ରୁ ଖୋଲିବ ଭିତରକନିକା ଜାତୀୟ ଉଦ୍ୟାନ




ରାଜନଗର,୨୬/୦୭
ନ୍ୟୁଜ ବ୍ୟୁରୋ

ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ଆସନ୍ତା ଅଗଷ୍ଟ ୧ ତାରିଖରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ । ପର୍ଯ୍ୟଟକମାନେ ଭିତରକନିକାରେ ଲୁଣା ଜାତୀୟ ଗଛଗୁଡ଼ିକର ଚାରାକୁ ମ୍ୟାନ୍‌ଗ୍ରୁଭ୍ ନର୍ସରୀରେ ଦେଖିବାର ସୁଯୋଗ ପାଇବେ । ଏଥିସହ ବୋଟ୍ ଲାଇବ୍ରେରୀରେ ବିଭିନ୍ନ ଜୀବଜନ୍ତୁ, ପରିବେଶ ସହ ଅନ୍ୟ ବହି ପଢ଼ିବାର ସୁଯୋଗ ପାଇପାରିବେ । ଏହାଛଡ଼ା ମ୍ୟୁଜିୟମ୍‌ର ମଜା ନେବା ସହ ଧଳା କୁମ୍ଭୀର ଗୌରୀ, ମଲ୍ଲୀ ଓ ଶ୍ୱେତାକୁ ଦେଖିପାରିବେ । ଭିତରକନିକାର ଡାଙ୍ଗମାଳଠାରେ ୬ଟି ଫାଇବର ବୋଟ୍ ଥିବା ବେଳେ ଗୁପ୍ତିଠାରେ ୪ଟି ଫାଇବର ବୋଟ୍ ବ୍ୟବସ୍ଥା ରହିଛି । ପୂର୍ବବର୍ଷ ଭଳି ପଲିଥିନ୍‌କୁ ବାରଣ କରାଯିବା ସହ ଏହା ନଆଣିବା ପାଇଁ ବନଖଣ୍ଡ ପକ୍ଷରୁ ନିଷେଧ କରାଯାଇଛି । ଭିତରକନିକା ଫରେଷ୍ଟ ବ୍ଲକ୍‌ରେ ପର୍ଯ୍ୟଟକଙ୍କ ପାଇଁ ୱାଚ୍ ଟାୱାର ନିର୍ମାଣ କରାଯାଇଛି । ମେଟା ନର୍ସରୀ ନିକଟରୁ ୬ଶହ ମିଟର ପର୍ଯ୍ୟନ୍ତ କାଠରେ ସ୍କାଏ ୱାକ୍ ନିର୍ମାଣ ହୋଇଛି । ଉଲ୍ଲେଖଯୋଗ୍ୟ, କୁମ୍ଭୀର ପ୍ରଜନନ ଋତୁ ପାଇଁ ମେ’ ୧ ତାରିଖରୁ ଜୁଲାଇ ୩୧ ପର୍ଯ୍ୟନ୍ତ ଭିତରକନିକା ବନ୍ଦ ଘୋଷଣା କରାଯାଇଥିଲା ।

# ବିଜୟ ଦିବସ: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କାର୍ଗିଲ ବୀରମାନଙ୍କୁ ଅର୍ପଣ କଲେ ଶ୍ରଦ୍ଧାଞ୍ଜଳି

ନୂଆଦିଲ୍ଲୀ, ୨୬/୭

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର କାର୍ଗିଲ ବିଜୟ ଦିବସ ଅବସରରେ ତାଙ୍କର ଶୁଭେଚ୍ଛା ଜଣାଇଛନ୍ତି ଏବଂ ସାହସର ସହିତ କାର୍ଗିଲ ଯୁଦ୍ଧରେ ଲଢ଼ିଥିବା ଜବାନମାନଙ୍କ ବଳିଦାନକୁ ମନେ ପକାଇଛନ୍ତି । ଶ୍ରୀମତୀ ମୁର୍ମୁ ତାଙ୍କ ଏକ୍ସରେ ପୋଷ୍ଟ କରିଛନ୍ତି ଯେ, “କାରଗିଲ ବିଜୟ ଦିବସ ଅବସରରେ ମୁଁ ମାତୃଭୂମି ପାଇଁ ନିଜ ଜୀବନ ବଳିଦାନ ଦେଇଥିବା ସାହସୀ ସୈନିକମାନଙ୍କୁ ମୋର ହୃଦୟସ୍ପର୍ଶୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଏହି ଦିନ ଆମର ଜବାନମାନଙ୍କ ଅସାଧାରଣ ବୀରତ୍ୱ, ସାହସ ଏବଂ ଦୃଢ଼ ନିଷ୍ଠାର ପ୍ରତୀକ । ଦେଶ ପାଇଁ ସେମାନଙ୍କର ସମର୍ପଣ ଏବଂ ସର୍ବୋଚ୍ଚ ବଳିଦାନ ସର୍ବଦା ନାଗରିକମାନଙ୍କୁ ପ୍ରେରଣା ଦେବ” । ୧୯୯୯ର କାର୍ଗିଲ ଯୁଦ୍ଧ ସମୟରେ ସର୍ବୋତ୍ତମ ବଳିଦାନ ଦେଇଥିବା ସୈନିକଙ୍କ ପରିବାରବର୍ଗ ଯୁଦ୍ଧର ବୀରମାନଙ୍କୁ ହୃଦୟସ୍ପର୍ଶୀ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଦ୍ରାସର ଲାମୋଚେନ୍ ଭ୍ୟୁପଏଣ୍ଟରେ ଏକାଠି ହୋଇଥିଲେ । ଭାରତୀୟ ସଶସ୍ତ୍ର ବାହିନୀର ସାହସ ଏବଂ ବଳିଦାନକୁ ସମ୍ମାନ ଜଣାଇବା ପାଇଁ ଆୟୋଜିତ ଏହି ଗମ୍ଭୀର କାର୍ଯ୍ୟକ୍ରମରେ ସହିଦ ସୈନିକଙ୍କ ପରିବାର



ସଦସ୍ୟମାନେ ଭାବପ୍ରବଣ ସ୍ମୃତିକୁ ମନେ ପକାଇଥିଲେ । ଟାଇଗର ହିଲ୍‌ରେ ପ୍ରାଣ ହରାଇଥିବା ଜଣେ ସୈନିକଙ୍କ ଭାଇ ରାଜେଶ ତାଙ୍କ ଭାଇଙ୍କ ଡାଏରୀରେ ଛାଡିଯାଇଥିବା ମର୍ମସ୍ପର୍ଶୀ ସ୍ମୃତିକୁ ବର୍ଣ୍ଣନା କରିଥିଲେ । ‘ଟାଇଗର ହିଲ୍‌ରେ କାର୍ଯ୍ୟଧାରା ମଧ୍ୟରେ ଦେଶ ସେବା କରୁଥିବା ସମୟରେ ମୋ ଭାଇ ତାଙ୍କର ଜୀବନ ହରାଇଲେ । ଯେତେବେଳେ ଆମେ ଯୁଦ୍ଧ ବିଷୟରେ ଖବର ପାଇଲୁ, ଆମେ ତାଙ୍କୁ ଏକ ଚିଠି ଲେଖିଲୁ, କିନ୍ତୁ ସେ ଆମକୁ କହିଥିଲେ ଯେ ସେ କାର୍ଯ୍ୟରେ ସାମିଲ ନଥିଲେ । ତାଙ୍କ ଡାଏରୀ ପଢ଼ିବା ପରେ, ଆମେ ଜାଣିଲୁ ଯେ, ସେ ଯୁଦ୍ଧରେ ଥିଲେ ଏବଂ ଆମକୁ ଚିନ୍ତା ନକରିବା ପାଇଁ ମିଛ କହିଥିଲେ । ସେ ଲେଖିଥିଲେ ଯେ ସେ ଅନୁଭବ କରୁଥିଲେ ଯେ ସେ ପାହାଡ଼ ତଳକୁ ଆସିବେ ନାହିଁ ଏବଂ ଉପରକୁ ଯିବା ପୂର୍ବରୁ ତାଙ୍କର ଡାଏରୀ ଜଣେ ବନ୍ଧୁଙ୍କୁ ଦେଇଥିଲେ,’ ରାଜେଶ କହିଥିଲେ । ପରିବାରର ଅନ୍ୟ ଜଣେ ସଦସ୍ୟ ସୁରେଖା ସିନ୍ଦେ ତାଙ୍କ ଭାଇଙ୍କୁ ସମ୍ମାନିତ କରିବା ସମୟରେ ତାଙ୍କର ଗର୍ବ ଏବଂ କୃତଜ୍ଞତା ବାଣ୍ଟିଥିଲେ, ଯିଏ କାର୍ଗିଲ ଯୁଦ୍ଧ ପୂର୍ବରୁ ପାଞ୍ଚ ବର୍ଷ ସେବା କରିଥିଲେ । ‘ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ମୋ ଭାଇ ପାଞ୍ଚ ବର୍ଷ ସେବାରେ ଥିଲେ । ମୁଁ ଏହି ସ୍ଥାନକୁ ଆସି ଗର୍ବ ଅନୁଭବ କରୁଛି ଏବଂ ମୁଁ ଏହି ନିମନ୍ତ୍ରଣ ପାଇଁ ସେନାକୁ ଧନ୍ୟବାଦ ଦେଉଛି’ ବୋଲି ସେ କହିଥିଲେ । ଲାମୋଚେନ୍ ଭ୍ୟୁପଏଣ୍ଟରେ ଅନୁଷ୍ଠିତ ଏହି ସମାବେଶ କାରଗିଲ୍ ସଂଘର୍ଷ ସମୟରେ ଭାରତୀୟ ସୈନିକମାନଙ୍କ ଦ୍ୱାରା ପ୍ରଦର୍ଶିତ ସାହସ ଏବଂ ନିଃସ୍ୱାର୍ଥପରତାର ଏକ ମର୍ମସ୍ପର୍ଶୀ ସ୍ମରଣକାରୀ ଭାବରେ କାର୍ଯ୍ୟ କରିଥିଲା । ପ୍ରତିବର୍ଷ ଜୁଲାଇ ୨୬ ତାରିଖରେ ଭାରତ କାରଗିଲ୍ ବିଜୟ ଦିବସ ପାଳନ କରେ, ଏହି ଦିନଟି ଗର୍ବ ଏବଂ ଗମ୍ଭୀର ସ୍ମୃତିରେ ଦେଶର ହୃଦୟରେ ସ୍ଥାନିତ ହୋଇଯାଏ । ଏହା ୧୯୯୯ ମସିହାରେ ଭାରତ ସଫଳତାର ସହିତ ଅପରେସନ୍ ବିଜୟ ସମାପ୍ତ କରିଥିଲା, ପାକିସ୍ତାନୀ ଅନୁପ୍ରବେଶକାରୀଙ୍କଠାରୁ ରଣନୈତିକ ଉଚ୍ଚତାକୁ ପୁନରୁଦ୍ଧାର କରିଥିଲା । କାରଗିଲ୍ ଯୁଦ୍ଧ ହେଉଛି ଦୃଢ଼ ରାଜନୈତିକ, ସାମରିକ ଏବଂ କୂଟନୈତିକ କାର୍ଯ୍ୟର ଏକ କାହାଣୀ । ଏହି ଯୁଦ୍ଧ ସର୍ବଦା ଏହାର ରଣନୈତିକ ଏବଂ କୌଶଳଗତ ଆଶ୍ଚର୍ଯ୍ୟ ପାଇଁ ମନେ ରଖାଯିବ ଏବଂ ଯୁଦ୍ଧକୁ କାରଗିଲ୍-ସିଆଚେନ୍ କ୍ଷେତ୍ର ପର୍ଯ୍ୟନ୍ତ ସୀମିତ ରଖିବାରେ ସ୍ୱ-ପ୍ରବର୍ତ୍ତିତ ଜାତୀୟ ସଂଯମ ରଣନୀତି ଏବଂ ଦ୍ରୁତ ଗତିରେ କାର୍ଯ୍ୟକାରୀ ହୋଇଥିବା ତ୍ରି-ସେବା ସାମରିକ ରଣନୀତି ପାଇଁ । କାରଗିଲ୍ ଯୁଦ୍ଧ ୬୦ ଦିନରୁ ଅଧିକ ଦିନ ଧରି ଚାଲିଥିଲା ଏବଂ ୨୬ ଜୁଲାଇ ୧୯୯୯ରେ ଭାରତ ପାଇଁ ଏକ ସାହସିକ ବିଜୟ ସହିତ ଶେଷ ହୋଇଥିଲା । ଭାରତୀୟ ସଶସ୍ତ୍ର ବାହିନୀ ଶୀତ ମାସ ଗୁଡ଼ିକରେ ପାକିସ୍ତାନୀ ସୈନିକମାନଙ୍କ ଦ୍ୱାରା ବିଶ୍ୱାସଘାତକ ଭାବରେ କବ୍‌ଜା କରାଯାଇଥିବା ଉଚ୍ଚ ପୋଷ୍ଟଗୁଡ଼ିକର କମାଣ୍ଡ ସଫଳତାର ସହିତ ପୁନରୁଦ୍ଧାର କରିଥିଲା । ଆଇଏଏଫ୍ ଅନୁଯାୟୀ, ୧୯୯୯ କାରଗିଲ ଯୁଦ୍ଧ ସମୟରେ ଭାରତୀୟ ବାୟୁସେନାର ବିମାନ ଅଭିଯାନ ପାଇଁ କୋଡ୍ ନାମ, ଅପରେସନ୍ ସଫେଦ୍ ସାଗର, ଅନେକ ଦୃଷ୍ଟିରୁ ଏକ ପଥପ୍ରଦର୍ଶକ ଥିଲା ।

# ଦେଶର ସ୍କୁଲ, କଲେଜ ଏବଂ କୋଚିଂ ସେଣ୍ଟରରେ ଛାତ୍ରଙ୍କ ଆତ୍ମହତ୍ୟା ମାମଲାରେ ନିର୍ଦ୍ଦେଶାବଳୀ ଜାରି କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୬/୦୭

ଦେଶର ସବୁ ସ୍କୁଲ, କଲେଜ ଏବଂ କୋଚିଂ ସେଣ୍ଟର ଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କ ଆତ୍ମହତ୍ୟା ମାମଲାରେ ସୁପ୍ରିମକୋର୍ଟ ଏକ ବଡ଼ ନିର୍ଦ୍ଦେଶ ଦେଇଛନ୍ତି । ଛାତ୍ରଛାତ୍ରୀଙ୍କ ମାନସିକ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କିତ ପଦକ୍ଷେପ ସ୍ୱରୂପ ଏହି ନିର୍ଦ୍ଦେଶ ଦିଆଯାଇଛି । ଆନ୍ଧ୍ରରେ ଜଣେ ଏନ୍‌ଇଇଟି ପ୍ରାର୍ଥୀଙ୍କ ମୃତ୍ୟୁର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ସୁପ୍ରିମକୋର୍ଟ ଘରୋଇ କୋଚିଂ ସେଣ୍ଟର ଏବଂ ଭାରତର ସମସ୍ତ ଶିକ୍ଷାନୁଷ୍ଠାନ ପାଇଁ ମାନସିକ ସ୍ୱାସ୍ଥ୍ୟ ସୁରକ୍ଷା ପଦକ୍ଷେପ, ବାଧ୍ୟତାମୂଳକ ପରାମର୍ଶ, ଅଭିଯୋଗ ସମାଧାନ ବ୍ୟବସ୍ଥା ଏବଂ ନିୟାମକ ଢାଞ୍ଚାକୁ ବାଧ୍ୟତାମୂଳକ କରିବା ପାଇଁ ବ୍ୟାପକ, ଦେଶବ୍ୟାପୀ



ନିର୍ଦ୍ଦେଶନାମା ଜାରି କରିଛନ୍ତି । ଘରୋଇ କୋଚିଂ ସେଣ୍ଟର, ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ, ତାଲିମ ଏକାଡେମୀ ଏବଂ ହଷ୍ଟେଲରେ ହେଉଥିବା ଛାତ୍ରଛାତ୍ରୀ ଆତ୍ମହତ୍ୟାକୁ ନଜରରେ ରଖି ଏହି ନିଷ୍ପତ୍ତି ନିଆଯାଇଛି । ବିଚାରପତି ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ କହିଛନ୍ତି ଯେ ଏହି ସ୍ଥିତି ଏକ ‘ବ୍ୟବସ୍ଥାଗତ ବିଫଳତା ଅଟେ, ଏହାକୁ ଅଣଦେଖା କରାଯାଇପାରିବ ନାହିଁ’ ଏବଂ ଛାତ୍ରଛାତ୍ରୀମାନଙ୍କୁ ମାନସିକ ଯନ୍ତ୍ରଣା, ଶିକ୍ଷାଗତ ବୋଝ ଏବଂ ଅନୁଷ୍ଠାନିକ ଅସମ୍ବେଦନଶୀଳତାରୁ ରକ୍ଷା କରିବା ପାଇଁ ତୁରନ୍ତ ଅନୁଷ୍ଠାନିକ ସୁରକ୍ଷା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।’ ରାୟରେ କୁହାଯାଇଛି ଯେ ସଙ୍କଟର ଗୁରୁତ୍ୱକୁ ଦୃଷ୍ଟିରେ ରଖି ସାମ୍ବିଧାନିକ ହସ୍ତକ୍ଷେପ ଆବଶ୍ୟକ, ମୌଳିକ ଅଧିକାର କାର୍ଯ୍ୟକାରୀ କରିବା ପାଇଁ ସମ୍ବିଧାନର ଧାରା ୩୨ ଅନୁଯାୟୀ ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି ଏବଂ ଧାରା ୧୪୧ ଅନୁଯାୟୀ ଏହାର ନିଷ୍ପତ୍ତିକୁ ଦେଶର ଆଇନ ଭାବରେ ଘୋଷଣା କରିବା । ଖଣ୍ଡପୀଠ ଘୋଷଣା କରିଛନ୍ତି ଯେ ସଂସଦ କିମ୍ବା ରାଜ୍ୟ ବିଧାନସଭାଗୁଡ଼ିକ ଏକ ଉପଯୁକ୍ତ ନିୟାମକ ଢାଞ୍ଚା ପ୍ରଣୟନ ନ କରିବା ପର୍ଯ୍ୟନ୍ତ ଏହାର ନିର୍ଦ୍ଦେଶାବଳୀ ବଳବତ୍ତର ରହିବ । ଏହି ନିର୍ଦ୍ଦେଶାବଳୀ ଛାତ୍ରଛାତ୍ରୀମାନଙ୍କ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଚିନ୍ତା ଉପରେ ଜାତୀୟ କାର୍ଯ୍ୟ ବାହିନୀର ଚାଲୁଥିବା କାର୍ଯ୍ୟକୁ ପରିପୂରକ ଏବଂ ସମର୍ଥନ କରିବା ପାଇଁ ଡିଜାଇନ୍ କରାଯାଇଛି, ଯାହାର ଗଠନ ଗତ ବର୍ଷ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ରବିନ୍ଦ୍ର ଭଟଙ୍କ ଅଧ୍ୟକ୍ଷତାରେ ହୋଇଥିଲା । ଆନ୍ଧ୍ରପ୍ରଦେଶର ବିଶାଖାପାଟନମ୍‌ର ଆକାଶ ବାଇଜୁ ପ୍ରତିଷ୍ଠାନରେ ଡାକ୍ତରୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ୧୭ ବର୍ଷୀୟ ଏନ୍‌ଇଇଟି ଆଶାୟୀଙ୍କ ଦୁଃଖଦ ଏବଂ ଅପ୍ରାକୃତିକ ମୃତ୍ୟୁ ଯୋଗୁ ଉପନ୍ନ ମାମଲାରେ ଏହି ନିଷ୍ପତ୍ତି ଆସିଛି ।



ଭୁବନେଶ୍ୱର: ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ଆସାମ ଗୃହମନ୍ତ୍ରୀ ରୂପେଶ ଗୋୱାଲା । (ଫଟୋ : ସମ୍ବାଦ କଳିକା)

# ବିହାରର ସେବାନିବୃତ୍ତ ସାମ୍ବାଦିକଙ୍କୁ ମିଳିବ ୧୫ହଜାର ଟଙ୍କା ପେନସନ

ପାଟଣା, ୨୬/୭

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ବଡ ନିଷ୍ପତ୍ତି ନେଇ ବିରୋଧୀଙ୍କ ସମସ୍ତ ବାଜିକୁ ପଲଟାଇ ଦେଇଛନ୍ତି । ଶନିବାର ସେ ବିହାରର ସାମ୍ବାଦିକମାନଙ୍କ ପେନସନ ରାଶି ୬ହଜାରରୁ ବୃଦ୍ଧି କରି ୧୫ହଜାର କରିବାକୁ ଘୋଷଣା କରିଛନ୍ତି ।

ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରାଜ୍ୟର ସମ୍ବାଦିକଙ୍କ ପାଇଁ ବଡ ଘୋଷଣା କରି ‘ବିହାର ପତ୍ରକାର ସମ୍ମାନ ପେନସନ୍ ଯୋଜନା’ ଅନୁସାରେ ଦିଆଯାଉଥିବା ପେନସନ୍ ରାଶିକୁ ୬,୦୦୦ ରୁ ବଢ଼ାଇ ୧୫,୦୦୦ ଟଙ୍କା କରିଛନ୍ତି । ଏହା ଅନୁଯାୟୀ, ବିହାରର ସେବାନିବୃତ୍ତ ସାମ୍ବାଦିକମାନେ ବର୍ତ୍ତମାନ ମାସିକ ୬,୦୦୦ ଟଙ୍କା ପେନ୍‌ସନ୍ ପ୍ରତିବର୍ତ୍ତେ ୧୫,୦୦୦ ଟଙ୍କା ସମ୍ମାନ ପେନ୍‌ସନ୍ ପାଇବେ । ଏହି ସଂପର୍କରେ ସେ ଏକ୍ସ ପୋଷ୍ଟରେ ଲେଖିଛନ୍ତି – ‘ବିହାର ପତ୍ରକାର ସମ୍ମାନ ପେନସନ୍ ଯୋଜନା’ ଅନ୍ତର୍ଗତ ବର୍ତ୍ତମାନ ସମସ୍ତ ଯୋଗ୍ୟ ସାମ୍ବାଦିକମାନେ ପ୍ରତିମାସ ୬,୦୦୦ ଟଙ୍କା ବଦଳରେ ୧୫,୦୦୦ ଟଙ୍କା ପେନ୍‌ସନ୍ ପାଇବେ, ଏନେଇ ସମ୍ବନ୍ଧିତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ବିହାର ପତ୍ରକାର ସମ୍ମାନ ପେନ୍‌ସନ୍ ଯୋଜନା ଅନୁସାରେ ପେନ୍‌ସନ୍ ଉପଭୋଗ କରୁଥିବା ସାମ୍ବାଦିକଙ୍କ ମୃତ୍ୟୁ ଘଟିଲେ, ସେମାନଙ୍କ ନିର୍ଭରଶୀଳ ସ୍ୱାମୀ/ସ୍ତ୍ରୀଙ୍କୁ ଜୀବନପର୍ଯ୍ୟନ୍ତ ପ୍ରତିମାସ ୩,୦୦୦ ଟଙ୍କା ବଦଳରେ ୧୦,୦୦୦ ଟଙ୍କା ପେନ୍‌ସନ୍ ଦେବା ପାଇଁ ମଧ୍ୟ ନିର୍ଦ୍ଦେଶ ଜାରି କରାଯାଇଛି ।



# କନିଷ୍ଠ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ଦୁଇବର୍ଷିଆ ବିଏଡ୍ ପ୍ରାର୍ଥୀଙ୍କୁ ମିଳିବ ସୁଯୋଗ : ହାଇକୋର୍ଟ

ଭୁବନେଶ୍ୱର,୨୬/୦୭
ନ୍ୟୁଜ ବ୍ୟୁରୋ

ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ । ଏଣିକି କନିଷ୍ଠ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ଦୁଇବର୍ଷିଆ ବିଏଡ୍ ପାଠ୍ୟକ୍ରମ ସଂପୂର୍ଣ୍ଣ କରିଥିବା ପ୍ରାର୍ଥୀଙ୍କୁ ମିଳିବ ସୁଯୋଗ । ସ୍ନାତକ ପରେ ଦୁଇବର୍ଷିଆ ବିଏଡ୍ ପ୍ରାର୍ଥୀଙ୍କୁ ଅଯୋଗ୍ୟ ଘୋଷଣା ସହିତ ତାଙ୍କ ପ୍ରାର୍ଥିତ୍ୱ ଖାରଜ କରି ୨୦୨୪, ଜୁଲାଇ ୨୫ରେ ପ୍ରଦାନ କରାଯାଇଥିବା ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି । ତେବେ କନିଷ୍ଠ ଶିକ୍ଷକ ପଦ ପାଇଁ ୨୦୨୩ ବିଜ୍ଞପ୍ତି ଆଧାରରେ ଅନୁଷ୍ଠିତ ନିଯୁକ୍ତି ପ୍ରକ୍ରିୟାର ପ୍ରକାଶିତ ପ୍ରୋଭିଜନାଲ୍ ମେଧା ତାଲିକାରେ ଆବେଦନକାରୀଙ୍କ ନାଁ ପୁନଃସ୍ଥାପିତ କରାଯିବ । ଏହାପରେ ଆବେଦନକାରୀଙ୍କ ନିଯୁକ୍ତି ପ୍ରସଙ୍ଗରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ



ଗ୍ରହଣ କରାଯିବ ବୋଲି ହାଇକୋର୍ଟ କହିଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ଓ ମାନସ ରଞ୍ଜନ ପାଠକଙ୍କୁ ନେଇ ଗଠିତ ଖଣ୍ଡପୀଠ ସନ୍ତୋଷ କୁମାର ବେହେରାଙ୍କ ତରଫରୁ ଦାୟର ରିଟ୍ ଅପିଲର ଶୁଣାଣି କରି ଏପରି ରାୟ ପ୍ରଦାନ କରାଯାଇଛି । ପ୍ରକାଶ ଥାଉକି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶରେ ଓସେପା ପକ୍ଷରୁ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍କୁଲଗୁଡ଼ିକରେ ପ୍ରାୟ ୨୦ ହଜାର କନିଷ୍ଠ ଶିକ୍ଷକ ପଦ ପୂରଣ ପାଇଁ ୨୦୨୩, ସେପ୍ଟେମ୍ବର ୧୦ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ୨୦୨୩, ଅଗଷ୍ଟ ୨୨ରେ ପ୍ରକାଶିତ ସର୍ତ୍ତାବଳୀ ଲାଗୁ ହେବ ବୋଲି କୁହାଯାଇଥିଲା । ଏନ୍‌ସିଟିଇ ବିଜ୍ଞପ୍ତି ଅନୁସାରେ ଶିକ୍ଷାଗତ ଯୋଗ୍ୟତା ଧାର୍ଯ୍ୟ କରାଯାଇଥିବା କୁହାଯାଇଥିଲା । ପ୍ରାର୍ଥୀ ଅନ୍ୟ ଶିକ୍ଷାଗତ ଯୋଗ୍ୟତା ସହିତ ଏକବର୍ଷିଆ ବିଏଡ୍ କରିଥିଲେ ଏହି ପଦବୀ ପାଇଁ ଆବେଦନ କରିପାରିବେ ବୋଲି ସ୍ପଷ୍ଟ କରାଯାଇଥିଲା । ଆବେଦନକାରୀ ଦୁଇବର୍ଷିଆ ବିଏଡ୍ କରିଥିବା ବେଳେ ଏହି ପଦବୀ ପାଇଁ ଦରଖାସ୍ତ ଦାଖଲ କରିଥିଲେ । ପ୍ରକାଶିତ ଚିଠା ମେଧା ତାଲିକାରେ ଆବେଦନକାରୀ ସ୍ଥାନ ପାଇଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଏକବର୍ଷିଆ ବିଏଡ୍ କରି ନଥିବାରୁ ଆବେଦନକାରୀଙ୍କ ପ୍ରାର୍ଥିତ୍ୱ ଖାରଜ କରାଯାଇଥିଲା ।

# ଖୁବ୍‌ଶୀଘ୍ର ଏସ୍‌ସିବିରୁ ଡିସ୍‌ଚାର୍ଜ ହେବେ ଜ୍ୟୋତିପ୍ରକାଶ




## ସୋମବାର ଡାକ୍ତରୀ ଟିମ୍‌ର ଜରୁରୀ ବୈଠକ

କଟକ,୨୬/୦୭ ନ୍ୟୁଜ ବ୍ୟୁରୋ

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀଙ୍କୁ ବଞ୍ଚାଇବାକୁ ଉଦ୍ୟମ କରି ପୋଡ଼ି ଯାଇଥିବା ଜ୍ୟୋତିପ୍ରକାଶ ବିଶ୍ୱାଳ ଏସ୍‌ସିବି ମେଡିକାଲରୁ ଖୁବ୍ ଶୀଘ୍ର ଡିସ୍‌ଚାର୍ଜ ହେବେ । ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରୀ ଟିମ୍‌ର ବୈଠକ ଆସନ୍ତା ସୋମବାର ହେବାର ରହିଛି । ମେଡିକାଲ୍ ଟିମ୍‌ର ମତାମତ ନିଆଯାଇ ଜ୍ୟୋତିପ୍ରକାଶଙ୍କୁ ଡିସ୍‌ଚାର୍ଜ କରିବାକୁ ପଦକ୍ଷେପ ନିଆଯିବ । ପ୍ଲାଷ୍ଟିକ୍ ସର୍ଜରୀ ବିଭାଗ ତରଫରୁ ଜ୍ୟୋତିଙ୍କ ଅବସ୍ଥା ସୁଧୁରିଥିବା ନେଇ ରିପୋର୍ଟ ଦିଆଯାଇଛି । କିନ୍ତୁ ଅନ୍ୟ ବିଭାଗର ବିଶେଷଜ୍ଞଙ୍କ ପ୍ରତିକ୍ରିୟା ଏବେ ଯାଏ ମିଳିନାହିଁ । ତାଙ୍କ ଅବସ୍ଥା ସ୍ଥିର ଥିବା ଏସ୍‌ସିବି ଅଧୀକ୍ଷକ ଡା. ଗୌତମ ଶତପଥୀ କହିଛନ୍ତି । ସୂଚନାଯୋଗ୍ୟ, ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନିଆଁରୁ ବଞ୍ଚାଇବାକୁ ଯାଇ ଜ୍ୟୋତିପ୍ରକାଶଙ୍କ ଶରୀରର ୧୫% ପୋଡ଼ି ଯାଇଥିଲା । ତାଙ୍କୁ ଏସ୍‌ସିବିରେ ଚିକିତ୍ସା କରାଯାଉଥିବା ବେଳେ ଘଟଣା ବାବଦରେ କ୍ରାଇମ୍‌ବ୍ରାଞ୍ଚ୍ ପଚରାଉଚରା କରିଛି । ପୀଡ଼ିତା ଦେହରେ ନିଆଁ ଲାଗିଥିବା ସମୟରେ ଜ୍ୟୋତି ମୋବାଇଲରେ ଭିଡିଓ କରିଥିଲେ । ଜ୍ୟୋତିଙ୍କ ମୋବାଇଲ୍‌ରୁ ଡିଲିଟ୍ ହୋଇଥିବା ଭିଡିଓକୁ ରିଟ୍ରିଭ୍ କରାଯାଉଥିବା ଜଣାପଡ଼ିଛି ।

# ଅସହ୍ୟ ହେଲା ଯନ୍ତ୍ରଣା : ରାଷ୍ଟ୍ରପତିଙ୍କୁ ଇଚ୍ଛାମୃତ୍ୟୁ ପାଇଁ ଅନୁରୋଧ କଲେ ଶିକ୍ଷୟିତ୍ରୀ

ଇନ୍ଦୋର,୨୬/୦୭

ଅସହ୍ୟ ହେଲା ଯନ୍ତ୍ରଣା । ନିତିଦିନିଆ କାମ ବି ହୋଇପଡ଼ିଲା କଷ୍ଟକର । ଅସହାୟ ହୋଇ ଶେଷରେ ଇଚ୍ଛାମୃତ୍ୟୁ ପାଇଁ ମହାମହିମ ରାଷ୍ଟ୍ରପତିଙ୍କୁ କରିଲେ ଅନୁରୋଧ । ଏ ଘଟଣା ହେଉଛି ଇନ୍ଦୋରର । ଜଣେ ଭିନ୍ନକ୍ଷମ ସରକାରୀ ସ୍କୁଲ ଶିକ୍ଷୟିତ୍ରୀ କୁମାରୀ ଚନ୍ଦ୍ରକାନ୍ତ ଜେଥାନୀ ଇଚ୍ଛାମୃତ୍ୟୁ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଆକୁଳ ନିବେଦନ କରିଛନ୍ତି । ହସ୍ପିଟାଲରେ ରହି ଚିକିତ୍ସା ହେଉଥିବା ସମୟରେ ଚନ୍ଦ୍ରକାନ୍ତ ଜେଥାନୀଙ୍କୁ ଭୁଲ୍ ମେଡିସିନ ଦିଆଯାଇଥିଲା । ଏଥିପାଇଁ ତାଙ୍କର ଏହି ଅବସ୍ଥା ହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି । ଏହି ଘଟଣା ପରେ ତାଙ୍କୁ ଏକ ଆଶ୍ରମକୁ ପଠାଯାଇଥିଲା ଏବଂ ସେଠାରେ ତାଙ୍କୁ ଆହୁରି ଅଧିକ କଷ୍ଟଦାୟକ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଥିଲା । ହେଲେ ବର୍ତ୍ତମାନ ସେ ଅତି ସାଙ୍ଘାତିକ ଯନ୍ତ୍ରଣା ଦେଇ ଗତି କରୁଛନ୍ତି । ଯନ୍ତ୍ରଣା ଅସହ୍ୟ ହେବାରୁ ଜେଥାନୀ ରାଷ୍ଟ୍ରପତିଙ୍କୁ ଏକ ଭାବପ୍ରବଣ ନିବେଦନ କରିଛନ୍ତି । ଏତେ କଷ୍ଟ ଆଉ ସେ ସହି ପାରୁ ନାହାନ୍ତି, ତେଣୁ ତାଙ୍କୁ ଇଚ୍ଛାମୃତ୍ୟୁ ଦେବାକୁ ସେ ଅନୁରୋଧ କରିଛନ୍ତି । ଜେଥାନୀ ହ୍ୱିଲ୍‌ଚେୟାରରେ ବସି ପ୍ରତିଦିନ ପାଠ ପଢାନ୍ତି । ଅସୁସ୍ଥ ଥିବା ସତ୍ତ୍ୱେ ସେ ୭ରୁ ୮ ଘଣ୍ଟା ଧରି ପିଲାଙ୍କୁ ପାଠ ପଢାଉଛନ୍ତି । ସେ ତାଙ୍କ ସମ୍ପତ୍ତିକୁ ସରକାରୀ ସ୍କୁଲ ପିଲାଙ୍କୁ ଦାନ କରିଛନ୍ତି । ଏଥି ସହ ଏମ୍‌ଜିଏମ୍ କଲେଜକୁ ତାଙ୍କ ଶରୀର ଏବଂ ଅଙ୍ଗଦାନ ପାଇଁ ସମସ୍ତ ପ୍ରକ୍ରିୟା ଶେଷ କରିଛନ୍ତି ।



# ଭୁବନେଶ୍ୱର ହେବ ହେଲ୍‌ଥ ଡିଷ୍ଟ୍ରିକ୍ଟ : ଦ୍ରୁତ ସହରୀକରଣ, ବର୍ଦ୍ଧିତ ଜନସଂଖ୍ୟା ଦୃଷ୍ଟିରୁ ଜରୁରୀ

ଭୁବନେଶ୍ୱର,୨୬/୦୭
ନ୍ୟୁଜ ବ୍ୟୁରୋ

ଭୁବନେଶ୍ୱର ହେବ ସ୍ୱାସ୍ଥ୍ୟ ଜିଲ୍ଲା (ହେଲ୍‌ଥ ଡିଷ୍ଟ୍ରିକ୍ଟ) । ଏଥିପାଇଁ ବିଭାଗୀୟସ୍ତରରେ ଆଲୋଚନା ଆରମ୍ଭ ହୋଇଛି । ଦିନକୁଦିନ ଭୁବନେଶ୍ୱର ସହରର ପରିସର ବଢ଼ିବାରେ ଲାଗିଛି । ଲୋକସଂଖ୍ୟା ମଧ୍ୟ ବଢ଼ିଚାଲିଛି । ରାଜ୍ୟର ସବୁଠୁ ବଡ଼ ସ୍ୱାସ୍ଥ୍ୟ ଭିତ୍ତିଭୂମି ମଧ୍ୟ ଏହିଠାରେ ରହିଛି । ସେ ଦୃଷ୍ଟିରୁ ଦେଖିଲେ, ଭୁବନେଶ୍ୱରକୁ ସ୍ୱାସ୍ଥ୍ୟ ଜିଲ୍ଲା ମାନ୍ୟତା ମିଳିବା କଥା । ଗତ ଶନିବାର ବିଏମସି କମିଶନରଙ୍କ ଅଧ୍ୟକ୍ଷତାରେ ସିଟି ହେଲ୍‌ଥ ସୋସାଇଟିର ଇସି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ସହରାଞ୍ଚଳ ଜାତୀୟ ସ୍ୱାସ୍ଥ୍ୟ ମିଶନର ଅଧିକାରୀମାନେ ସ୍ୱାସ୍ଥ୍ୟ ଜିଲ୍ଲା ଉପରେ ଗୁରୁତ୍ୱ ଦେଇଥିଲେ । ଦୀର୍ଘ ସମୟ ଧରି ଏବାବଦରେ ଆଲୋଚନା ହୋଇଥିଲା । ଖୁବଶୀଘ୍ର ଏହି ନିଷ୍ପତ୍ତି ଉପରେ ଚୂଡ଼ାନ୍ତ ମୋହର ବାଜିବାର



ସମ୍ଭାବନା ରହିଥିବା ଏନଏଚଏମ୍‌ର ଜଣେ ଅଧିକାରୀ କହିଛନ୍ତି । ରାଜଧାନୀ ଭୁବନେଶ୍ୱର ସ୍ଥାପିତ ହେବାକୁ ଇତିମଧ୍ୟରେ ୭୭ ବର୍ଷ ବିତିଗଲାଣି । ଭୌଗୋଳିକ ଦୃଷ୍ଟିକୋଣକୁ ଦେଖିଲେ ବର୍ତ୍ତମାନ ଭୁବନେଶ୍ୱରର କ୍ଷେତ୍ରଫଳ ୧୮୬ ବର୍ଗ କିମି । ୨୦୧୧ ଜନସଂଖ୍ୟା ରିପୋର୍ଟ ହିସାବରେ ଏଠାରେ ୮ଲକ୍ଷ ୩୭ ହଜାର ଲୋକ ବାସ କରୁଥିଲେ । ବର୍ତ୍ତମାନ ଲୋକସଂଖ୍ୟା ୧୨ ଲକ୍ଷରୁ ଅଧିକ ହେଲାଣି । ଏଠାରେ ୬୭ଟି ୱାର୍ଡ ରହିଛି । ସହର ବାଦ୍ ଉପକଣ୍ଠ ଅଞ୍ଚଳ ଦିନକୁଦିନ ବଢୁଥିବାରୁ ଖୁବ କମ୍ ଦିନ ମଧ୍ୟରେ ଏସବୁ ଅଞ୍ଚଳ ସ୍ମାର୍ଟସିଟି ସହ ମିଶିଯିବ । ନୂଆ ସିଟି ଅଞ୍ଚଳ ମଧ୍ୟ ସୃଷ୍ଟି ହେଉଛି । ହେଲେ ଆଜି ବି ଭୁବନେଶ୍ୱର ଖୋର୍ଦ୍ଧା ଜିଲ୍ଲାରେ ରହିଛି ଓ ସ୍ୱାସ୍ଥ୍ୟ ମୁଖ୍ୟ ହେଉଛନ୍ତି ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ । ଜଣେ ସ୍ୱାସ୍ଥ୍ୟ ଅଧିକାରୀ ଭୁବନେଶ୍ୱର ସହ ଖୋର୍ଦ୍ଧା ଜିଲ୍ଲାକୁ ସମ୍ଭାଳୁଛନ୍ତି । ତେଣୁ ସ୍ୱାସ୍ଥ୍ୟ ସଂକ୍ରାନ୍ତୀୟ ନିଷ୍ପତ୍ତି, ଡାକ୍ତର ଓ ପାରା ମେଡିକାଲ ଷ୍ଟାଫ୍ ପଦବୀ ନିଯୁକ୍ତି ସହ ପ୍ରଶାସନିକ କାର୍ଯ୍ୟଭାର ଯୋଗୁ ତାଙ୍କ ଉପରେ ଚାପ ପଡୁଛି । ଦ୍ରୁତ ସହରୀକରଣ ଯୋଗୁ ଭୁବନେଶ୍ୱରରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ମଧ୍ୟ ବଢୁଛି । କଟକ ବଡ଼ ମେଡିକାଲ ଭଳି ଏଠାରେ କ୍ୟାପିଟାଲ ହସ୍ପିଟାଲ ରହିଛି । କ୍ୟାପିଟାଲ ହସ୍ପିଟାଲକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍) ଭଳି ଗଣାଯାଏ । ଡିଏଚ୍‌ଏଚ୍‌ରେ ଯେଉଁ ସୁବିଧା ରହିବା କଥା ତାହା ଏଠାରେ ରହିଛି । ସେହିପରି ଡାକ୍ତରୀ ପାଠ ପଢ଼ିବା ପାଇଁ ପିଜିଆଇଏମଇଆର ମଧ୍ୟ ଅଛି । ଏହାର କ୍ୟାମ୍ପସ କାମ ଏବେ ସରିବା ଉପରେ । ଏହାବାଦ୍ ରାଜଧାନୀରେ ୨୨ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ୟୁପିଏଚସି) ରହିଛି । ୧୮ଟି ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟକେନ୍ଦ୍ର (ୟୁଏଚଡବ୍ଲୁସି) ଓ ୪ଟି ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ୟୁସିଏଚସି) ରହିଛି । ଏଥିସହ ହୋମିଓପାଥିକ ଓ ଆୟୁର୍ବେଦିକ ହସ୍ପିଟାଲ ମଧ୍ୟ ରହିଛି । ସ୍ୱାସ୍ଥ୍ୟ ଭିତ୍ତିଭୂମିର ବଡ଼ ପେଣ୍ଠ ଭାବେ ଭୁବନେଶ୍ୱର ପରିଣତ ହୋଇଥିବା ବେଳେ ଏହାକୁ ସ୍ୱାସ୍ଥ୍ୟ ଜିଲ୍ଲା ମାନ୍ୟତା ଦେବାରେ ଅସୁବିଧା ନାହିଁ । ସ୍ୱାସ୍ଥ୍ୟ ଜିଲ୍ଲା ମାନ୍ୟତା ମିଳିଲେ ସ୍ୱାସ୍ଥ୍ୟ ସେବା ସୁବିଧାର ତଦାରଖ ହୋଇପାରିବ । ଜାତୀୟ ଓ ରାଜ୍ୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ବ୍ୟବସ୍ଥିତ ଭାବରେ କାର୍ଯ୍ୟକ୍ଷମ, ସ୍ୱାସ୍ଥ୍ୟ ଫଳାଫଳର ମୂଲ୍ୟାଙ୍କନ, ନିଜସ୍ୱ ପ୍ରଶାସନିକ ବ୍ୟବସ୍ଥା ମଧ୍ୟ ରହିବ । ସେହିପରି ଏକ ସ୍ଥାୟୀ ସୀମା ରେଖା ମଧ୍ୟରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ମିଳିବ । ସ୍ୱତନ୍ତ୍ର ସିଡିଏମଓ ରହିବେ । ନୂଆ ସରକାର ଆସିବା ପରେ ଏହା ଉପରେ ଗୁରୁତ୍ୱ ଦେବାକୁ ସ୍ୱାସ୍ଥ୍ୟ ବିଭାଗ ପ୍ରଚେଷ୍ଟା ଜାରି ରଖିଛି । ଏ ସଂକ୍ରାନ୍ତରେ ଏଡିପିଏଚଓ ନୀଳମଣି ସେନାପତିଙ୍କ କହିବା କଥା, ସ୍ୱାସ୍ଥ୍ୟ ଜିଲ୍ଲା ହେବା ନେଇ ପ୍ରକ୍ରିୟା ଜାରି ରହିଛି । ବାରମ୍ବାର ସିଟି ହେଲ୍‌ଥ ସୋସାଇଟି ବୈଠକରେ ଏହା ଆଲୋଚନା ହେଉଛି ।

# ଇତିହାସ ରଚିଲା ଭାରତୀୟ ରେଳ: ହାଇଡ୍ରୋଜେନ୍ ଚାଳିତ ଟ୍ରେନର ସଫଳ ପରୀକ୍ଷଣ



ନୂଆଦିଲ୍ଲୀ,୨୬/୦୭

ଇତିହାସ ରଚିଲା ଭାରତୀୟ ରେଳ । ହାଇଡ୍ରୋଜେନ୍ ଚାଳିତ ଟ୍ରେନର ସଫଳ ପରୀକ୍ଷଣ ହୋଇଛି । ଏହି ପରୀକ୍ଷଣ ଚେନ୍ନାଇର ଇଣ୍ଟିଗ୍ରାଲ୍ କୋଚ୍ ଫ୍ୟାକ୍ଟ୍ରିରେ କରାଯାଇଛି । ତେବେ ଅଗଷ୍ଟ ଶେଷ ସୁଦ୍ଧା ଭାରତର ପ୍ରଥମ ହାଇଡ୍ରୋଜେନ୍ ଚାଳିତ ଟ୍ରେନ୍ ଚାଲିବା ନେଇ ପ୍ରସ୍ତୁତି ଚାଲିଛି । ଏହା ଜିନ୍ଦ-ସୋନିପତ ମଧ୍ୟରେ ପ୍ରାୟ ୯୦ କିଲୋମିଟର ଚାଲିବ । ଏହା ସହିତ ଆଗକୁ ପ୍ରାୟ ୩୫ଟି ଏପରି ଟ୍ରେନ୍ ଚଳାଇବାର ଯୋଜନା ମଧ୍ୟ ରହିଛି । ତେବେ ଏହା ଏକ ନନ୍-ଏସି ଟ୍ରେନ୍ ହେବ । ଏଥିରେ ୨ଟି ହାଇଡ୍ରୋଜେନ୍ ଇଞ୍ଜିନ୍ ରହିବ । ଏହା ସହିତ ଏଥିରେ ୮ଟି ଯାତ୍ରୀବାହୀ କୋଚ୍ ରହିବ । ଏହି ଟ୍ରେନ୍ ଉତ୍ତର ରେଳବାଇ ଦ୍ୱାରା ଜିନ୍ଦ-ସୋନିପତ ଟ୍ରାକ୍ ଉପରେ ଚାଲିବ । ଏହାର ଗତି ଘଣ୍ଟା ପ୍ରତି ପ୍ରାୟ ୧୧୦ କିଲୋମିଟର ହେବ । ଆଇସିଏଫ୍ ଦ୍ୱାରା ଏକ ୧୨୦୦ ହର୍ସପାୱାର୍ ପ୍ରୋଟୋଟାଇପ୍ ହାଇଡ୍ରୋଜେନ୍ ଇଞ୍ଜିନ୍ ବିକଶିତ କରାଯାଉଛି । ଏହି ଟ୍ରେନ୍‌କୁ କମ୍ ଦୂରତା କଭର କରିବା ପାଇଁ ବିକଶିତ କରାଯାଉଛି । ଆଇସିଏଫ୍ ଜେନେରାଲ ମ୍ୟାନେଜର ସୁବ୍ବା ରାଓ ଏକ ସାକ୍ଷାତକାରରେ ଡେକାନ ହେରାଲ୍ଡକୁ କହିଛନ୍ତି ଯେ, ଆମେ ପ୍ରଥମ ପାୱାର କାର୍‌ର ପରୀକ୍ଷଣ କରିଛୁ । ଦ୍ୱିତୀୟ ପାୱାର କାର୍‌ର ପରୀକ୍ଷଣ ଆଗାମୀ ଦୁଇ ସପ୍ତାହ ମଧ୍ୟରେ କରାଯିବ । ଏହା ପରେ, ସମ୍ପୂର୍ଣ୍ଣ ଟ୍ରେନର ପରୀକ୍ଷଣ କରାଯିବ, ଯେଉଁଥିରେ ୮ଟି ଯାତ୍ରୀବାହୀ କାର୍ ରହିବ । ଆମେ ଅଗଷ୍ଟ ୩୧ ସୁଦ୍ଧା ପ୍ରଥମ ହାଇଡ୍ରୋଜେନ ଚାଳିତ କାର୍ ଚଳାଇବାକୁ ଯୋଜନା କରୁଛୁ । ଶେଷ ପରୀକ୍ଷଣ ଉତ୍ତର ରେଳବାଇ ଦ୍ୱାରା କରାଯିବ । ତେବେ ଟ୍ରେନ୍‌ଟି ଏକ ହାଇଡ୍ରୋଜେନ୍ ଇନ୍ଧନ ପ୍ରଣାଳୀରେ ଚାଲିବ । ଯେଉଁଥିରେ ହାଇଡ୍ରୋଜେନ୍ ଗ୍ୟାସ୍ ଟ୍ୟାଙ୍କରେ ଭର୍ତ୍ତି କରାଯିବ । ଟ୍ରେନ୍‌ରେ ଏକ ବ୍ୟାଟେରୀ ପ୍ରଣାଳୀ ମଧ୍ୟ ରହିବ, ଯାହାକୁ ହାଇଡ୍ରୋଜେନ୍ ଇନ୍ଧନ ସେଲ୍ ଦ୍ୱାରା ଚାର୍ଜ କରାଯିବ । ହାଇଡ୍ରୋଜେନ୍‌ରୁ ଉତ୍ପାଦିତ ବିଦ୍ୟୁତ୍ ବ୍ୟାଟେରୀରେ ସଂରକ୍ଷଣ କରାଯିବ । ଏହା ପରେ ଏହା ଏକ ବୈଷୟିକ ପ୍ରକ୍ରିୟା ଦେଇଯିବ ଏବଂ ଟ୍ରେନର ଆକ୍ସଲରେ ଥିବା ଟ୍ରାକ୍ସନ୍ ମୋଟର ପର୍ଯ୍ୟନ୍ତ ପହଞ୍ଚିବ । ଏହି ଶକ୍ତି ସହିତ ଟ୍ରେନ ଚାଲିବ । ବର୍ତ୍ତମାନ ଜର୍ମାନୀ, ଫ୍ରାନ୍ସ, ସ୍ୱିଡେନ ଏବଂ ଚୀନ୍ ଭଳି ଦେଶରେ ହାଇଡ୍ରୋଜେନ୍ ଟ୍ରେନ୍ ଚଳାଉଛନ୍ତି । ଏହାର ଏକ ବିଶେଷତ୍ୱ ହେଉଛି ଏହା ପ୍ରଦୂଷଣ ସୃଷ୍ଟି କରିବ ନାହିଁ । ଏହା କୌଣସି ବିଷାକ୍ତ ଗ୍ୟାସ୍ ନିର୍ଗତ କରିବ ନାହିଁ । ପ୍ରାୟ ୨ ବର୍ଷ ପୂର୍ବେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରାଜ୍ୟସଭାରେ ଏହି ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଥିଲେ ।